₹ : 25

# ଆମରି ସତ୍ୟ

# AMARI SATYA

ଦ୍ୱାଦଶ ବର୍ଷ, ଷଷ୍ଠ ସଂଖ୍ୟା
ମାସିକ, ଡିସେମ୍ବର-୨୦୨୨, ପୃଷ୍ଠା ସଂଖ୍ୟା ୩୬

RNI Regn. No. - ODI/ODI/2010/350521
Postal Regd. No. : PURI-33/2019-21












A Last Salute to
CDS General Bipin Rawat


ରାଣା ପ୍ରତାପ ଦାସ







# ଆମରି ସତ୍ୟ

# AMARI SATYA

ଭିନ୍ନସ୍ୱାଦର ମାସିକ ପତ୍ରିକା...

ଦ୍ୱାଦଶ ବର୍ଷ - ଷଷ୍ଠ ସଂଖ୍ୟା - ଡିସେମ୍ବର, ୨୦୨୧

**ପ୍ରତିଷ୍ଠାତା**

**ଡ. ପ୍ରମୋଦ ଚନ୍ଦ୍ର ଦାଶ**

୯୪୩୭୨୮୧୬୫୫

ସଂପାଦକ

**ଡ. ପ୍ରସନ୍ନ କୁମାର ଜେନା**

୯୮୬୧୦୧୬୩୪୯

ସହଯୋଗୀ ସମ୍ପାଦକ

**ଶ୍ରୀ ସତ୍ୟବାଦୀ ବର୍ଲିଆରସିଂହ**

୯୨୩୭୦୮୯୫୦୯

ସହ ସମ୍ପାଦକ

**ଶ୍ରୀ ତ୍ରିଲୋଚନ ମହାପାତ୍ର**

୯୯୩୮୯୯୪୮୨୨

**ଶ୍ରୀ ସତ୍ୟନାରାୟଣ ସାମନ୍ତରାୟ**

୯୪୩୮୭୩୪୮୧୬

**ଡ. ଅଜୟ କୁମାର ସ୍ୱାଇଁ**

୯୪୩୭୨୮୧୪୮୨

**ଡ. ଭବାନୀ ଶଙ୍କର ଦାଶ**

୯୪୩୭୧୩୧୯୯୬

ସଂଯୋଜକ

**ଡ. ନିରଞ୍ଜନ ମହାନ୍ତି**

୯୪୩୭୧୬୦୩୫୫

**ଶ୍ରୀ ଆଦିନାରାୟଣ ଖଣ୍ଡୁଆଲ**

୯୨୩୮୫୯୨୨୭୭

ପରିଚାଳନା ସଂଯୋଜକ

**ଶ୍ରୀ ସର୍ବେଶ୍ୱର ମହାପାତ୍ର**

୯୯୩୮୪୪୨୪୨୮

**ଶ୍ରୀ ସମରଜିତ୍ ପଟ୍ଟନାୟକ**

୯୮୬୧୧୨୧୨୦୫

**ଶ୍ରୀ ବିଭୁପ୍ରସାଦ ହରିଚନ୍ଦନ**

୭୦୭୭୯୮୩୮୪୦

**ଡ. ପ୍ରେମଚାନ୍ଦ ମହାନ୍ତି**

୯୪୩୭୧୨୭୮୨୦

**ଡ. ରଶ୍ମିରଞ୍ଜନ ନାଥ**

୯୯୮୬୧୪୭୭୧୯୫

ପ୍ରଚ୍ଛଦ ଓ ଅଙ୍ଗସଜ୍ଜା

**ଶ୍ରୀ ରାଜୀବ ରଥ**

୭୫୦୪୬୬୯୭୯୨

**ଶ୍ରୀ ପ୍ରୀତମ୍ ବଳୀୟାରସିଂହ**

୯୯୩୭୫୮୧୩୧୮

**ଯୋଗାଯୋଗ:**

**'ଆମରିସତ୍ୟ'**

ଏମ୍ - ୧/୫, ମୁକୁନ୍ଦପ୍ରସାଦ

ହାଉସିଂ ବୋର୍ଡ଼ କଲୋନୀ

ପୋ.ଅ.- ପି.ଏନ୍. କଲେଜ,

ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା

ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର କାର୍ଯ୍ୟାଳୟ-**

**ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ମହାପାତ୍ର**

ନିର୍ଦ୍ଦେଶକ,ଆମରିସତ୍ୟ

ଏମ-୫/୨୩,ଆଚାର୍ଯ୍ୟ ବିହାର

ଭୁବନେଶ୍ୱର-୧୩ ଓଡ଼ିଶା

ଫୋନ୍ ନଂ:୯୪୩୮୪୧୬୩୪୭

**ଜଟଣୀ କାର୍ଯ୍ୟାଳୟ -**

**ଶ୍ରୀଯୁକ୍ତ ପଦ୍ମନାଭ ପାଣିଗ୍ରାହୀ**

ବନମାଳୀ କଲୋନୀ,ଜଟଣୀ

ଫୋନ୍ ନଂ:୯୩୩୮୨୨୧୩୭୪

**ଗ୍ରାହକମାନଙ୍କ ପାଇଁ ସୂଚନା**

| | |
|---|---|
| ୧. ପ୍ରତି ଖଣ୍ଡ ଦେୟ | ଟ.୨୫/- |
| ୨. ବାର୍ଷିକ ଦେୟ | ଟ.୨୫୦/- |
| ୩. ୨ବାର୍ଷିକ ଦେୟ | ଟ.୪୫୦/- |
| ୪. ୩ ବାର୍ଷିକଦେୟ | ଟ.୬୫୦/- |
| ୫. ଆଜୀବନ ସଦସ୍ୟ | ଟ.୩୦୦୦/- |

(ଆଜୀବନ ସଦସ୍ୟତା ୧୪ ବର୍ଷ ପାଇଁ )

ପରାମର୍ଶଦାତା ମଣ୍ଡଳୀ

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**

ପ୍ରାକ୍ତନ କୁଳପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ

**ଡ. ନାରାୟଣ ରାଓ**

ପ୍ରାକ୍ତନ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ଡ. ଅଭୟ କୁମାର ନାୟକ**

କୁଳସଚିବ, ନାଇଜର, ଭୁବନେଶ୍ୱର

**ଡ.ଶରଚ୍ଚନ୍ଦ୍ର ମହାପାତ୍ର**

ପ୍ରାକ୍ତନ ଅଧକ୍ଷ, ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ

**ଡ. ବସନ୍ତ କିଶୋର ସାହୁ**

ଶିଶୁ ସାହିତ୍ୟିକ, କୁସୁପୁର, କଟକ

**ଶ୍ରୀ ଭୀମସେନ ପ୍ରଧାନ**

ଶିକ୍ଷାବିତ୍, ଖୋରଧା।

**ଶ୍ରୀ ଅନୀଲ କୁମାର ଶତପଥୀ**

ବରିଷ୍ଠ ଆଇନଜୀବୀ ଓ ସମାଜସେବୀ, ଭୁବନେଶ୍ୱର।

**ଡ. ବିଷ୍ଣୁ ଚରଣ ସାହୁ**

ଶିକ୍ଷାବିତ୍ ଓ ସମାଜସେବୀ, ଭୁବନେଶ୍ୱର୍।

**ଡ. ଗୌରୀଶଙ୍କର ପ୍ରହରାଜ**

ଶିକ୍ଷାବିତ୍,ଭୁବନେଶ୍ୱର

**ଶ୍ରୀ ଜବାହରଲାଲ ସୁବୁଦ୍ଧି**

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା

**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**

ସାହିତ୍ୟିକ, ଖୋରଧା

ଦେୟ ମନି ଅର୍ଡର, ଡ୍ରାଫଟ୍ କିମ୍ବା ଚେକ୍ ମାଧ୍ୟମରେ 'ଆମରିସତ୍ୟ' ନାମରେ ପଠାଇବାକୁ ଅନୁରୋଧ। ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ, ଖୋର୍ଦ୍ଧା ଆକାଉଣ୍ଟ ନମ୍ବର ୩୧୦୩୩୯୭୪୨୨୬। **IFSC-SBIN0012027, MICR-752002151**

'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ।

**AMARISATYA :** AGENCY FOR MANAGEMENT, ADVOCACY, RESEARCH, IMPLEMENTATION, SERVICES AND TRAINING ON YOUTH AFFAIRS.

website: www.amarisatya.in • Email:amarisatya@gmail.com , amarisatya@rediffmail.com


# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସକାଳ ବନ୍ଦନା : ସଂଜ ପ୍ରାର୍ଥନା | ରମେଶ ମଙ୍ଗରାଜ | ୦୨ |
| ୨. | ସମ୍ପାଦକୀୟ | | ୦୩ |
| ୩. | ହିତ ବାଣୀ | | ୦୪ |
| ୪. | ସତ୍ୟପରାୟଣତା ଓ ସ୍ୱାସ୍ଥ୍ୟ | ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ | ୦୫ |
| ୫. | ବିଜ୍ଞାନ ବିଚିତ୍ରା | ଡକ୍ଟର ପ୍ରେମଚାନ୍ଦ ମହାନ୍ତି | ୦୭ |
| ୬. | ଶୀତପାଇଁ ଗୀତଟିଏ | ଜବାହରଲାଲ ସୁବୁଦ୍ଧି | ୧୦ |
| ୭. | ସମର୍ପଣ | ରବୀନ୍ଦ୍ରନାଥ ଖଣ୍ଡୁଆଳ | ୧୧ |
| ୮. | ବଡ ମଣିଷଙ୍କ ଜୀବନ କଥା (୬) | ଶ୍ରୀ ରବୀନ୍ଦ୍ରନାଥ ପ୍ରଧାନ | ୧୧ |
| ୯. | ନୀତି କବିତା | ଶକୁନ୍ତଳା ରଥ | ୧୧ |
| ୧୦. | ଓଲଟା | ପ୍ରସନ୍ନ କୁମାର ନାୟକ | ୧୨ |
| ୧୧. | ବନ୍ଧୁ ପରି ବନ୍ଧୁଟିଏ | ବିଜୟଲକ୍ଷ୍ମୀ ଦାଶ | ୧୨ |
| ୧୨. | ପରୋପକାର | ଉମାଶଙ୍କର ପ୍ରସାଦ | ୧୩ |
| ୧୩. | ବାପା..... | ଲୋହିତ ନାରାୟଣ ମହାପାତ୍ର | ୧୩ |
| ୧୪. | ଦୂରଦୃଷ୍ଟି ଓ ଅନ୍ତର୍ଦୃଷ୍ଟି | ତୁଳସୀ ଜୈନ | ୧୪ |
| ୧୫. | ଆଉ କେ' ମାଆ ଡାକିବ | ସତ୍ୟବାଦୀ ସାହୁ | ୧୬ |
| ୧୬. | ବୃଦ୍ଧ ଜୀବନର ମୂଲ୍ୟ | ଶ୍ରୀ ଜଗନ୍ନାଥ ନାୟକ | ୧୬ |
| ୧୭. | କେତେ କାଳଜୟୀ ଆମ ସଂସ୍କୃତି | ହରୀଶ ଚନ୍ଦ୍ର ପୃଷ୍ଟି | ୧୭ |
| ୧୮. | ତ୍ରିମୁନି | ପଣ୍ଡିତ ଶ୍ରୀ ସୁଧାକର ଷଡ଼ଙ୍ଗୀ | ୧୮ |
| ୧୯. | ମୁଖା | ବୈଜୟନ୍ତୀ ପଟ୍ଟନାୟକ | ୨୦ |
| ୨୦. | ମୟୂରଚୂଳ | ସୂର୍ଯ୍ୟକାନ୍ତି ଦାଶ | ୨୦ |
| ୨୧. | ବିଦ୍ୟା ଅଟଇ ମହାଧନ | ସୌମ୍ୟରଞ୍ଜନ ପାଣିଗ୍ରାହୀ | ୨୦ |
| ୨୨. | ସମୁଦ୍ର ଲେମ୍ବୁ ଓ କାକୁଡି | ଅଧ୍ୟାପକ ମନୋଜ ମହାପାତ୍ର | ୨୧ |
| ୨୩. | ଭାରତୀୟ ବ୍ୟାଡମିଣ୍ଟନର... | ଆଶିଷ କୁମାର ରାୟ | ୨୨ |
| ୨୪. | କବିତା | ଆଶାମଣି ବେହେରା | ୨୩ |
| ୨୫. | ସମ୍ବାଦ ବିଚିତ୍ରା | | ୨୪ |
| ୨୬. | ସାଧାରଣ ଜ୍ଞାନ | | ୨୫-୩୨ |




## ସକାଳ ବନ୍ଦନା : ସଂଜ ପ୍ରାର୍ଥନା

(୬୧)



**ରମେଶ ମଙ୍ଗରାଜ**

ନିସଙ୍ଗତା କେବେ ଅନୁଭବି ନାହିଁ
ତମେ ଅଛ ପ୍ରଭୁ ପାଖରେ ମୋର
ଯୁଆଡ଼େ ଚାହିଁଲେ ତୁମ ରୂପ ଦିଶେ
ତମପାଇଁ ସାରା ବିଶ୍ୱ ସୁନ୍ଦର । ॥୦॥

ବିଶ୍ୱ ଚିନ୍ତାମଣି ବୋଲାଉଛ ତମେ
ଜଗତର ନାଥ ହେ' ଜଗନ୍ନାଥ
ଅଢ଼େଇ ଦିନର ସଂସାର ଖେଳରେ
ସବୁ ମିଛ ମାୟା ତମେ ହିଁ ସତ୍ୟ
ସତ୍ୟ ସନାତନ ହେ' କଳାବଦନ
ତୁଣ୍ଡରେ ଥାଉ ମୋ' ନାମ ତୁମର । ॥୧॥

ଯୁଆଡ଼େ ଚାହିଁଲେ.........
ଦିଗହରା ହୋଇ ଭରସା ରଖିଛି
ତରିବା ପାଇଁକି ଭବ ସାଗରେ
ତମରି ନାମକୁ ଭେଳା ମୁଁ କରିଛି
ଛନ୍ଦିହୋଇ ନିତି ମାୟା ଜଞ୍ଜାଳେ
ଜୀବ ଯିବାବେଳେ ପାଖେ ଥିବ ପ୍ରଭୁ
ତୁମେ ହିଁ ତ' ଶେଷ ଆଶ୍ରୟସ୍ଥଳ । ॥୨॥

ଯୁଆଡ଼େ ଚାହିଁଲେ............

**କବି ଓ କବିତା ଭବନ**
**ମହୁଲ, ଅଙ୍ଗାରପଡ଼ା,**
**ମୋ - ୯୧୭୮୬୨୬୨୮୦**



ଦରିଦ୍ରକୁ ଚିକିତ୍ସା କଲେ ବୈଦକୁ ଭଗବାନ ପାରିଶ୍ରମିକ ଦିଅନ୍ତି।



# ସମ୍ପାଦକୀୟ....

ଦୀର୍ଘ ୧୫ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଦିଲ୍ଲୀ ସୀମାରେ ଆନ୍ଦୋଳନରେ ବସିଥିବା କୃଷକମାନେ ଆନ୍ଦୋଳନ ବନ୍ଦ ଘୋଷଣା କରିଛନ୍ତି। ଚାଷୀମାନେ ଗତବର୍ଷ ଅଗଷ୍ଟରୁ କୃଷି ଆଇନକୁ ବିରୋଧ କରି ଆନ୍ଦୋଳନ ଚଳାଇଥିଲେ। ସରକାର ସେମାନଙ୍କର ପ୍ରାୟ ସବୁ ଦାବି ମାନି ନେବାପରେ ଆସନ୍ତା ୧୧ ତାରିଖରେ ସେମାନେ ଆନ୍ଦୋଳନ ବନ୍ଦ କରିବେ ବୋଲି ଘୋଷଣା କରିଛନ୍ତି। ୨୦୨୦ ସେପ୍ଟେମ୍ବରରୁ ତିନି ବିବାଦୀୟ କୃଷି ଆଇନ ପ୍ରତ୍ୟାହାର, ଏମ୍.ଏସ୍.ପି ଆଇ ଆଇନଗତ ଗ୍ୟାରେଣ୍ଟି, ନଡ଼ାପୋଡ଼ିକୁ ଅପରାଧ ପଦବାଚ୍ୟ କରୁଥିବା ଆଇନ ପ୍ରତ୍ୟାହାର ଆଦି ଦାବି ନେଇ ପଞ୍ଜାବ ଓ ହରିୟାଣାର କୃଷକମାନେ ଆନ୍ଦୋଳନ ଆରମ୍ଭ କରିଥିଲେ ମଧ ନଭେମ୍ବର ୨୫ ରୁ ସେମାନେ ଦିଲ୍ଲୀ ସୀମାରେ ବସିଥିଲେ। ପରେ ଏହା ବ୍ୟାପକ ରୂପ ନେଇଥିଲା। ସରକାର ଏହାକୁ ଅଣଦେଖା କରିବାପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରି ବିଫଳ ହୋଇଥିଲେ।

ପ୍ରାୟ ୧୩ ଥର କୃଷ ସଂଗଠନଗୁଡ଼ିକ ସହ କରିଥିବା ଆଲୋଚନାରୁ ମଧ ସଫଳ ମିଳିନଥିଲା। ଏମିତି କି ସର୍ବୋଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ ମଧ ଆନ୍ଦୋଳନକୁ ଦବାଇ ପାରିନଥିଲା। ଶେଷରେ ନଭେମ୍ବର ୧୯ ରେ ପ୍ରଧାନମନ୍ତ୍ରୀ ଅଚାନକ ତିନି ବିବାଦୀୟ ଆଇନ ପ୍ରତ୍ୟାହାର ସଂପର୍କରେ ଘୋଷଣା କରିଥିଲେ। ନଭେମ୍ବର ୨୯ ରେ ଏ ସଂକ୍ରାନ୍ତ ବିଧେୟକ ସଂସଦରେ ଗୃହୀତ ହୋଇଥିଲା। ଅନ୍ୟ ଦାବିଗୁଡ଼ିକ ମାନିନେବା ପାଇଁ ସରକାର ଲିଖିତ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନର ଅନ୍ତ ଘଟିଛି। ସରକାର ଆନ୍ଦୋଳନରତ ଚାଷୀଙ୍କ ବିରୋଧରେ ମାମଲା ପ୍ରତ୍ୟାହାର ପାଇଁ ପ୍ରତିଶ୍ରୁତି ଦେବାପରେ ଏବଂ ଏମ୍.ଏସ୍.ପି ସଂକ୍ରାନ୍ତରେ ଏକ କମିଟି ଗଠନ କରିବାକୁ କହିବାପରେ ଆଜି ଚାଷୀ ନେତାମାନେ ଏକ ବୈଠକରେ ଆନ୍ଦୋଳନ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ ଏବଂ ସାମ୍ବାଦିକ ସମ୍ମିଳନୀରେ ଏହା ଘୋଷଣା କରିଥିଲେ।

କୃଷକମାନଙ୍କ ଆନ୍ଦୋଳନ ଏକ ନିର୍ଣ୍ଣାୟକ ଦିଗରେ ପରିଣତ ହେଲା, ମାତ୍ର ସରକାର କେତେଦୂର ସେମାନଙ୍କର ଦାବିଗୁଡ଼ିକ ପୂରଣ କରିବେ ତାହା ସମୟ କହିବ। କୃଷକମାନେ ଅନ୍ନଦାତା। ସେମାନେ ଭଲରେ ରହିଲେ ସମସ୍ତେ ଉପଯୁକ୍ତ ଖାଦ୍ୟ ପାଇବେ ଏବଂ ଦେଶରୁ ଖାଦ୍ୟାଭାବ ଦୂର ହୋଇପାରିବ।


ଡ. ପ୍ରସନ୍ନ କୁମାର ଜେନା



ଜୀବନରେ ଯାହାର କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନାହିଁ ସେ ହେଉଛି ସମାଜରେ ସବୁଠାରୁ ବଳି ଦରିଦ୍ର।

# ହିତ ବାଣୀ





## ଗୀତା

ମୟ୍ୟାବେଶ୍ୟ ମନୋ ଯେ ମାଂ ନିତ୍ୟ ଯୁକ୍ତା ଉପାସତେ
ଶ୍ରଦ୍ଧୟା ପରୟୋପେତାସ୍ତେ ଯୁକ୍ତତମା ମତାଃ ॥

ଶ୍ରୀ ଭଗବାନ କହିଲେ, ଯେଉଁ ବ୍ୟକ୍ତିମାନେ ମୋର ସାକାର ରୂପରେ ମନକୁ ସ୍ଥିରରଖି ସର୍ବଦା ଅତ୍ୟନ୍ତ ଶ୍ରଦ୍ଧା ଓ ବିଶ୍ୱାସର ସହିତ ମୋର ପୂଜା, ଉପାସନାରେ ନିଯୁକ୍ତ ଥାଆନ୍ତି, ମୋ ବିଚାରରେ ସେମାନେ ସର୍ବୋତ୍ତମ ଯୋଗୀ ଅଟନ୍ତି।

## ଚାଣକ୍ୟ ଶ୍ଳୋକ

**କୁଗ୍ରାମ ବାସଃ କୁଜନସ୍ୟ ସେବା**
**କୁ ଭୋଜନଂ କ୍ରୋଧମୁଖୀ ଚ ଭାର୍ଯ୍ୟା**
**ପୁତ୍ରଶ୍ଚ ମୂର୍ଖ ବିଧବା ଚ କନ୍ୟା**
**ବିନାଗ୍ନିନା ଷଟ ପ୍ରଦହନ୍ତି କାୟଂ**
(କୁଗ୍ରାମରେ ବାସ ମୂର୍ଖ ଜନସେବା
ପତ୍ନୀ କ୍ରୋଧମୁଖୀ ଆମେଧ ଖାଇବା
ବିଧବା ଦୁହିତା ପୁତ୍ର ମୂର୍ଖପ୍ରାୟ
ଏସବୁ ଅନଳ ବିନା ଦହେ ଦେହ ॥ )

## ଲୋକବିଚାର

ସନ୍ଧ୍ୟାକାଳେ ଚାରିକାର୍ଯ୍ୟ କରିବ ବର୍ଜନ
ବିଦ୍ୟାର ଅଭ୍ୟାସ ନିଦ୍ରା, ଆହାର, ମୈଥୁନ
କଲେ ବିଦ୍ୟାର ମୂର୍ଖତା ଖାଦ୍ୟେ ରୋଗ ଜାତ
ନିଦ୍ରାରେ ବିମୁଖ ଲକ୍ଷ୍ମୀ ମୈଥୁନେ ନିହତ ॥

## ଢଗଢମାଳି

ଅଦିନ କୁହୁଡି ଦୁଇ ପହରେ
ଦେଖାଯାଏ ଯେବେ କେଉଁ ଦିନରେ
ଆଠଦିନେ ମଧ୍ୟେ ବରଷେ ଜଳ
ପ୍ରାଣୀଙ୍କୁ କାହିଁ ନମିଳଇ ସ୍ଥଳ ॥

## ଭାଗବତ ବାଣୀ

କର୍ମର ବଶ ହୁଏ ଜନ୍ତୁ
ଜନ୍ମ ମରଣ କର୍ମ ହେତୁ
କର୍ମ କରଣେ ଫଳ ପାଇ
ପ୍ରାଣୀ ତା ଅବଶ୍ୟ ଭୁଞ୍ଜଇ
ଆପଣା କଲା କର୍ମମାନ
ବେଳହୁଁ ହେବ ସାବଧାନ ॥

## କୁହତ ଦେଖି

ଗୋଟିଏ ଥାଳିରେ ଦୁଇଟି ଅଣ୍ଡା,
ଗୋଟିଏ ଗରମ ଓ ଅନ୍ୟଟି ଥଣ୍ଡା ॥
(ଆକାଶରେ ସୂର୍ଯ୍ୟ ଓ ଚନ୍ଦ୍ର)



ଯେଉଁଲୋକ ଜାଣିଶୁଣି କିଛି ନା କିଛି ନଷ୍ଟ କରେ ସେ ଦିନେ ନା ଦିନେ ଦାରିଦ୍ର୍ୟ ଭିତରେ ପଡ଼େ।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ

ଶ୍ରୀକ୍ଷେତ୍ରବାସୀଙ୍କ ପାଇଁ ୨୪ ନଭେମ୍ବର ବୁଧବାର ଦିନଟି ସର୍ବଦା ସ୍ମରଣୀୟ ରହିବ। ଶ୍ରୀମନ୍ଦିର ଚାରିପଟେ ୭୫ ମିଟର ଚୌହଦିରେ ନିର୍ମାଣ ହେଉଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ । ମହାପ୍ରଭୁଙ୍କ ପାଇଁ ଜମି ଦାନ କରିଥିବା ୧୦ ଜଣ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନକୁ ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ । ସୂଚନାଯୋଗ୍ୟ ଯେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ୮୩୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।

ଏହି ପ୍ରକଳ୍ପର ଚାରି ଗୋଟି ବିଶେଷତ୍ୱ ରହିଛି –

**ପ୍ରଥମଟି** – ପରିକ୍ରମା ପ୍ରକଳ୍ପରେ ଯାତ୍ରୀ ସେବା ଓ ଐତିହ୍ୟ ପରିକ୍ରମା ବିକାଶ।

**ଦ୍ୱିତୀୟଟି** – ୬ ହଜାର ତୀର୍ଥଯାତ୍ରୀଙ୍କ ପାଇଁ ଅଭ୍ୟର୍ଥନା ପ୍ରକୋଷ୍ଠ।

**ତୃତୀୟଟି** – ଦର୍ଶନାର୍ଥୀଙ୍କୁ ଯାବତୀୟ ସୁବିଧା ସୁଯୋଗ ପ୍ରଦାନ।

**ଚତୁର୍ଥଟି** – ପରିକ୍ରମା ପ୍ରକଳ୍ପ ପରିସରରେ ରହିଥିବା ୧୫ଟି ପୁରାତନ ମଠ ସମୂହର ପୁନଃନିର୍ମାଣ।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପଟିକୁ ୯ଟି ଜୋନ୍‌ରେ ବିଭକ୍ତ କରାଯାଇଛି। ଶ୍ରୀମନ୍ଦିର ସାମ୍ନା ଇଲାକା ସମ୍ପୂର୍ଣ୍ଣ ଖୋଲା ରହିବ। ପରିକ୍ରମା ପ୍ରକଳ୍ପ ଶ୍ରୀମନ୍ଦିରର ଅନ୍ୟ ତିନି ଦିଗରେ ରହିବ।

୧. **ପ୍ରଥମ ପରିକଳ୍ପନା**ରେ ରହିଛି ମେଘନାଦ ପାଚେରିକୁ ଲାଗି ସାତ ମିଟର ଓସାର ଇଲାକାରେ ଚିହ୍ନଟ ହେବ ବଫର ଜୋନ । ଏହାକୁ ଦୁଇ ଭାଗ କରାଯାଇଛି ମେଘନାଦ ପାଚେରି କଡ଼ରେ ଦୁଇ ମିଟର ଇଲାକାରେ ଷ୍ଟାଫଙ୍କ ତଦାରଖ ପାଇଁ ବଫର ଜୋନ । ବାକି ୫ ମିଟର ଇଲାକାରେ ଏକ ମିଟର ଉଚ୍ଚତାର ଆକର୍ଷଣୀୟ ଟେରେସ୍।

୨. **ଭିତର ପ୍ରଦକ୍ଷିଣ ମାର୍ଗ:** ଏହାକୁ ଲାଗି ଦଶ ମିଟର ଇଲାକାରେ ଭିତର ପ୍ରଦକ୍ଷିଣ ମାର୍ଗ । ଏହି ପରିକ୍ରମା ମାର୍ଗରେ ଠାକୁରମାନେ ଯାନିଯାତ୍ରାରେ ଶ୍ରୀମନ୍ଦିର ବାହାରେ ପରିକ୍ରମା କରିବେ। ତା ସହ ଅନ୍ୟ ସମୟରେ ଯାତ୍ରୀମାନେ ଏହି ପରିକ୍ରମା ମାର୍ଗ ଦେଇ ଶ୍ରୀମନ୍ଦିର ପ୍ରଦକ୍ଷିଣ କରିବେ।

୩. **ଲ୍ୟାଣ୍ଡସ୍କେପ୍ ଜୋନ୍:** ଏହାକୁ ଲାଗି ରହିବ ୧୪ ମିଟର ଓସାରର ଲ୍ୟାଣ୍ଡସ୍କେପ୍ ଜୋନ୍ । ଏହି ଜୋନରେ ଉଦ୍ୟାନ ରହିବ । ମହାପ୍ରଭୁଙ୍କ ସେବାପୂଜାରେ ବିନିଯୋଗ ହେଉଥିବା ବନସ୍ପତି, ପୁଷ୍ପ, ପତ୍ର ଆଦି ଏହି ଲ୍ୟାଣ୍ଡସ୍କେପରେ ରହିବ।

୪. **ବାହ୍ୟ ପ୍ରଦକ୍ଷିଣ ମାର୍ଗ:** ଭିତର ପରିକ୍ରମାକୁ ଲାଗି ନିର୍ମାଣ ହେବ ୮ ମିଟର ଚଉଡ଼ାର ବାହ୍ୟ ପ୍ରଦକ୍ଷିଣ ମାର୍ଗ।ଏହି ଜୋନରେ ବୃକ୍ଷ ରୋପଣ ହେବ। ତୀର୍ଥଯାତ୍ରୀଙ୍କୁ ଗଛ ଛାଇ ଯୋଗାଇବାକୁ ବନାନୀ ସୃଷ୍ଟି ଭଳି ବନୀକରଣ ହେବ।

୫. **ଲୋକସେବା ଜୋନ୍:** ବାହ୍ୟ ପ୍ରଦକ୍ଷିଣ ଜୋନକୁ ଲାଗି ରହିବ ୧୦ ମିଟର ଚଉଡ଼ାର ଲୋକସେବା ଜୋନ୍। ଏହି ଜୋନ ବୃକ୍ଷଲତା ସମେତ ବିଶ୍ରାମ କକ୍ଷ, ପାନୀୟ ଜଳ ସେବା, ଜଳ ଫୁଆରା, ସୂଚନା ଓ ଦାନ କେନ୍ଦ୍ର, ପଥଚାରୀଙ୍କ ପାଇଁ ପଥପ୍ରାନ୍ତ ବିଶ୍ରାମ ବ୍ୟବସ୍ଥା ରହିବ।

୬. **ରକ୍ଷଣାବେକ୍ଷଣ ମାର୍ଗ:** ପରିକ୍ରମା ପ୍ରକଳ୍ପ ମାର୍ଗର ରକ୍ଷଣାବେକ୍ଷଣ ପାଇଁ ଯାନବାହନ ଚଳାଚଳ ନିମନ୍ତେ ପାଞ୍ଚମିଟର ଜୋନ ଲୋକ ସେବା ଜୋନ୍‌କୁ ଲାଗି ରହିବ । ଏହି ରାସ୍ତା ଦେଇ ଯାନବାହନ ତଥା ଯନ୍ତ୍ରାଂଶ ଆଦି ପରିକ୍ରମା ଭିତରକୁ ଯାତାୟତ କରିବ।

୭. **ଆପଦକାଳୀନ ସେବା:** ଏହି ଜୋନକୁ ଲାଗି ରହିବ ଜରୁରିକାଳୀନ ତଥା ଆପଦକାଳୀନ ସେବା ପରିଚାଳନା ନିମନ୍ତେ ସାଢ଼େ ୪ ମିଟର ଚଉଡ଼ାର ଜୋନ। ଜରୁରିକାଳୀନ ସ୍ଥିତିରେ ଏହି ଜୋନ ସେବାକାରୀ ତଥା ନିରାକରଣ ଦଳ ପ୍ରବେଶ କରିବେ।

୮. **ସର୍ବସାଧାରଣ ଯାତାୟାତ ପଥ:** ପରିକ୍ରମା ପ୍ରକଳ୍ପର ଅଷ୍ଟମ ଜୋନରେ ସାଢ଼େ ସାତ ମିଟର ଚଉଡ଼ାର ସର୍ବସାଧାରଣ ଯାନବାହନ ଯାତାୟାତ ରାସ୍ତା।

୯. **ପାର୍କିଂ ସ୍ପେସ:** ଶେଷ ତଥା ନବମ ଜୋନରେ ସାତ ମିଟର ଚଉଡ଼ାର ଚଲାପଥ, ପରିକ୍ରମା ସୀମାକୁ ଲାଗି ରହିଥିବା ବସତି ଲୋକଙ୍କ ଯାତାୟତ ସୁବିଧା ବ୍ୟତୀତ ସେବାୟତ ଓ ଶ୍ରୀମନ୍ଦିର କର୍ମଚାରୀଙ୍କ ଯାନବାହନ ପାର୍କିଂ ପ୍ଲେସ ସେବା ନିର୍ମାଣ କରାଯିବ।

## ହେଲିକେପ୍ଟର ଦୁର୍ଘଟଣାରେ ସିଡିଏସ ଜେନେରାଲ ବିପିନ ରାବତଙ୍କ ଦେହାନ୍ତ

ତାମିଲନାଡୁରେ କୁନ୍ନୁରଠାରେ ସେନାର ୧୪ ଅଧିକାରୀଙ୍କୁ ନେଇ ଯାଉଥିବା ଏମଆଇ୧୭ଭି-୫ ହେଲିକେପ୍ଟର ଦୁର୍ଘଟଣାଗ୍ରସ୍ତ ହେବା କାରଣରୁ ଦେଶର ସୈନ୍ୟ ବଳର ପ୍ରଥମ ସିଡିଏସ ଜେନେରାଲ ବିପିନ ରାବତଙ୍କ ପରଲୋକ ଘଟିଛି। ଏହି ଦୁର୍ଘଟଣାରେ ତାଙ୍କ ବ୍ୟତୀତ ତାଙ୍କର ପତ୍ନୀ ମଧୁଲିକା ରାବତ ସମେତ ୧୩ ଜଣଙ୍କର ମୃତ୍ୟୁ ହୋଇଥିବା ନେଇ ବାୟୁସେନା ପକ୍ଷରୁ ସୂଚନା ଦିଆ ଯାଇଛି ।

ଏମଆଇ-୧୭ଭି-୫ ଦୁନିଆର ସବୁଠାରୁ ଆଡ଼ଭାନ୍ସ ଟ୍ରାନ୍ସପୋର୍ଟ ହେଲିକେପ୍ଟର। ଏହାକୁ ସେନା ଓ ଅସ୍ତ୍ର ଟ୍ରାନ୍ସପୋର୍ଟ, ଫାୟାର ସପୋର୍ଟ, ରକ୍ଷକ ଦଳ ଯାତ୍ରା ଏବଂ ସର୍ଚ୍ଚ ଆଣ୍ଡ ରେସକ୍ୟୁ ମିଶନରେ ନିୟୋଜିତ କରାଯାଇପାରେ। ଏମଆଇ-୧୭ଭି-୫କୁ କାର୍ଗୋ ଟ୍ରାନ୍ସପୋର୍ଟ ପାଇଁ ଡିଜାଇନ କରାଯାଇଛି। ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ଏହି ହେଲିକେପ୍ଟର ବ୍ୟବହାର କରନ୍ତି। ଦୁନିଆର ପ୍ରାୟ ୬୦ଦେଶ ୧୨ହଜାରୁ ଅଧିକ ଏମଆଇ-୧୭ ହେଲିକେପ୍ଟର ବ୍ୟବହାର କରନ୍ତି ।

ଏହି ଦୁର୍ଘଟଣାରେ ଓଡ଼ିଶାର ବାୟୁସେନାରେ କାର୍ଯ୍ୟ କରୁଥିବା ଏବଂ ଏମଆଇ-୧୭ଭି-୫ରେ ସିଡିଏସ ଜେନେରାଲ ବିପିନ ରାବତଙ୍କ ସହ ଯାତ୍ରା କରୁଥିବା ଅଧିକାରୀ ରାଣାପ୍ରତାପ ଦାସଙ୍କର ମଧ୍ୟ ଦେହାନ୍ତ ଘଟିଛି।

ପ୍ରଚ୍ଛଦପଟ ଉପସ୍ଥାପନା

**ଡ. ପ୍ରମୋଦ ଚନ୍ଦ୍ର ଦାଶ**



ଆନନ୍ଦରେ ଦାୟିତ୍ୱ ବହନ କଲେ ଦାୟିତ୍ୱର ବୋଝଟା ହାଲୁକା ଜଣାପଡ଼େ।

# ବିଜ୍ଞାନ ବିଚିତ୍ର



ଡକ୍ଟର ପ୍ରେମଚାନ୍ଦ ମହାନ୍ତି

**ଅସଂଖ୍ୟ ବିଜୁଳିର ସହର :-**

ଆପଣ ସ୍ୱପ୍ନରେ ବି କେବେ ଭାବି ପାରିବେ ଯେ ଗୋଟିଏ ରାତିରେ ପ୍ରାୟ ୪୦,୦୦୦ ଥର ବିଜୁଳି ମାରୁଥିବ ତାହା ପୁଣି ବିନା ଘଡଘଡି ସହ। ହଁ ଆଜ୍ଞା ତାହା ସମ୍ଭବ ହୁଏ ଭେନେଜୁଆଲାର ମାରାକାଇବୋ ନାମକ ହ୍ରଦ ନିକଟରେ। ୧୩,୨୮୦ ବର୍ଗ କିମି ଅଂଚଳରେ ଥିବା ଏହି ସ୍ଥାନଟି ତୈଳ ଓ ପ୍ରାକୃତିକ ବାଷ୍ପରେ ଭରପୂର ରହିଥାଏ। ଅନୁମାନ କରନ୍ତୁ ଏହି ହ୍ରଦର ଆଭ୍ୟନ୍ତରରେ ପ୍ରାୟ ୨୪,୧୪୦ କିମି ଦୈର୍ଘ୍ୟ ବିଶିଷ୍ଟ ପାଇପଲାଇନ ବିଛା ଯାଇଛି। ବର୍ଷର ୩୦୦ ଦିନ ରାତିରେ ଏହି ବିଜୁଳିପାତକୁ ଦେଖିହେବ। ବର୍ଷକୁ ୧.୨ ମିଲିଅନ୍ ସଂଖ୍ୟକ ବିଜୁଳିପାତ ଯୋଗୁଁ ଏଠାକାର ବାୟୁମଣ୍ଡଳରେ ନାଇଟ୍ରସ ଅକ୍ସାଇଡ ପ୍ରସ୍ତୁତ ହୋଇଥାଏ ଯାହା ସୂର୍ଯ୍ୟ କିରଣ ସଂସ୍ପର୍ଶରେ ଆସି ଓଜନ ବାଷ୍ପକୁ ଜନ୍ମ ଦେଇଥାଏ। ତେଣୁ ଏଠାକାର ବାୟୁ ମଣ୍ଡଳର ଏକ ପ୍ରମୁଖ ଉପାଦାନ ରୂପେ ଓଜନ ରହିଥାଏ କିନ୍ତୁ ଏହା ଏ ପର୍ଯ୍ୟନ୍ତ ଜଣା ପଡିନାହିଁ ଯେ ବାୟୁ ମଣ୍ଡଳରେ ଓଜନ ସ୍ତର ବଢିବାରେ ଏହା ସହାୟକ ହେଉଛି କି ନାହିଁ। ଏହି ବିଜୁଳିର ଔଜ୍ଜଲ୍ୟତା ଏତେ ଅଧିକ ଯେ ଏହା ୪୦୦ କିମି ଦୂରରୁ ମଧ୍ୟ ଦୃଶ୍ୟମାନ ହୁଏ ଏବଂ ଏହି ଆଲୋକରେ ସମ୍ବାଦ ପତ୍ରକୁ ମଧ୍ୟ ପଢିହେବ।

ଏଠାକାର ଜଣେ ବାସିନ୍ଦା ମାରିଆନେଲା ରୋମେରୋଙ୍କ ମତରେ ଏହି ବିଜୁଳି ଆଲୁଅ ଯୋଗୁଁ ସେମାନଙ୍କୁ ରାତିଟା ଦିନ ଭଳି ଲାଗେ ଏବଂ ସେମାନେ ଗଭୀର ସମୁଦ୍ରକୁ ଯାଇ ମାଛ ଧରିଥାଆନ୍ତି ତା ସହିତ ଦୁଃଖର କଥା ଏହି ଯେ ଏହି ମାଛଧରାଳୀ ମାନଙ୍କ ମଧ୍ୟରୁ ଅଧିକାଂଶ ଏହି ବିଜୁଳି ଆଘାତରେ ପ୍ରାଣ ହରାଇଥାନ୍ତି । ଏହି ବିଜୁଳିର ଆଲୋକ ୧୮୨୩ ମସିହାରେ ଭେନେଜୁଆଲାର ଭାଗ୍ୟକୁ ବଦଳାଇ ଦେଇଥିଲା। ଏହି ଶକ୍ତିଶାଳୀ ଆଲୋକକୁ ପାଥେୟ କରି ସ୍ପେନିଅର୍ଡ ମାନଙ୍କ ବିରୁଦ୍ଧରେ ଆଡମିରାଲ ଜୋସ୍ ପାଡିଲାଙ୍କ ନେତୃତ୍ୱରେ ସାଇମନ ବଲିଭିଆର ନୌସୈନିକମାନେ ଆଶ୍ଚର୍ଯ୍ୟଜନକ ଭାବେ ବିଜୟ ହାସଲ କରି ପାରିଥିଲେ।ତେବେ ଏହି ବିଜୁଳିପାତର କାରଣ କଣ? ଏଠାରେ ଅଧିକାଂଶ ସମୟରେ କାରିବିଆନ ସମୁଦ୍ରରୁ ଗରମ ବାଷ୍ପ ପ୍ରବାହିତ ହୋଇଥାଏ ଯାହା ଆଣ୍ଡେସ ପର୍ବତରୁ ପ୍ରବାହିତ ଥଣ୍ଡା ବାଷ୍ପ ସହ ଧକ୍କା ହୋଇ ବିଜୁଳି ଜାତ କରାଇଥାଏ। ତାଛଡା ଏହି ବାୟୁ ହ୍ରଦରୁ ଜାତ ଚାର୍ଜଯୁକ୍ତ ମିଥେନ ବାଷ୍ପକୁ ଉର୍ଦ୍ଧ୍ୱକୁ ନେଇଥାଏ।

ଏଠିକାର ଆକାଶରେ ଅଧିକାଂଶ ବଉଦରେ ଲୁଚି ରହିଥିବା ବାୟୁର ତୀବ୍ର ସ୍ରୋତ ରହିଥାଏ ଯାହା ଏକ ଇନସୁଲେଟର ପରି କାର୍ଯ୍ୟ କରେ ତେଣୁ ଏହାର ବୈଦ୍ୟୁତିକ କାର୍ଯ୍ୟକଳାପକ ପ୍ରଶମିତ ହୋଇ ରହିବା କଥା କିନ୍ତୁ ଚାର୍ଜଯୁକ୍ତ ମିଥେନ ଏହାକୁ ଦୁର୍ବଳ କରିଦିଏ ଓ ତାହା ଘନଘନ ବିଜୁଳିପାତକୁ ସହାୟକ ହୋଇଥାଏ। କିନ୍ତୁ ନାସାର ବୈଜ୍ଞାନିକମାନଙ୍କ ମତରେ ସମୁଦ୍ରରୁ ଜାତ ଉତ୍ତପ୍ତ ଜଳ କଣିକା ସବୁ ପାହାଡ ପଟୁ ଆସୁଥିବା ବରଫ ସ୍ଫଟିକ ଦେହରେ ଧକ୍କା ହେବାରୁ ସ୍ଥିର ବିଦ୍ୟୁତ ସୃଷ୍ଟି କରିଥାଏ ଯାହାର ଶକ୍ତି ୧୦୦ ମିଲିଅନ ସଂଖ୍ୟକ ବିଦ୍ୟୁତ ବଲ୍ବକୁ ଜଳାଇ ପାରିବ। ଏଠିକାର ବିଜୁଳିର ସୌନ୍ଦର୍ଯ୍ୟକୁ ସ୍ପେନିସ କବି ଲୋପ ଡି ଭେଗା ତାଙ୍କର ବିଭିନ୍ନ କବିତାରେ ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି।

**ପ୍ରାଗ ଐତିହାସିକ ଯୁଗରେ ଲୁଗା ବୁଣିବାକୁ ଅସ୍ଥିକୁ ବ୍ୟବହାର କରା ଯାଉଥିଲା :-** ମରକ୍କୋ ର ନେସନାଲ ଇନ୍ଷ୍ଟିଚ୍ୟୁଟ ଅଫ୍ ଆର୍କିଓଲୋଜି ଆଣ୍ଡ କଲଚରାଲ ହେରିଟେଜର ବୈଜ୍ଞାନିକ ଆବଦେଲଜଲିଲ ଏଲ ହଜରାଉଇଙ୍କ ନେତୃତ୍ୱରେ ହୋଇଥିବା ଏକ ଖନନ କାର୍ଯ୍ୟରୁ ଉତ୍ତର ଆଫ୍ରିକାର ରାଜଧାନୀରୁ ପ୍ରାୟ ୨୦ କିମି ଦୂରରେ ଅବସ୍ଥିତ ଏକ ଗାଁରୁ ପ୍ରାୟ ୬୦ ଖଣ୍ଡ ବିଭିନ୍ନ ଆକୃତିର ଅସ୍ଥି ପାଇଛନ୍ତି, ଯାହାକୁ ୧,୨୦,୦୦୦ ବର୍ଷ ପୂର୍ବେ ଲୁଗା ତିଆରିରେ ବ୍ୟବହୃତ ହେଉଥିଲା। ମୁଖ୍ୟତଃ ଚମଡା ଓ ପଶୁଲୋମରୁ ବସ୍ତ୍ର ତିଆରି ପାଇଁ ଏଗୁଡିକୁ ବ୍ୟବହାର କରା ଯାଉଥିଲା ବୋଲି ଏହି ଗବେଷକମାନେ ପ୍ରକାଶ କରିଛନ୍ତି। ସେମାନଙ୍କ ମତରେ ଶରୀରକୁ ଆବୃତ୍ତ କରି ରଖିବା ମନୁଷ୍ୟର ଏକ ସହଜାତ ପ୍ରବୃତ୍ତି ତେଣୁ ପୋଷାକର ଆବଶ୍ୟକତାକୁ ପୂରଣ କରିବାକୁ ଆଦିମ ମଣିଷମାନେ ଚମଡାର ଲୁଗା ବୁଣୁଥିଲେ ଏବଂ ଏଥିପାଇଁ ବିଭିନ୍ନ ଆକୃତିର ଅସ୍ଥିଗୁଡିକୁ ବ୍ୟବହାର କରୁଥିଲେ। ଏଗୁଡିକୁ ସେମାନେ ପ୍ରାୟ ୩୦,୦୦୦ ବର୍ଷ ଧରି ବ୍ୟବହାର କରୁଥିଲେ। କାରଣ ଦକ୍ଷିଣ ପଶ୍ଚିମ ରାବତଠାରୁ ୪୦୦ କିମି ଦୂରରେ ଏସାଓଉଇରା ନାମକ ସହରରେ ଥିବା ଏକ ଗାଁରୁ ଆଉ ୩୦ ପ୍ରକାର ବିଭିନ୍ନ ଆକୃତିର ଶାମୁକା ଖଣ୍ଡ ମିଳିଛି ଯାହା ପ୍ରାୟ ୧,୫୦,୦୦୦ ବର୍ଷ ପୁରୁଣା ବୋଲି ଜଣା ଯାଇଛି।

**ରିଜେନେରନକୁ ହୁ ର ସ୍ୱୀକୃତି ମିଳିଲା :-** ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ହୁ କେତେକ ନିର୍ଦ୍ଦିଷ୍ଟ ଲକ୍ଷଣ ଥିବା କୋଭିଡ ରୋଗୀଙ୍କଠାରେ ରିଜେନେରନ ନାମକ କୃତ୍ରିମ ଆଂଟିବଡି ବ୍ୟବହାର ପାଇଁ ଅନୁମତି ଦେଇଛନ୍ତି। ଏହାକୁ ବ୍ୟବହାର କଲେ ଅତି ସାଂଘାତିକ ରୋଗୀକୁ ବି ହସପିଟାଲ ନନେଇ ଘରେ ଚିକିତ୍ସା କରିହେବ। କାସିରିଭିମାବ ଓ ଇମଡେଭିମାବ ନାମରେ ଏହା ବଜାରରେ ଉପଲବ୍ଧ ହେଉଛି। ଭ୍ୟାକ୍ସିନ ନେଇ ନଥିବା, କୋଭିଡ ଜନିତ ଜଟିଳତା ଥିବା ବୟସ୍କ ବ୍ୟକ୍ତିଙ୍କଠାରେ ଏହାର ପ୍ରୟୋଗ ଫଳପ୍ରଦ ହେଉଛି ବୋଲି ହୁ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ରକ୍ତ କ୍ଷରଣକୁ ବନ୍ଦ କରିବାକୁ ଏକ ସହଜ ଉପାୟ :-

ମନେ କରନ୍ତୁ କୌଣସି ଦୁର୍ଘଟଣାବଶତଃ ଆପଣଙ୍କ ଗୋଡରେ ଗଭୀର କ୍ଷତ ହୋଇ ଭୀଷଣ ରକ୍ତସ୍ରାବ ହେଉଛି। ଆପଣ ହସପିଟାଲକୁ ଗଲେ ସାଧାରଣତଃ ଦୃଢଭାବେ ପଟି ବାନ୍ଧିବା ଦ୍ୱାରା ରକ୍ତସ୍ରାବ ରୋକିବାକୁ ଚେଷ୍ଟା କରାଯାଏ ଯାହା ୪୩.୮% ଫଳପ୍ରଦ ହୋଇଥାଏ କିନ୍ତୁ ଅଷ୍ଟ୍ରେଲିଆର ନେସନାଲ ୟୁନିଭର୍ସିଟି ମେଡିକାଲ ସ୍କୁଲ ର ଡିନ ନିକୋଲାସ ଟେଲର ଙ୍କ ଦ୍ୱାରା ହୋଇଥିବା ଏକ ଗବେଷଣା ସୂଚିତ କରେ ଯେ ଏହି କ୍ଷେତ୍ରରେ ଯଦି ଯୌନାଙ୍ଗ ଓ ମଝି ଜଂଘ ମଧ୍ୟରେ ଥିବା ଏକ ଅଂଶରେ ଜୋର କରି ମୁଥା ମାରି ଫିମୋରାଲ ଆର୍ଟେରିକୁ ଜୋର କରି ଚାପି ଦିଆଯାଏ ତେବେ ରକ୍ତ କ୍ଷରଣକୁ ୮୯.୭ % ପ୍ରଭାବି ଢଙ୍ଗରେ ରୋକି ହେବ। ଏହା ଏକ ସାଧାରଣ କୌଶଳ ହେଲେ ବି ଏହା କେବଳ ଉପାଦେୟ ତା ନୁହଁ ବରଂ ଏହା ଜୀବନ ରକ୍ଷାକାରୀ ଅଟେ।

## ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ଆଣ୍ଡ୍ରଏଡ ଫୋନ୍ ଚଳାଇବା ସୁବିଧା ଜନକ ହେଲା :-



ଜଣେ ସାଧାରଣ ବ୍ୟକ୍ତି ସ୍ମାର୍ଟଫୋନ ବ୍ୟବହାର ବେଳେ ରିଙ୍ଗଟୋନ ଶୁଣିବା ପାଇଁ କାନ ଦେଖିବା ପାଇଁ ଆଖି ଓସୂଚନା ପ୍ରେରଣ ପାଇଁ ଆଙ୍ଗୁଠି କିମ୍ବା ହାତର ବ୍ୟବହାର କରିଥାଉ ଯାହାକି ଭିନ୍ନକ୍ଷମ ବ୍ୟକ୍ତି ପକ୍ଷରେ ଅସମ୍ଭବ। କିନ୍ତୁ ଏହି ପନ୍ଥାକୁ ସୁଗମ କରିବାକୁ ଗୁଗୁଲ ପକ୍ଷରୁ କ୍ୟାମେରା ସୁଇଚେସ ଓ ପ୍ରୋଜେକ୍ଟ ଆକ୍ଟିଭେଟ ନାମକ ଦୁଇଟି କୌଶଳ ଅବଲମ୍ବନ କରାଯାଇଛି ଯଦ୍ୱାରା ଭିନ୍ନକ୍ଷମ ବ୍ୟକ୍ତିମାନେ ବିନା ହସ୍ତ ଚାଳନାରେ ଏହି ଆଣ୍ଡ୍ରଏଡ ଫୋନକୁ ବ୍ୟବହାର କରି ପାରିବେ। ଏଥିରେ କୃତ୍ରିମ ବୁଦ୍ଧିମତା ଓ ଫ୍ରଂଟ ଫେସିଙ୍ଗ କ୍ୟାମେରାର ଉପଯୋଗ କରା ଯାଇଛି ଯଦ୍ୱାରା ଭୃଲତାର ଚଳନ,ହସିବା,ପାଟିଖୋଲିବା,କିମ୍ବା ତଳକୁ,ଉପରକୁ,ଡାହାଣକୁ ଓ ବାମକୁ ଦେଖିବା ଦ୍ୱାରା ସ୍ମାର୍ଟ ଫୋନକୁ ବିଭିନ୍ନ ନିର୍ଦ୍ଦେଶ ଦେଇ ଅନେକ କ୍ରିୟା ସଂପାଦନ କରି ପାରିବେ। ଏଥିପାଇଁ ପ୍ରଥମେ ଉପଭୋକ୍ତାଙ୍କୁ ଫୋନର କ୍ୟାମେରାରେ ନିଜ ମୁହଁକୁ ସ୍କାନ କରିବାକୁ ପଡିବ। ସେହିପରି ପ୍ରୋଜେକ୍ଟ ଆକ୍ଟିଭେଟର ପ୍ରୟୋଗ ଦ୍ୱାରା ରେକଡେଡ୍ ମେସେଜକୁ ପଢିବା, ଅନ୍ୟ ପାଖକୁ ପଠାଇବା କିମ୍ବା ଅନ୍ୟମାନଙ୍କ ସାଙ୍ଗରେ କଥା ହେବା ସହଜ ହୋଇ ପାରୁଛି। ଏବେ ଏହି କୌଶଳ ବ୍ରିଟେନ, କାନାଡା, ଆମେରିକା ଓ ଅଷ୍ଟ୍ରେଲିଆରେ ବହୁଳ ଭାବେ ବ୍ୟବହୃତ ହେଉଛି।

## ମେଟାଭର୍ସ ଭବିଷ୍ୟତର ଏକ ବିରାଟ ସମ୍ଭାବନା :-



୧୯୯୨ ମସିହାରେ ନିଲ ଷ୍ଟିଫେନସନ ତାଙ୍କର ଏକ କଳ୍ପ ବିଜ୍ଞାନ ଭିତ୍ତିକ ଉପନ୍ୟାସ ସ୍ନୋ କ୍ରେସ୍‌ରେ ପ୍ରଥମେ ଏହି ବାକ୍ୟକୁ ବ୍ୟବହାର କରିଥିଲେ।କିନ୍ତୁ ଆଜି ଏହା ବାସ୍ତବ ରୂପ ନେଇ ସାରିଛି। ତେବେ ଏହି ମେଟାଭର୍ସ ର ଅର୍ଥ କଣ ଓ ଏହାର ବ୍ୟବହାର କିପରି ହୁଏ? ଆମେ ଆଜି ଯାହା କାର୍ଯ୍ୟକଳାପ ଅନଲାଇନରେ କରୁଛୁ ତାହାର ଅନୁଭୂତି ଦ୍ୱିମାତ୍ରିକ ବା ଟୁ ଡାଇମେନସନାଲ ଅଟେ କନ୍ତୁ ମେଟାଭର୍ସ ଏପରି ଏକ କୌଶଳ ଯାହା ଏକ ଅତିରଞ୍ଜିତ ଭୌତିକ ଅଗମେଂଟେଡ ରିଏଲିଟି,ଭର୍ଚୁଆଲ ରିଏଲିଟି ଓ ପର୍ସିସଟେଂଟ କନେକ୍ଟିଭିଟି ର ସମ୍ମିଶ୍ରଣରେ ୩-ଡି ଅନୁଭୂତି ଦେଇଥାଏ ଓ ଏହା ଏକ ଜୀବନ୍ତ ଅନୁଭୂତି ପ୍ରଦାନ କରେ। ଯେପରିକି କୌଣସି ଖେଳ ଖେଳିବା ବେଳେ ଆପଣ ଏକାକିତ୍ୱ ଅନୁଭବ କରୁଛନ୍ତି ସେହି ସମୟରେ ଏହି କୌଶଳ ପ୍ରୟୋଗ କରି ଏପରି ଏକ ଚରିତ୍ର ସୃଷ୍ଟି କରି ପାରିବେ ଯିଏ ଆପଣଙ୍କୁ ସହାୟତା ଦେବା ସହ ଅନ୍ୟ ଖେଳାଳିଙ୍କ ସହ ଯୁକ୍ତି ବି କରି ପାରିବ। ଯଦି ଏଠାରେ ବ୍ଲକ ଚେନ ଟେକ୍ନୋଲୋଜି ବ୍ୟବହାର କରନ୍ତି ତେବେ କ୍ରିପ୍ଟୋ କରେନ୍ସି ଉପଯୋଗରେ ଭର୍ଚୁଆଲ ଭୂସଂପଦ ଓ ଡିଜିଟାଲ ସ୍ପେସ କିଣି ପାରିବେ। ଅବଶ୍ୟ ଏଗୁଡିକର ଅନୁଭୂତି ଭିଡିଓ ଗେମ ଭଳି ଲାଗିବ। ଫେସବୁକ ର ସେଇଓ ମାର୍କ ଜୁକରବର୍ଗ କହନ୍ତି ଆଗାମୀ ୫ ବର୍ଷ ମଧ୍ୟରେ ତାଙ୍କର ସୋସିଆଲ ମିଡିଆ କଂପାନିକୁ ସେ ମେଟଭର୍ସରେ ରୂପାନ୍ତରୀତ କରି ପ୍ରାୟ ୧୦,୦୦୦ ଲୋକଙ୍କୁ ଏଥିରେ ନିଯୁକ୍ତି ପ୍ରଦାନ କରିବେ। ମାଇକ୍ରୋସଫ୍ଟ ଓ ଶିଶୁମାନଙ୍କ ପାଇଁ ଗେମ ପ୍ରସ୍ତୁତ କରୁଥିବା କଂପାନୀ ଏ କ୍ଷେତ୍ରରେ କାର୍ଯ୍ୟ ଆରମ୍ଭ କରି ଦେଲେଣି। ଏହାକୁ ଉପଯୋଗ କରି ସଙ୍ଗୀତକାରମାନେ ଭର୍ଚୁଆଲ କନସର୍ଟ ଆୟୋଜନ କରି ଅଗଣିତ ଦର୍ଶକଙ୍କ ସମକ୍ଷରେ ପରିବେଷଣ କରି ପାରିବେ। ନିକଟରେ ଆରିଆନା ଗ୍ରାଣ୍ଡଙ୍କ ଦ୍ୱାରା ପରିବେଷିତ ମେଟାଭର୍ସକୁ ଲକ୍ଷ ଲକ୍ଷ ଲୋକ ଘରେ ବସି ଉପଭୋଗ କରିଥିଲେ। ବିଶ୍ୱର ବିଖ୍ୟାତ ଫେସନ କମ୍ପାନୀମାନେ ମଧ୍ୟ ନିଜ ନିଜ ସୋ ଆୟୋଜନ କରି କେବଳ ଯେ ମନୋରଞ୍ଜନ କରୁଛନ୍ତି ତାନୁହଁ ବରଂ ଏହାଦ୍ୱାରା ବିଭିନ୍ନ ଉତ୍ପାଦର ବିଜ୍ଞାପନ ମଧ୍ୟ ଦେଇ ପାରୁଛନ୍ତି। କିନ୍ତୁଏହାର ପ୍ରସାରରେ ବ୍ୟକ୍ତିଗତ ତଥ୍ୟର ଗୋପନୀୟତା ରକ୍ଷା,ବ୍ୟବସାୟିକ ପ୍ରତିଯୋଗିତା ଓ ମିଥ୍ୟା ବିଜ୍ଞାପନ ପ୍ରତିବନ୍ଧକ ସାଜିପାରେ।



ଦାନ ଭିତରେ ଯଦି ଦର୍ପ ରହିଗଲା ତାହା ଗ୍ରହୀତାର କ୍ଷତି କରେ।

## କରୋନା ପାଇଁ ବିଶ୍ୱର ପ୍ରଥମ ଡିଏନଏ ଭ୍ୟାକ୍‌ସିନ :-

ଭାରତ ସରକାର ଓ ଜାଇଡସ କାଡିଲାର ମିଳିତ ଉଦ୍ୟମରେ କରୋନା ପାଇଁ ଏପରି ଏକ ଭ୍ୟାକସିନ ବାହାରିଛି ଯାହାକୁ ବିନା ଛୁଂଚି ଫୋଡି ଦେଇହେବ। ଏହାର ନାମ ରଖା ଯାଇଛି ଜାଇକୋଭ-ଡି।ଆମେରିକାର ଫାର୍ମାଜେଟ ନାମକ କଂପାନୀ ଦ୍ୱାରା ଛୁଂଚି ବିହୀନ ଇଂଜେକ୍ଟର ବାହାର କରା ଯାଇଛି। ଏହାଦ୍ୱାରା ଆମ ଚର୍ମ ଉପରେ ଏକ ସରୁ ନଳୀ ଦେଇ ତରଳ ଭ୍ୟାକସିନକୁ ଅଳ୍ପ ଚାପ ପ୍ରୟୋଗ କରି ଆମ ଚର୍ମର ଏପିଡର୍ମାଲ ଓ ଡର୍ମାଲ ସ୍ତର ମଧ୍ୟରେ ଥିବା ପ୍ଲାସ୍ମିଡ ପାଖରେ ଛାଡି ଦିଆଯାଏ ଯେଉଁଠି ବହୁ ସଂଖ୍ୟକ ରୋଗ ପ୍ରତିରୋଧି କୋଷ ରହିଥାନ୍ତି।ଏହି ପ୍ଲାସ୍ମିଡର କାର୍ଯ୍ୟ ହେଲା ଜିନଗତ ବିବରଣୀ ସବୁକୁ କୋଷର ନ୍ୟୁକ୍ଲିଅସ୍ ପାଖରେ ପହଂଚାଇ ତାକୁ ଏମ-ଆର ଏନ ଏ ରେ ରୁପାନ୍ତରୀତ କରିବା ଏବଂ ତାକୁ ସାଇଟୋପ୍ଲାଜମ୍ ରେ ଛାଡିଦେବା। ଏହି ପ୍ଲାସ୍ମିଡମାନଙ୍କ ଡିଏନଏ ସିକୁଏନ୍ସ କରୋନା ଭୂତାଣୁରପ୍ରୋଟିନ ସ୍ପାଇକ ପରି ହୋଇ ଥିବାରୁ ଏହା ଇମ୍ୟୁନ ସିଷ୍ଟମକୁ ଅଧିକ ଆଂଟିବଡି ପ୍ରସ୍ତୁତ ପାଇଁ ପ୍ରବର୍ତ୍ତାଏ। ଏହି ଭାକ୍ସିନକୁ ସାଧାରଣ ତାପମାତ୍ରା ବା ୨୫ ଡିଗ୍ରୀ ସେଲସିଅସରେ ରଖି ହୁଏ। ସାଧାରଣ ଭ୍ୟାକ୍ସିନର ମାତ୍ରା ୦.୧ ମିଲି ଥିବାବେଳେ ଜାଇକୋଭ-ଡି ର ମାତ୍ରା କେବଳ ୦.୦୫ ମିଲି ଏବଂ ଏହାକୁ ମାସମାସ ଧରି ପକେଟରେ ରଖି ବୁଲିହେବ।୧୮୬୬ ମସିହାରୁ ବିନା ସିରିଞ୍ଜି ଯୁକ୍ତ ଇଞ୍ଜେକ୍ସନ ବ୍ୟବହୃତ ହୋଇ ଆସୁଛି। ଟ୍ରପିସ ଜେଟ ନାମକ ଇଞ୍ଜେକ୍ଟର ପ୍ରସ୍ତୁତ କରୁଥିବା କଂପାନୀର ମତାନୁସାରେଏହି ଭ୍ୟାକ୍ସିନର ପ୍ରଚଳନ ଫଳରେ ଭ୍ୟାକ୍ସିନ ଖର୍ଚ୍ଚରେ ପ୍ରାୟ ୬୦% କମ ଖର୍ଚ୍ଚ ହେବ। ଏହାର ବ୍ୟବହାର ସହଜ ଓ ସୁବିଧାଜନକ ତଥା ଇଞ୍ଜେକ୍ସନକୁ ଡରୁଥିବା ବ୍ୟକ୍ତିଙ୍କପାଇଁ ସୁବିଧା ସାବ୍ୟସ୍ତ ହେବ। ଫାର୍ମାଜେଟ କଂପାନୀ ଦ୍ୱାରା ୨୦୧୩ ମସିହାରେ ଷ୍ଟ୍ରାଟିସ ନାମକ ଅନ୍ୟ ଏକ ଇଞ୍ଜେକ୍ଟର ବାହାର କରିଥିଲା ଯାହା ଆଜି ପର୍ଯ୍ୟନ୍ତ ଚାଲି ଆସୁଛି। ଗବେଷଣା ଦର୍ଶାଏ ଯେ ଏହି ସ୍ପ୍ରିଙ୍ଗଯୁକ୍ତ ଇଞ୍ଜେକ୍ଟର ଏବେ ଅଧିକ ଦାମର ହୋଇଥିଲେ ବି ଭବିଷ୍ୟତରେ ଏହାର ମୂଲ୍ୟ ନିଶ୍ଚିତ ରୁପେ କମ ହେବ।

## ଚଳିତ ବର୍ଷ ପାଇଁ ସ୍ୱାସ୍ଥ୍ୟସେବାରେ ନୋବେଲ ପୁରସ୍କାର :-

ଆମ ମନରେ ଆବହମାନ କାଳରୁ ପ୍ରଶ୍ନ ଉଠେ ଯେ ଆମେ ଥଣ୍ଡା,ଗରମ ଓ ସ୍ପର୍ଶ ଜନିତ ବାର୍ତ୍ତାକୁ କିପରି ଜାଣିପାରୁ। ଏଥିପାଇଁ ୧୬୬୪ ମସିହାରେ ଦାର୍ଶନିକ ରିନ ଡେସକାର୍ଟ କହିଥିଲେ ଯେ ଆମ ଚର୍ମରୁ ଗୋଟିଏ ସୂତା ଭଳି କିଛି ଅଛି ଯିଏ ଏପରି ବାର୍ତ୍ତା ପ୍ରେରଣ କରିଥାଏ। ୧୯୪୪ ମସିହାରେ ନୋବେଲ ପୁରସ୍କାର ବିଜେତା ଜୋସେଫ ଏରଲାଞ୍ଜର ଓ ହର୍ବର୍ଟ ଗ୍ୟାସର କହିଥିଲେ ଯେ ଆମକୁ ଯନ୍ତ୍ରଣାଦାୟକ ଓ ବିନା ଯନ୍ତ୍ରଣାର ସଂବେଦୀ ବିଭିନ୍ନ ପ୍ରକାର ନର୍ଭ ଫାଇବର ଦ୍ୱାରା ପ୍ରେରିତ ହୋଇଥାଏ। ୧୯୯୦ ଦଶକରେ ଡେଭିଡ ଜୁଲିଅସ ଓ ତାଙ୍କ ସାଥୀମାନେ TPRV 1 ନାମକ ଏକ ପ୍ରୋଟିନକୁ ଜିନ ମଧ୍ୟରେ ଆବିଷ୍କାର କଲେ ଯିଏ ବାହ୍ୟ ତାପମାତ୍ରା ଅସହ୍ୟ ହେଲେ ଆକ୍ଟିଭେଟ ହୋଇ ଏହା ସଂପର୍କରେ ମସ୍ତିଷ୍କକୁ ସୂଚୀତ କରୁଥିଲା। ସେହିପରି ୨୦୦୨ ମସିହାରେ ଜୁଲିଅସ ଏବଂ ଆର୍ଡେମ ପାଟାପୌଟିଆନ ମେନ୍ଥଲ ବ୍ୟବହାର କରି ଝଜଚଗ ୮ ନାମକ ପ୍ରୋଟିନ ଆବିଷ୍କାର କଲେ ଯାହା ଥଣ୍ଡାକୁ ଚିହ୍ନଟ କରି ପାରୁଥିଲା। ୨୦୧୦ ରେ ସେହି ଆର୍ଡେମ ପାଟାପୌଟିଆନ ପିଜୋ ୧ ନାମକ ରିସେପ୍ଟରକୁ ଚିହ୍ନଟ କଲେ ଯାହା ଚାପରୁ ସୃଷ୍ଟ ସ୍ପର୍ଶ ସଂବେଦୀ ବାର୍ତ୍ତାକୁ ପ୍ରେରଣ କରୁଥିଲା। ୨୦୧୪ ରେ ସେମାନେ ପିଜୋ ୨ ନାମକ ଅନ୍ୟ ଏକ ରିସେପ୍ଟରକୁ ଜାଣିଲେ ଯାହା ସ୍ପର୍ଶ ସହିତ ଶରୀରର ସ୍ଥିତି ଓ ଗତିକୁ ସୂଚୀତ କରୁଥିଲା। ଏବେ ୨୦୨୧ରେ ପରସ୍ପରକୁ ଜାଣି ନଥିବା ଆମେରିକାର ଦୁଇଜଣ ବୈଜ୍ଞାନିକ ଡେଭିଡ ଜୁଲିଅସ ଓ ଆର୍ଡେମ ପାଟାପୌଟିଆନ ତାଙ୍କର ପୂର୍ବ ଗବେଷଣା ପାଇଁ ନୋବେଲ ପୁରସ୍କାର ପାଇଛନ୍ତି। ତାଙ୍କ ଗବେଷଣାର ମୂଖ୍ୟ ବିଷୟ ଥିଲା ଆମ ବଂଚିବା ପାଇଁ ଆବଶ୍ୟକ ଥିବା ଉତ୍ତାପ,ଶୀତଳତା ଓ ସ୍ପର୍ଶ ଜନିତ ବାର୍ତ୍ତା ପରିବେଶରୁ ସଂଗୃହୀତ ହୋଇ କିପରି ମସ୍ତିଷ୍କରେ ପହଂଚେ ଓ କିପରି ଆମେ ତାକୁ ଚିହ୍ନିପାରୁ। ୬୫ ବର୍ଷ ବୟସ୍କ ଜୁଲିଅସ୍ ଲଙ୍କା ମରିଚରେ ରାଗ ପାଇଁ ଦାୟୀ କାପସାଇସିନ ନାମକ ଯୌଗିକକୁ କିପରି ଯନ୍ତ୍ରଣା ନିବାରଣ ପାଇଁ ବ୍ୟବହାର କରିହେବ ସେଥିପାଇଁ ଚେଷ୍ଟିତ ଥିଲେ। ସେ ଜାଣିଥିଲେ ଯେ ଯଦି ଶରୀରରେ କିଛି ଯନ୍ତ୍ରଣା ଅନୁଭୂତ ହୁଏ ତେବେ ଶରୀରରେ ଉତ୍ତାପ ଜାତ ହୁଏ ଏବଂ ତତକ୍ଷଣାତ କାପସାଇସିନ ସେହି ସ୍ଥାନକୁ ସୁରକ୍ଷା ଯୋଗାଇବା ପାଇଁ ଚାଲି ଆସେ।ଆର୍ଡେମ ପାଟାପୌଟିଆନ ମୁଖ୍ୟତଃ ସ୍ପର୍ଶ ଜନିତ ସମ୍ବେଦନଶୀଳତା ଉପରେ କାର୍ଯ୍ୟ କରିଥିଲେ।

## ପ୍ରଦୂଷଣମୁକ୍ତ ବିଶ୍ୱ ପାଇଁ ଉଦଜାନ ବିକଳ୍ପ :-



ବିଶ୍ୱକୁ ଯଦି ଜିରୋ ଏମିଶନ ଲକ୍ଷ୍ୟ ହାସଲ କରିବାକୁ ପଡିବ ତେବେ ୨୦୩୦ ସୁଦ୍ଧା ବିଭିନ୍ନ ରାଷ୍ଟ୍ରଙ୍କୁ ୧.୨ ଟ୍ରିଲିଅନ ଡଲାର ଖର୍ଚ୍ଚ କରିବାକୁ ପଡିବ। ଅନ୍ତର୍ଜାତୀୟ ଶକ୍ତି ସଂଗଠନର ବିଜ୍ଞପ୍ତି ଅନୁଯାୟୀ ଏ ପର୍ଯ୍ୟନ୍ତ ସରକାରୀ କ୍ଷେତ୍ର ପକ୍ଷରୁ ୩୭ ବିଲିଅନ ଓ ବେସରକାରୀସଂସ୍ଥା ତରଫରୁ ୩୦୦ ବିଲିଅନ ଡଲାର ଖର୍ଚ୍ଚ କରା ଯାଇଛି। ବିକଶିତ ରାଷ୍ଟ୍ରମାନଙ୍କ ମଧ୍ୟରେ ୨୦୧୯ ସୁଦ୍ଧା କେବଳ ଫ୍ରାନ୍ସ, ଜାପାନ ଓ ଦକ୍ଷିଣ କୋରିଆ ଏ କ୍ଷେତ୍ରରେ ଆଖିଦୃଶିଆ କାର୍ଯ୍ୟ କରିଛନ୍ତି। ଅନ୍ୟ ୧୭ଟି ଦେଶ ଏବେ କାର୍ଯ୍ୟ ଆରମ୍ଭ ମାତ୍ର କରିଛନ୍ତି।

ବୁର୍ଲା
ମୋ -୯୪୩୭୧୨୭୮୨୦



ନିଜର ସମ୍ପତ୍ତିର ଗୋଟିଏ ଅଂଶ ଯିଏ ଦାନ ନକରେ, ସେ ବିଚରାଠାରୁ ଦରିଦ୍ର ଆଉ କେହି ନାହାନ୍ତି।

# ସତ୍ୟପରାୟଣତା ଓ ସ୍ୱାସ୍ଥ୍ୟ



ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ଇଂରେଜ କବି କିଟ୍‌ସ କହିଥିଲେ, "ସତ୍ୟ ହିଁ ସୌନ୍ଦର୍ଯ୍ୟ, ସୌନ୍ଦର୍ଯ୍ୟ ହିଁ ସତ୍ୟ।" ବାସ୍ତବରେ ସତ୍ୟ ବ୍ୟତିରେକ ଜଗତରେ ଅନ୍ୟକିଛି ଅଧିକ ଗୁରୁତ୍ୱପୂର୍ଣ୍ଣ ନୁହେଁ। ବରଂ ବ୍ୟକ୍ତିର ଓ ସମାଜର ସାମୂହିକ ଉନ୍ନତି ନିମିତ୍ତ ସତ୍ୟବାଦିତା, ସାଧୁତା ଓ କର୍ତ୍ତବ୍ୟପରାୟଣତା ଅପରିହାର୍ଯ୍ୟ। ସେଥିପାଇଁ ପ୍ରାଚୀନ ମୁନିଋଷିମାନଙ୍କର ଉପଦେଶ ଥିଲା, "ସତ କୁହ, ସଚ୍ଚରିତ୍ର ହୁଅ ।" ମାତ୍ର ସତର୍କ କରିଦେଇ ପରାମର୍ଶ ଦିଆଯାଇଥିଲା - ସତ୍ୟଂ ବ୍ରୁୟାତ୍, ପ୍ରିୟଂ ବ୍ରୁୟାତ୍, ନ ବ୍ରୁୟାତ୍, ସତ୍ୟଂ ଅପ୍ରିୟମ୍; ପ୍ରିୟଂ ଚ ନାନୃତମ୍ ବ୍ରୁୟାତ୍, ଏଷ ଧର୍ମ ସନାତନଃ। ଅର୍ଥାତ୍, ସତ କହିବା ସମୟରେ ଏପରି ସତ କଥା କୁହ, ଯାହା ସର୍ବଦା ହିତକର ହୋଇଥିବ। ଅନ୍ୟମାନଙ୍କର ଅହିତ କରୁଥିବା ଅପ୍ରିୟ ସତକଥା କୁହନାହିଁ। କେବେ ବି ମିଛ କୁହନାହିଁ। ଏହା ହିଁ ସନାତନ ଧର୍ମ।

ମାତ୍ର କେବଳ ସତ୍ୟ କହିଲେ ସତ୍ୟ ପ୍ରତିଷ୍ଠିତ ହୋଇଯିବନି। ସତ୍ୟକୁ ପ୍ରତିଷ୍ଠିତ କରାଇବାପାଇଁ ପଡ଼ିବ। ସତ୍ୟର ପରିବେଶରେ ବାସ କରିବାପାଇଁ ପଡ଼ିବ। ସତ୍ୟ ହେବ ମନୁଷ୍ୟ କ୍ଷେତ୍ରରେ ଦୈନନ୍ଦିନ ଜୀବନର ଏକ ଅପରିହାର୍ଯ୍ୟ ଅଂଶବିଶେଷ।

ହେଲେ ପ୍ରଶ୍ନ ଉଠେ, ସତ୍ୟପରାୟଣତା କ'ଣ ଆଣିଦିଏ ସୁସ୍ଥତା? ସତ୍ୟବାଦୀ ବ୍ୟକ୍ତିମାନେ କଅଣ ପ୍ରାୟତଃ ସୁସ୍ଥ? ଜାଣିରଖିବା ଉଚିତ୍ ଯେ, ସତ୍ୟ ହେଉଛି ପ୍ରାକୃତିକ। ସତ୍ୟତା ପ୍ରଦାନ କରିଦିଏ ସୁଖଦ ଅନୁଭବ, ପ୍ରଦାନ କରିଥାଏ ସୁସ୍ଥତା। ଅନ୍ୟପକ୍ଷରେ ମିଥ୍ୟାଚାର ସୁଗମ କରିଦିଏ ଅସୁସ୍ଥତା ଏବଂ ଏହା ସତ୍ୟତାର ଶତ୍ରୁ। ସତ୍ୟର ପରିବେଶରେ ବଂଚିଲେ ଶରୀରର ଜୀବକୋଷମାନ ଅପେକ୍ଷାକୃତ ଅଧିକ ସୁସ୍ଥ ରହିଥାଏ ବୋଲି କୁହାଯାଇଛି। ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟ ଉପଭୋଗ କରିବା ନିମନ୍ତେ ସତ୍ୟପରାୟଣତା ଭିତ୍ତିପ୍ରସ୍ତର ସଦୃଶ। କାରଣ ସତ୍ୟତା ବିନା ଜୀବନରେ ସଙ୍ଗତି ଓ ଶୃଙ୍ଖଳାପ୍ରାପ୍ତ ହେବା ସମ୍ଭବ ନୁହେଁ। ଏପରି କାରଣରୁ ସତ୍ୟକୁ ସୁରକ୍ଷିତ ରଖିବା, ପୋଷଣ କରିବା ଓ ପ୍ରୋତ୍ସାହିତ କରିବା ବାଞ୍ଛନୀୟ।

କିଛି ବର୍ଷତଳେ ନୋଟ୍ରେ ଡ଼େମ୍ ୟୁନିଭରସିଟିରେ କରାଯାଇଥିଲା ଏକ ଅନୁଧ୍ୟାନ। ଉକ୍ତ ଅନୁଧ୍ୟାନର ଫଳାଫଳରୂପେ ପ୍ରମାଣ ମିଳିଲା ଯେ, ନିୟମିତ ଭାବରେ ସତ କହିଲେ ସ୍ୱାସ୍ଥ୍ୟ ଭଲରହେ। ଶାରୀରିକ, ମାନସିକ ଓ ସାମାଜିକ ସ୍ୱାସ୍ଥ୍ୟ ଉପରେ ଅନୁକୂଳ ପ୍ରଭାବ ପଡ଼େ। ଆଧ୍ୟାତ୍ମିକ ମନୋଭାବକୁ ପୃଷ୍ଠପୋଷକତା ମିଳିଯାଏ। ଏହାର ପ୍ରଭାବରେ ହ୍ରାସ ପାଇଯାଏ ଅସ୍ୱାଭାବିକ ମାନସିକ ଚାପ ବା ଷ୍ଟ୍ରେସ୍। ମାନସିକ ଚାପ ଊଣାହେବା ଫଳରେ ହୃଦ ରକ୍ତନଳୀ ରୋଗ, ଉଚ୍ଚ ରକ୍ତଚାପ, ଡାଇବେଟିସ୍, କ୍ୟାନସର ଆଦି ସଂକ୍ରମଣାତ୍ମକ ଦୀର୍ଘକାଳିନ ବ୍ୟାଧିମାନ ଜାତହେବାର ସମ୍ଭାବନା କମିଯାଏ। ହ୍ରାସପାଏ ଉତ୍କଣ୍ଠା, ଉଦ୍‌ବେଗ, ଅପରାଧବୋଧ, ଭୟ ଏବଂ ଦୁଃଖଦ ଅନୁଭବ। ସୁଖଦ ଅନୁଭବ ପ୍ରାପ୍ତହେବା କାରଣରୁ ବୃଦ୍ଧିପାଏ ଆତ୍ମବିଶ୍ୱାସ ଏବଂ ସାମାଜିକ ସଂପର୍କ।

ସବୁଠାରୁ କୌତୂହଳର କଥା ହେଉଛି ସର୍ବଦା ସତ କହୁଥିଲେ ସତ୍ୟ କହିଥିବା କଥା ମନେରଖିବାର ଆବଶ୍ୟକତା ପଡ଼ିନଥାଏ। ଫଳରେ ସତ୍ୟପରାୟଣ ବ୍ୟକ୍ତିମାନଙ୍କର ମସ୍ତିଷ୍କର କମ୍ ସଂଖ୍ୟକ ଅଞ୍ଚଳ ସକ୍ରିୟ ରହେ। ଅନ୍ୟପକ୍ଷରେ, ମିଛ କହିଲେ ଭବିଷ୍ୟତରେ ମିଛ ଧରାପଡ଼ିଯିବାର ଭୟଥାଏ। ମିଛକୁ ଘୋଡ଼େଇବାପାଇଁ ଆହୁରି ମିଛ କହିବାକୁ ପଡ଼େ। ସେଥିପାଇଁ ମିଛ କହିଲେ, ମିଛକୁ ମନେରଖିବାପାଇଁ ହୁଏ। ମିଛ କହିଥିଲେ ଧରାପଡ଼ିଯିବାର ଆଶଙ୍କା ଯୋଗୁ ମନ ସର୍ବଦା ରହେ ଚାପଗ୍ରସ୍ତ, ଉତ୍କଣ୍ଠିତ।

ଆଚ୍ଛା ସତ୍ୟକଥନ ଯଦି ପ୍ରାକୃତିକ, ତେବେ ଆମେ ମିଛ କହିଶିଖିଲୁ କେମିତି? ବୈଜ୍ଞାନିମାନଙ୍କ ମତରେ ଆଦିମମାନବ ଭାଷାର ବ୍ୟବହାର ଶିଖିବା ପରେ ପରେ ମିଛକହିବା ଆରମ୍ଭ କରିଦେଇଥିଲା। ତା'ପରଠାରୁ ମିଛ କହିଚାଲିଛି। ପୁଣି ଆମେ ମିଛ କହୁନଥିବା ବ୍ୟକ୍ତି ଯେ ଆଦୌ ନାହାନ୍ତି, ତାହା ନୁହେଁ। ଆମେରିକୀୟମାନେ ସପ୍ତାହରେ ଅନ୍ତତଃ ୧୧ଥର ମିଛ କହିଥାନ୍ତି ବୋଲି ଏକ ଅନୁଧ୍ୟାନରୁ ପ୍ରକାଶ। ପୁଣି ବଡ଼ କୌତୂହଳର କଥା ଯେ, ଛୋଟ ପିଲାଏ ମିଛ କହୁଥିଲେ ସେମାନଙ୍କର ବୌଦ୍ଧିକ ବିକାଶ ଠିକ୍ ବାଟରେ ଚାଲିଥିବାର ବିଜ୍ଞାନୀମାନଙ୍କ ମତ। ସାଂପ୍ରତିକ ସମୟରେ ସତ୍ୟ ଯେ ମିଥ୍ୟାଦ୍ୱାରା ଏକ ବିରାଟ ଆହ୍ୱାନର ସମ୍ମୁଖୀନ, ଏହା ହିଁ ବିଡ଼ମ୍ବନା ।

ମିଛ କହିବାରେ ବି ରହିଛି ବଂଶଗତ ପ୍ରଭାବ। ପୁଣି ଅଭ୍ୟାସଗତ ମିଛୁଆଙ୍କ ମସ୍ତିଷ୍କସ୍ଥିତ ପ୍ରିଫଣ୍ଟାଲ କଟେକ୍ସ ନାମକ ଅଞ୍ଚଳରେ ୨୦ ପ୍ରତିଶତ ଅଧିକ ସ୍ନାୟୁସୂତ୍ର ରହିଥିବାର ଏକ ଗବେଷଣାରୁ ଜଣାପଡ଼ିଛି। ମିଛ କହିବାର ଅଭ୍ୟାସ ଥିଲେ ମିଶ କହିବା କାଳରେ ଉଦ୍ଦୀପିତ ହୋଇଉଠେ ମସ୍ତିଷ୍କର ପ୍ରିଫଣ୍ଟାଲ ଲୋବ୍, ଲିମ୍ବିକ୍ ସିଷ୍ଟମ୍ ଏବଂ ଟେମ୍ପୋରାରି ଲୋବ୍। ପ୍ରିଫଣ୍ଟାଲ ଲୋବ୍ ସକ୍ରିୟ ହେବାଯୋଗୁ ବ୍ୟାହତ ହୋଇପଡ଼େ ସତକହିବା। ଲିମ୍ବିକ୍ ସିଷ୍ଟମ୍ ସକ୍ରିୟ ହେବାଫଳରେ ବଢ଼ିଯାଏ ଉତ୍କଣ୍ଠା ଓ ଉଦ୍‌ବେଗ। ଟେମ୍ପୋରାଲ ଲୋବ୍ ସକ୍ରିୟ ହେବାଦ୍ୱାରା ମିଥ୍ୟାକଥା ମସ୍ତିଷ୍କସ୍ଥିତ ସ୍ମୃତିକେନ୍ଦ୍ରରେ ସ୍ଥାୟୀ ଭାବରେ ସଂରକ୍ଷିତ ହୋଇପଡ଼ିବା ଯୋଗୁ ମିଛ କହିଥିଲେ ତାହା ସହଜରେ ପାସୋର ଯାଇନଥାଏ।

ମିଛ କହିଲେ ଶରୀର ଓ ମନ ଉପରେ ପ୍ରତିକୂଳ ପ୍ରଭାବ ପଡ଼ି ବିପର୍ଯ୍ୟସ୍ତ ହୋଇପଡ଼େ ଆବେଗପ୍ରବଣତା। ଏହାର ପରିଣାମରେ ମାନସିକ ଚାପ ଅସ୍ୱାଭାବିକ ଭାବରେ ବଢ଼ିଯାଏ। ବୃଦ୍ଧି ପାଇଯାଏ ମାନସିକ ଅବସାଦ, ଉତ୍କଣ୍ଠା, ଅପରାଧବୋଧ ଏବଂ ଭୟ ଆଦି ଲକ୍ଷଣ। ଶ୍ୱାସକ୍ରିୟା ହୋଇଯାଏ ଦ୍ରୁତତର। ନାଡ଼ିର ହାର ଅଧିକ



ଯେତିକି ଦାନ କଲ, ସେତିକି କେବେହେଲେ ଖର୍ଚ୍ଚ ନୁହେଁ - ଲଗାଣ ମାତ୍ର।

ହୋଇପଡ଼ିବା ସଙ୍ଗେ ସଙ୍ଗେ ବଢ଼ିଯାଏ ରକ୍ତଚାପ। ମିଥ୍ୟା କହୁଥିବା ନିର୍ଦ୍ଧାରଣ କରିବା ନିମନ୍ତେ ଏହିସବୁ ଲକ୍ଷଣର ବିଶ୍ଳେଷଣ କରାଯାଇଥାଏ ଲାଏ ଡିଟେକ୍ଟର ଟେଷ୍ଟରେ।

ଉପରୋକ୍ତ ଆଲୋଚନା ପରିପ୍ରେକ୍ଷୀରେ ବିଚାର କଲେ ସତ୍ୟପରାୟଣତା ସ୍ୱାସ୍ଥ୍ୟ ଉପରେ ଅନୁକୂଳ ପ୍ରଭାବ ପକେଇ ଆମକୁ ସୁସ୍ଥ ରଖିପାରୁଥିବାବେଳେ ମିଥ୍ୟାଚର ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକେଇ ଆମକୁ ଅସୁସ୍ଥ କରିଦିଏ ।

ମହାତ୍ମା ଗାନ୍ଧୀ କହୁଥିଲେ, "ଆମର ଜୀବନ ସତ୍ୟକୈନ୍ଦ୍ରିକ ହେଉ, ସତ୍ୟକୈନ୍ଦ୍ରିକ ହେଉ ଆମର ପ୍ରତ୍ୟେକ କର୍ମ ।" ଆମେରିକୀୟ ଦାର୍ଶନିକ ଥୋରୋ କହିଥିଲେ -

"ମୋ'ର ପ୍ରେମ ଦରକାର ନାହିଁ ।
ମୋ'ର ଟଙ୍କା ପଇସା ଦରକାର ନାହିଁ ।
ମୋ'ର ପ୍ରଖ୍ୟାତି ତଥା ପଦପଦବୀ ଦରକାର ନାହିଁ।
ମୋ'ର ଲୋଡ଼ା କେବଳ ସତ୍ୟ, ସତ୍ୟ ଏବଂ ସତ୍ୟ । "

**'ଅଭୀପ୍ସା', ସେକ୍ଟର - ୬, ପ୍ଲଟ୍ ନଂ - ୧୧୩୧,**
**ଅଭିନବ ନିବାସୀ, କଟକ - ୭୫୩୦୧୪**

# ପଦ୍ମଶ୍ରୀ ନନ୍ଦ କିଶୋର ପୃଷ୍ଟିଙ୍କ ବିୟୋଗ

ରାଜ୍ୟ ତଥା ଦେଶରେ ପରିଚିତ ଶତାୟୁ ବ୍ୟକ୍ତିତ୍ୱ ପଦ୍ମଶ୍ରୀ ସ୍ୱର୍ଗତ ନନ୍ଦ ସାର୍ ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ କନ୍ତିରା ଗାଁର ବାସିନ୍ଦା ଆଜୀବନ ନିଜେ ଚାଟଶାଳୀ ଖୋଲି ସେଥିରେ ଗରିବ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷା ପ୍ରଦାନ ଏଯାବତ୍ ସମର୍ପିତ ଥିଲେ।

ଆଧୁନିକ ଯୁଗରେ ମଧ୍ୟ ଚାଟଶାଳୀକୁ ଉଜ୍ଜୀବିତ ରଖି ଗ୍ରାମାଂଚଳର ଅନେକ ଗରିବ ପିଲାଙ୍କୁ ମାଗଣା ଶିକ୍ଷା ପ୍ରଦାନ କରିବା ଦିଗରେ ତାଙ୍କର ଅବଦାନ ଚିର ସ୍ମରଣୀୟ ହୋଇ ରହିବ। ତାଙ୍କର ଏହି ମହତ୍ କାର୍ଯ୍ୟ ପାଇଁ ନିକଟରେ ମହାମହିମ ରାଷ୍ଟ୍ରପତିଙ୍କ ଠାରୁ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରି ସାରା ଦେଶରେ ପରିଚୟ ସୃଷ୍ଟି କରିଥିଲେ, ତାଙ୍କ ଏପରି କାର୍ଯ୍ୟ ନିଶ୍ଚିତ ଭାବେ ଆଗାମୀ ପିଢିକୁ ପ୍ରେରଣା ଦେବ ବୋଲି ଶ୍ରୀ ମହାନ୍ତି ଶୋକ ବ୍ୟକ୍ତ କରି କହିଛନ୍ତି।

ଶତାୟୁ ପୁରୁଷ, ସୁକିନ୍ଦା ଅଂଚଳରେ ଶିକ୍ଷାର ଆଲୋକ ବର୍ତ୍ତିକା ପଦ୍ମଶ୍ରୀ ନନ୍ଦ ସାରଙ୍କ ପରଲୋକ ଘଟିଛି । କରୋନାରେ ଆକ୍ରାନ୍ତ ହୋଇ କଳିଙ୍ଗନଗର ଡୁବୁରୀ ସ୍ଥିତଘରୋଇ ମେଡିକାଲରେ ଭର୍ତ୍ତିହୋଇଥିଲେ, ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ସମ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ୧୦୪ ବର୍ଷ ବୟସରେ ଚିକିତ୍ସାଧୀନ ଅବସ୍ଥାରେ ସମ ହସ୍ପିଟାଲରେ ତାଙ୍କର ଦେହାନ୍ତ ହୋଇଛି ।

ନନ୍ଦ ସାର ଦୀର୍ଘ ୮୦ ବର୍ଷ ହେଲା ଗାଁ ଛୁଆଙ୍କୁ ବିନା ପାରିଶ୍ରମିକରେ ପାଠପଢାଇ ଆସୁଥିଲେ। ପଦ୍ମଶ୍ରୀ ନନ୍ଦ କିଶୋର ପୃଷ୍ଟି ବା ନନ୍ଦ ସାରଙ୍କ ଜୀବନୀ ଉପରେ ଅଭିସ୍ମିତା ଫିଲ୍ମସ୍ ପକ୍ଷରୁ 'ନନ୍ଦମାଷ୍ଟ୍ରଙ୍କ ଚାଟଶାଳୀ' ନାମରେ ଏକ ଫିଲ୍ମ ପ୍ରସ୍ତୁତ କରାଯାଇଛି । ଏହାର ୮୦ ଭାଗ ସୁଟିଂ ସରିଥିବା ବେଳେ ଆସନ୍ତା ମାର୍ଚ୍ଚ ୨୦୨୨ ରେ ଏହା ରିଲିଜ କରାଯିବ ବୋଲି ସୂଚନା ମିଳିଛି ।

# ଶୀତପାଇଁ ଗୀତଟିଏ



**ଜବାହରଲାଲ ସୁବୁଦ୍ଧି**

ଶୀତୁଆ ସକାଳ କାକର ବିନ୍ଦୁରେ
ଭରିଥାଏ ଶୀତଳତା
ଶୀତ ତମେ ଆସ ମନେ ଭରିଯାଉ
କେତେ ଯେ ତୁମ ବାରତା । ॥୧॥

ଧରାକୁ ଆସିଲେ ଶୀତ ମାଉସୀ ମୋ
ମନ ତ ବଦଳିଯାଏ
ଖରା ଓ ବରଷା ଥିର ହୋଇଯାଏ
କ୍ଷେତେ ଶସ୍ୟ ଭରିଯାଏ । ॥୨॥

ଯେତେ ଶସ୍ୟ ଦେଖ ହରିତ ରଙ୍ଗ ଯେ
ମନକୁ ରଙ୍ଗେଇ ଦିଏ,
ଚାଷୀ ବାପୁଡ଼ାଟି ହରଷ ମନରେ
ଫସଲ କାଟଇ ସିଏ । ॥୩॥

ଚାଷୀଟି ହାରିଲେ ଏକ ବରଷ
ଭୋଟ ପାଂଚ ବରଷ
ଅଶିକ୍ଷିତ ଲୋକେ ଅଣ୍ଡାଳି ହୁଅନ୍ତି
ଶିକ୍ଷିତ ହୁଏ ହରଷ ।॥୪॥

ଶୀତର ମଜାଟି ଯିଏତ ପାଇଛି
ମନୁ ପାଶୋରି ଯାଏନି,
ଶୀତରେ ଗାଇଲେ ମନରେ ଆନନ୍ଦ
କଳନା ତା'ର ହୁଏନି । ॥୫॥

ବରଷକେ ଥରେ ଶୀତଟି ଆସିଛି
ତାହାର ତୁଳନା ନାହିଁ
ଆର ବରଷକୁ ପୁଣି ଫେରିଆସ
ନିମନ୍ତ୍ରଣ ତୁମ ପାଇଁ । ॥୬॥

**ବଡ଼ତୋଟା, ଜଟଣୀ, ଖୋର୍ଦ୍ଧା**



ଯେଉଁମାନଙ୍କର ନିଜ ଜିହ୍ୱା ଉପରେ ନିୟନ୍ତ୍ରଣ ନାହିଁ, ସେମାନେ ଦିନେ ନା ଦିନେ ଭିକ୍ଷୁକ ପାଲଟିଯିବାର ଆଶଙ୍କା ଅଛି।

# ସମର୍ପଣ

ରବୀନ୍ଦ୍ରନାଥ ଖଣ୍ଡୁଆଳ



ସମର୍ପଣ ଏକ ପବିତ୍ର ସମ୍ପର୍କ
ଭକ୍ତିଭରା ପ୍ରେମ ରସରେ
ହିଂସା ଓ ଦ୍ୱେଷକୁ ଦୂରେଇ ଦେବାରେ
ପ୍ରଚଣ୍ଡ ଶକ୍ତି ଏ ସଂସାରେ ।   ॥୧॥

ଭକ୍ତ, ଭଗବାନ ନିର୍ମଳ ବନ୍ଧନ
ଆସ୍ଥା ଓ ବିଶ୍ୱାସ ସାଥିରେ
ଧ୍ରୁବ, ପ୍ରହଲ୍ଲାଦ ଭକତ ବିଦୂର
ଦିବ୍ୟ ଭକ୍ତିରସ ଅଧରେ ।   ॥୨॥

ହାର ମାନିଯାଏ ଯାବତ କାଳିମା
ପାଣ୍ଡବ, ପାଞ୍ଚାଳୀ ସାଥିରେ
ଦୁଃଶାସନ ଦ୍ୱାରା ବିବସନ ବେଳେ
ସମର୍ପି ଶ୍ରୀକୃଷ୍ଣ ପୟରେ ।   ॥୩॥

ନିଜ ପିନ୍ଧା ଲୁଗା ଛାଡି ଉଠେ ହାତ
ସର୍ବଶକ୍ତିମାନ ପାଶରେ
ଆସ୍ଥା ଓ ବିଶ୍ୱାସ ଫଳବତୀ ହୁଏ
ସମର୍ପିତ ଶକ୍ତି ହାତରେ ।   ॥୪॥

ବଉଳା ଗାଈ ଯେ ସମର୍ପିତ ହେଲା
ବ୍ୟାଘ୍ର ମହାରାଜା ପାଖରେ,
କଥାଦେଇ ଗାଈ, କ୍ଷୀର ଯେ ପିଆଇ
ଫେରିଲା ବଚନ ରକ୍ଷାରେ ।   ॥୫॥

ସମର୍ପିତ ଭାବ ହୋଇଲା ବିଜୟ
ହିଂସ୍ର ଓ ନିଷ୍ଠୁର ହାତରେ
ଫଳଭରା ବୃକ୍ଷ, ଅହଂଭାବ ଛାଡି
ମଥାନତ ପ୍ରାଣୀ ହିତରେ ।   ॥୬॥

ଲମ୍ଫ ମାରିଚାଲେ, ପାହାଡୁ ଝରଣା
ବାରିଧାରା ଯେହ୍ନେ ଧରାରେ
ସୁଜଳା ସୁଫଳା ଶସ୍ୟ ଶ୍ୟାମଳା
ମାଟି ମାଆ ଆମ ସେବାରେ ।   ॥୭॥

ତିନି ଠାକୁରଙ୍କୁ ସମର୍ପିତ ଭୋଗ
ପ୍ରସାଦ ମଣୋହି ଯୋଗରେ
ବିମଳା ମାତାଙ୍କୁ ପ୍ରସାଦ ଚଢ଼ାଇ
ମହାପ୍ରସାଦ ଯେ ଭୋଗରେ ।   ॥୮॥

ପରିବାର ହିତ ମଙ୍ଗଳପାଇଁ କି
(ସ୍ତ୍ରୀ) ସମର୍ପିତ ସ୍ୱାମୀ ପାଶରେ
ବୀର ଯବାନଙ୍କ ସମର୍ପିତ ସେବା
ଦେଶର ଗୌରବ ଗାଥାରେ ।  ॥୯॥

କଳା, ସାହିତ୍ୟ ଓ ଶିକ୍ଷାର ପ୍ରସାର
ଜ୍ଞାନୀ, ଗୁଣୀ, ତ୍ୟାଗ ସେବାରେ
ମାନବ ହୁଅଇ ମହାମାନବ ଯେ
ତ୍ୟାଗ ବଳିଦାନ ଆଗରେ ।   ॥୧୦॥

ନଦୀ ସମର୍ପିତ ସାଗର ବୁକୁରେ
ଜୀବନ ଅନ୍ତିମ ମୃତ୍ୟୁରେ
ପବିତ୍ର ବନ୍ଧନ ଏହି ସମର୍ପିତ
ସଦା ଭକ୍ତି ପଦ୍ମ ପୟରେ ।   ॥୧୧।

ରାମଚନ୍ଦ୍ରପୁର ବଜାର, ଜଟଣୀ
ମୋ - ୯୪୩୭୧୧୪୬୫୧

# ନୀତି କବିତା

ଶକୁନ୍ତଳା ରଥ



"ଶ୍ରଦ୍ଧା" ରେ ମନର - ମଞ୍ଜିକୁ ଆମେରେ
ପୋତିବା "ଚେତନା" ମାଟିରେ,
ତହିଁରୁ "ବିଶ୍ୱାସ" ବୃକ୍ଷଟି ଜନମି
ହସିବ "ବିବେକ" ବାଟିରେ ।

ସେ ବୃକ୍ଷେ କଅଁଳି "ପ୍ରେମ" ର ପତର
ଛାଇବ ହୃଦୟ - କାନନ
ତା'ପତ୍ର ଗହଳେ କୁସୁମିତ ହେବ
"ତ୍ୟାଗ" ର ସୁବାସ - ସୁମନ ।

ସେ ଫୁଲେ ଫଳିବ ଏମିତିକା ଫଳ
ନାମ ଅଟେ ତା'ର "ଭକତି",
ଚିନ୍ତା, କର୍ମ, କଥା, ମଧରେ "ଏକତା"
ଆଣିବାକୁ ଦେବ "ଶକତି" ।

"ସତ୍ୟ", "ଧର୍ମ" ପଥେ ଚାଲିବାକୁ ପଥ
ପ୍ରାଣରେ ଭରିବ "ପ୍ରେରଣା",
"ନୀତି", "ଆଦର୍ଶ" ରେ ଜୀବନକୁ ଗଢ଼ି
କରିବା ପ୍ରଭୁଙ୍କୁ ପ୍ରାର୍ଥନା ।

ପିତା, ମାତା, ଗୁରୁ ପାଦ ପୂଜି ନିତି
ଲଭିବା ତାଙ୍କରି ଆଶିଷ,
"ଶୁଦ୍ଧ ଆଚରଣ" ଆଚରି ସଂସାରେ
ହେବା ଆମେ ଭଲମଣିଷ ।

ପର, ଆପଣାର ଭେଦଭାବ ଭୁଲି
ସମସ୍ତଙ୍କୁ ଭଲପାଇବା,
ସମାଜସେବାରେ ସେବକ ହୋଇଲେ
ସଭିଙ୍କର ସେବା କରିବା ।

ନିତି  ନୀତି ଶୁଣି ନିତି ନୀତି ପଢ଼ି
କିଅବା କାର୍ଯ୍ୟ ହୋଇବ,
ନିତି ନୀତି ମାନୁ ଚାଲୁଥିଲେ ସିନା
ଜୀବନେ ବଡ ହୋଇବ ।

ମାତୃଭୂମି, ମାତୃଭାଷାକୁ ଆମରି
ବିଶ୍ୱରେ କରିବା ମହାନ୍,
ଜନମ ସାର୍ଥକ ହୋଇବ ଯେହେତୁ
ଆମେ ତା'ର ବୀର ସନ୍ତାନ ।



ଧନବାନ୍ ହୋଇ ମଧ ଯାହାର ଧନଇଚ୍ଛା ଦୂର ହୋଇନାହିଁ, ତାକୁ ମୁଁ ସର୍ବଦା ଦରିଦ୍ର ବୋଲି ଭାବେ ।

# ଓଲଟା

**ପ୍ରସନ୍ନ କୁମାର ନାୟକ**

ଅଜବ ଏହି ଧରା,
ଏଇଠି ଦିନରେ ବି ତରାପଡ଼େ,
ରାତିରେ ପଡ଼େ ଖରା ।
ଅବେଳାରେ ହୁଏ ଶୀତ,
ଫଗୁଣ ଗାଏନି ଗୀତ,
ଆଷାଢ଼ରେ ନାହିଁ ବର୍ଷା,
ଧାନ ବୁଣେ ନାହିଁ ଚଷା,
ଆଉ ଦଣ୍ଡେ ଘଡ଼ିକରେ ବୁଡ଼ିବ ହଂସା ।
ରାଜନୀତି ଏଠି ସୁନ୍ଦର ପେଷା,
ଜଣାପଡ଼େ ନାହିଁ ଟାଣେ ପଇସା,
ନିର୍ମୁଳି ଲତାଠୁ ଆହୁରି ଶକ୍ତ,
ଦେଶେ ଲମ୍ୱେଇଛି ଚେର ବହୁତ,
ସ୍ୱ-ଧର୍ମ ଭୁଲି କୋରି,
ଖାଉଛନ୍ତି ଆମ ମାଉଁସ ।
ସ୍ୱାଧୀନ ହୋଇଲା ଆମ ଭାରତ,
ସମାନତା ଧର୍ମେ ଅଟେ ବିଖ୍ୟାତ,
ନାରୀ ସମାଚ୍ଚର ଘଟେ ନିଇତି,
ନାରୀ ମାନେ ଏଠି ସର୍ବଦା ଭିତି,
ଏକି ସ୍ୱାଧିନତା,
ଇଜ୍ଜତକୁ ନେଇ ସଲାସୁତରା ।
ଏଇଠି ପିମ୍ପୁଡ଼ି ଯିବାକୁ ପାଏନି ବାଟ,
ହାତୀ ଯିବା ପାଇଁ ତିଆର ପଥ,
ତେଲିଆ ମୁଣ୍ଡରେ ତେଲ ଢଳା ହୁଏ,
ନିଖୁରା ମୁଣ୍ଡଟି ସଦାନିଖୁରା ।
ଏଇଠି ସତ୍ୟ, ଶାନ୍ତି ନ୍ୟାୟେ ଯିଏ ଚ୍ଚଳିଲା,
ସିଏ ହେଲା ସର୍ବହରା ।

**ଗଳଦାରୀ, ଜଗତସିଂହପୁର**
**ଦୂରଭାଷ - ୯୪୩୮୭୦୩୦୧୪**

# ବନ୍ଧୁ ପରି ବନ୍ଧୁଟିଏ



**ବିଜୟଲକ୍ଷ୍ମୀ ଦାଶ**

ମାନବ ଜୀବନ ନୁହଇ ସରଳ
ଅଟେ ଅଙ୍କାବଙ୍କା ନଈ,
କେତେବେଳେ ଏହା ସଳଖରେ
ପୁଣି କଙ୍କରିଲେ ଯାଏ ବହି ।

ଜୀବନ ପଥରେ ଆସନ୍ତି ଅନେକ
ସାଙ୍ଗସାଥୀ ଆଉ ବନ୍ଧୁ,
ହୃଦୟରୁ ଢାଳି ସେନେହ ଶରଧା
ବହିଯାନ୍ତି ହୋଇ ସିନ୍ଧୁ ।

ମଣିଷର ସବୁ ସଂପଦ କାଳରେ
ବନ୍ଧୁମାନେ ଥାନ୍ତି ରହି,
ବିପଦ କାଳରେ ଛାଡ଼ିଚ୍ଚଲିଯାନ୍ତି
ଦେଖା ନ ଦିଅନ୍ତି କେହି ।

କିନ୍ତୁ ମନେରଖ ପୁସ୍ତକ ଅଟଇ
ଆମର ପ୍ରକୃତ ବନ୍ଧୁ,
ଜୀବନ ଆକାଶେ ସଦା ଉଦ୍‌ଭାସିତ
ଯଥା ଶାରଦୀୟ ଇନ୍ଦୁ ।

ପୁସ୍ତକ ଅଟଇ ସମାଜ ସଂସ୍କର
ସଂସ୍କୃତିର ବାର୍ତ୍ତାବହ,
ସମାଜକୁ ସିଏ କରେ ସଚେତନ
ସତେ ବା ଦେଇ ଅଭୟ ।

ଗାନ୍ଧୀ କହିଥିଲେ ପୁସ୍ତକର ମୂଲ୍ୟ
ରତ୍ନଠାରୁ ବି ଅଧିକ,
ରତ୍ନ ସିନା ବାହାରକୁ ଚକଚକ
ଅନ୍ତର ନୁହେଁ ପ୍ରକାଶ ।

ପୁସ୍ତକର ଅଛି ପ୍ରତିଟି ଫର୍ଦରେ
ରତ୍ନଠାରୁ ବଳି ଜ୍ୟୋତି,
କଷଟି ପଥରେ ପରଖିବ ତାକୁ
ଖାଦ ନୁହେଁ ସିଏ ଖାଣ୍ଟି ।

ବାଲ୍ ଗଙ୍ଗାଧର ତିଳକ କହିଲେ
ଯଦି ବା ଯିବି ନରକ,
ନରକରେ ଥାଇ ତଥାପି ମାଗିବି
ପଢ଼ିବାପାଇଁ ପୁସ୍ତକ ।

ଋଷିଆର ଲିଓ ଟଲଷ୍ଟୟଙ୍କର
ତିନିଟି ଥିଲା କାମନା,
କାଗଜ, କଲମ, ପୁସ୍ତକରେ ସଦା
ବୁଡ଼ିଥିଲେ ମହାମନା ।

ଇଟାଲୀ ଦେଶର ସିସେରୋ କହିଲେ
ପୁସ୍ତକ ନଥିବା ଘର,
ତାଙ୍କରି ମତରେ ଏହା ତୁଳନୀୟ
ଆତ୍ମା ନଥିବା ଶରୀର ।

ଆଲେକ୍‌ଜାଣ୍ଡର ଲିଙ୍କନ୍ ଲେନିନ୍
ଅଧ୍ୟୟନେ ମନ ଦେଇ,
କାଳେ କାଳେ ବିଶ୍ୱେ ନାମ ରଖିଗଲେ
ଯଶ ତାଙ୍କ ଯାଏ ବହି ।

ବନ୍ଧୁ ପରି ବନ୍ଧୁଟିଏ ଯେ ପୁସ୍ତକ
ନିରୋଳା ମନରେ ସାହା,
ଅନ୍ଧାର ରାତିରେ ପଥ ପ୍ରଦର୍ଶକ
ଦେଖାଏ ନୂତନ ରାହା ।

**ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷା ଅଧିକାରୀ**
**ୱାଟର ୱାର୍କସ୍ ରୋଡ଼୍, ପୁରୀ**
**ମୋ - ୯୨୩୮୫୦୦୫୫୬**



ଜ୍ଞାନ ହେଉଛି ଦରିଦ୍ରର ସମ୍ପଦ, ଧନୀର ସମ୍ମାନ, ଯୁବକର ଭରସା ଓ ବୃଦ୍ଧର ଶାନ୍ତି ତଥା ସୁଖ।

# ପରୋପକାର



ଉମାଶଙ୍କର ପ୍ରସାଦ

ସୃଷ୍ଟିର ବୈଚିତ୍ର୍ୟ ସ୍ରଷ୍ଟାଙ୍କର ଅନନ୍ତ ମହିମାର ଦ୍ୟୋତକ। ତାଙ୍କର ସୃଷ୍ଟିରେ ପଶୁ, ପକ୍ଷୀ, କୀଟ ପତଙ୍ଗ ଓ ମନୁଷ୍ୟ ଆଦି ବହୁପ୍ରାଣୀ ଅଛନ୍ତି। ମନୁଷ୍ୟ ସମାଜ ମଧ୍ୟ ଏଥିରୁ ଭିନ୍ନ ନୁହେଁ। ମନୁଷ୍ୟ ସମାଜରେ ସ୍ୱଚ୍ଛଳ, ପ୍ରତିଷ୍ଠାଶାଳୀ, ନୀରୋଗ ଲୋକମାନଙ୍କ ସହିତ ଅସହାୟ, ପୀଡିତ, ରୁଗ୍ଣ ଓ ଯନ୍ତ୍ରଣା ଜର୍ଜରିତ ଅନେକ ଲୋକ ଆମ ସମାଜରେ ଅଛନ୍ତି। ସେମାନଙ୍କ କଷ୍ଟ ଅପନୋଦନ ମନୁଷ୍ୟର କର୍ତବ୍ୟ। ଅସହାୟ ବ୍ୟକ୍ତିଙ୍କୁ ସହାୟତା କରିବା ପାଇଁ ମହାପୁରୁଷମାନେ ଉପଦେଶ ଦେଇ କହିଛନ୍ତି

"ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟାଃ" ଉଦାତ ମନ୍ତ୍ର। ଏହି ଚିନ୍ତାଧାରାରେ ଅନୁପ୍ରାଣିତ ବ୍ୟକ୍ତି ବିଶେଷ ଲୋକ-କଲ୍ୟାଣରେ ବ୍ରତୀ ଅଟନ୍ତି। ସେମାନଙ୍କ ହୃଦୟରେ ପରମେଶ୍ୱର ପରୋପକାର ରୂପକ ଦିବ୍ୟଗୁଣ ରଖିଛନ୍ତି। ପରୋପକାର ସାଧନ ମନୁଷ୍ୟର ଏକ ସାମାଜିକ କର୍ତବ୍ୟ। ଏହି କର୍ତବ୍ୟ ସମ୍ପାଦନରେ ଯେଉଁ ବ୍ୟକ୍ତି ଯେତେ ଯଶସ୍ୱୀ ସେ ସମାଜରେ ସେତିକି ସମ୍ମାନର ଅଧିକାରୀ ହୋଇଥାଏ। ସାମ୍ପ୍ରତିକ ସମାଜ କ୍ରମଶଃ କଳୁଷିତ ଓ ଅବକ୍ଷୟ ହେବାରେ ଲାଗିଛି। ମଣିଷର ଚରିତ୍ର ଧିରେ ଧିରେ ପରିବର୍ତିତ ହେଉଛି। ହତାଶ, ନୈରାଶ୍ୟ ମଣିଷ ମୁହଁରେ ହସ ଫୁଟାଇବା ପାଇଁ ପରୋପକାରର ଭୂମିକା ଉଲ୍ଲେଖନୀୟ। ପରୋପକାରକୁ ଭାରତୀୟ ସମାଜରେ ଉଚ୍ଚାସନ ପ୍ରଦାନ କରାଯାଇଛି। ପରୋପକାର ଦ୍ୱାରା ପୁଣ୍ୟାର୍ଜନ ହୁଏ ବୋଲି ଭାରତୀୟମାନଙ୍କର ଅଗାଧ ବିଶ୍ୱାସ। ମହର୍ଷି ବ୍ୟାସ ଦେବ ଏହି ଉକ୍ତିର ଯଥାର୍ଥତା ପ୍ରତିପାଦନ କରିବାକୁ ଯାଇ ବ୍ୟକ୍ତ କରିଛନ୍ତି

"ଅଷ୍ଟାଦଶ ପୁରାଣେଷୁ ବ୍ୟାସସ୍ୟ ବଚନ ଦ୍ୱୟମ୍,
ପରୋପକାର ପୁଣ୍ୟାୟ ପାପାୟ ପରପୀଡନମ୍"।

ଆମର ବାସଭୂମୀ ଧରିତ୍ରୀ ତାର ବକ୍ଷରେ ପ୍ରାଣୀ ଓ ଉଦ୍ଭିଦଙ୍କୁ ଧାରଣ କରି ମହୋପକାର କରୁଛି। ଭରଣ ପୋଷଣ ଓ ଜୀବନ ଧାରଣରେ ପୃଥିବୀ ପରି ପରୋପକାରିଣୀ କେହି ନାହାଁନ୍ତି। ମଣିଷ ପ୍ରତି ପ୍ରକୃତି ସମ୍ବେଦନ ଶୀଳ ଓ ଉତ୍ସର୍ଗୀକୃତ ପ୍ରାଣ। ସୂର୍ଯ୍ୟ, ଚନ୍ଦ୍ର, ସାଗର, ସରିତ, ବନ, ପର୍ବତ, ବୃକ୍ଷଲତା ଓ ଋତୁଚକ୍ର ଆଦି ପୃଥିବୀବାସୀଙ୍କ ହିତରେ ସର୍ବଦା ନିଜକୁ ନିୟୋଜିତ କରିଛନ୍ତି। ପରୋପକାରର ଦୃଷ୍ଟାନ୍ତ ଦେବାକୁ ଯାଇ କବି ଭର୍ତୃହରି ଲେଖିଛନ୍ତି:-

"ପିବନ୍ତି ନଦ୍ୟଃ ସ୍ୱୟମେବ ନାମ୍ଭଃ,
ସ୍ୱୟଂ ନ ଖାଦନ୍ତି ଫଳାନି ବୃକ୍ଷାଃ"।
ନାଦନ୍ତି ଶସ୍ୟଂ ଖଳୁବାରିବାହାଃ,
ପରୋପକାରାୟ ସତାଂ ବିଭୂତୟଃ ।

ନଦୀ ଅନନ୍ତ ଜଳରାଶି ହୃଦରେ ଧାରଣ କରି ପ୍ରଭାତରୁ ପ୍ରଦୋଷ ପର୍ଯ୍ୟନ୍ତ ଗତିଶୀଳ ହୋଇଥାଏ। ଏହାର କାରଣ ଅନ୍ୟର ହିତସାଧନ। ଖରା, ବର୍ଷା, ଶୀତ, କାକର, ଝଡ, ତୋଫାନ ସହ୍ୟକରି ବୃକ୍ଷ ଜନ୍ମ ଦେଇଥିବା ଫଳକୁ ନିଜେ ଭକ୍ଷଣ ନକରି ସମଗ୍ର ସମାଜକୁ ଅର୍ପଣ କରିବା ସହିତ କ୍ଳାନ୍ତ ବାଟୋଇକୁ ନିଜର ସୁଶୀତଳ ଛାୟା ପ୍ରଦାନ କରିଥାଏ। ମେଘ ପୃଥିବୀକୁ ଜଳଦାନ କରି ପ୍ରତ୍ୟୁପକାର ଆଶା ରଖି ନ ଥାଏ। ଗୋମାତା କୁଣ୍ଡା, ତୋରାଣି ଆମର ବଚାକୁଚା ଖାଦ୍ୟ ଖାଇ ତାର ପ୍ରତିଦାନରେ ଅମୃତରୂପୀ ଦୁଗ୍ଧ ଦାନ କରି ସମାଜର ସକଳ ମନୁଷ୍ୟର ଉପକାର କରିଥାଏ। ତେଣୁ ପରୋପକାର ହିଁ ପୁଣ୍ୟ ଓ ଇଶ୍ୱର ଲାଭର ପ୍ରକୃତ ପନ୍ଥା। ଆମକୁ ସ୍ମରଣ ରଖିବାକୁ ହେବ - "Service to mankind is Service to God" ସମସ୍ତେ ପରୋପକାରୀ ହୋଇପାରନ୍ତିନି। ପରୋପକାର ଭଳି ଦିବ୍ୟଗୁଣ ବହୁ ପୁଣ୍ୟବଳରୁ ମିଳିଥାଏ।

ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ ନଂ-୬୩୭୦୬୭୫୫୬୨

## ବାପା.....



**ଲୋହିତ ନାରାୟଣ ମହାପାତ୍ର**

ସେ ଥିଲେ ପାଶେ ଭୟନାହିଁ କାହାକୁ
ହେଳା କରନ୍ତିନି ସବୁ ସହିବାକୁ
ଘରର ଦାୟିତ୍ୱ ସେ ସବୁ ମୁଣ୍ଡାନ୍ତି
ସେ ମୋ ବାପା ଆଉ କେହି ନୁହଁନ୍ତି । ॥୧॥

ଯାହାଙ୍କ ପ୍ରେରଣାରେ ଅନୁପ୍ରାଣିତ
ଯାହାଙ୍କ ଆଦର୍ଶରେ ମୁଁ ପରିଚିତ
ସଫଳ ପାଇଲେ ଯେ ଖୁସି ହୁଅନ୍ତି
ସେ ମୋ ବାପା ଆଉ କେହି ନୁହଁନ୍ତି ॥୨॥

ସବୁକୁ ଯିଏ ପିଠି ପରି ସହନ୍ତି
ନିତିଦିନ ଭଲମନ୍ଦ ଯେ ବୁଝନ୍ତି
ନିଜକୁ ନଦେଖି ଯେ ମୋତେ ଦେଖନ୍ତି
ସେ ମୋ ବାପା ଆଉ କେହି ନୁହଁନ୍ତି । ॥୩॥



ତୁମଠାରେ ବହୁ ଭଲଗୁଣ ନଥାଇପାରେ, କିନ୍ତୁ ଅଛି ବୋଲି ଛଳନା କଲେ ଦିନେ ଅନୁତାପ କରିବ।

# ଦୂରଦୃଷ୍ଟି ଓ ଅନ୍ତର୍ଦୃଷ୍ଟି



ତୁଳସୀ ଜୈନ

ଦେଶ ସଂପ୍ରତି ଅନେକ ସମସ୍ୟା ଦେଇ ଗତି କରୁଛି । କରୋନା ମହାମାରୀ, ବିସ୍ତାରବାଦୀ ଚୀନ, ସୀମା ଆର ପାରି ଆତଙ୍କବାଦ, ହ୍ରାସୋନ୍ମୁଖ ଅର୍ଥ ବ୍ୟବସ୍ଥା, ଉତ୍କଟ ବେକାରୀ, ଅସହିଷ୍ଣୁ ପରିବେଶ, ଅବାଧ ନିଶା କାରବାର ଆଦି ମଧ୍ୟରେ ଜାତୀୟ ଶିକ୍ଷାନୀତି ୨୦୨୦ ପ୍ରସ୍ତୁତ କରାଯାଇଛି । ପ୍ରଫେସର କସ୍ତୁରିରଙ୍ଗନଙ୍କ ବିଲକ୍ଷଣ ମାର୍ଗଦର୍ଶନରେ ବହୁ ଶିକ୍ଷାଶାସ୍ତ୍ରୀ କଠୋର ମାନସ ମନ୍ଥନ କରି ନବନୀତ ବାହାର କରିବାରେ ସଫଳ ହୋଇ ପାରିଛନ୍ତି । ଯେଉଁ ଦେଶରେ ଶିକ୍ଷାର ସ୍ତର ଯେତେ ଉନ୍ନତ ପରିମାର୍ଜିତ, ସେହି ଦେଶ ସମଗତିରେ ମହାନତା ଆଡକୁ ଅଗସର ହେବା ତା'ର ନିଶ୍ଚିତ ନିୟତି । ସେହି ରାଷ୍ଟ୍ର ନିଜ ସାର୍ଥକ ଯୌବନ ବଳରେ କାଳର କପାଳରେ ଅଲିଭା ହସ୍ତାକ୍ଷର ଅଙ୍କିତ କରି ପାରିଥାଏ ।

ଦୀର୍ଘ ଦିନର ପରନ୍ତତା ପରେ ୧୯୪୭ରେ ଦେଶ ସ୍ୱାଧୀନ ହେଲା । ସେତେବେଳ ଶିକ୍ଷା ଓ ଅଧ୍ୟାତ୍ମ ଉଭୟ ପରନ୍ତତାର ଗ୍ଲାନିବୋଧରୁ ଭାରତୀୟମାନଙ୍କୁ ମୁକ୍ତ କରିବାର ଦାୟିତ୍ୱ ବହନ କରିଥିଲେ । ତେବେ ବର୍ତ୍ତମାନ ଦେଶର ପ୍ରବୁଦ୍ଧ ମନୀଷୀମାନେ ତିଳମାତ୍ର ସଂକୋଚ ନ କରି ଶିକ୍ଷା ଓ ଧର୍ମର ବିଫଳତାର ଡିଣ୍ଡିମ ପିଟୁଛନ୍ତି ।

ଶିକ୍ଷାର ଉଦ୍ଦେଶ୍ୟ ହେବାର ଥିଲା – ପିଲାଙ୍କ ଭବିଷ୍ୟ ନିର୍ମାଣ । କିନ୍ତୁ ସ୍ୱାଧୀନୋତ୍ତର ଶିକ୍ଷା କେବଳ ବର୍ତ୍ତମାନ ସର୍ବସ୍ୱ ସାଜି ଅର୍ଥ ଓ ଆଜୀବିକା ପଛରେ ଧାବମାନ । ଉପନିଷଦୀୟ ସୂତ୍ର 'ସା ବିଦ୍ୟା ଯା ବିମୁକ୍ତୟେ" ହୋଇପଡ଼ିଛି ' ସା ବିଦ୍ୟା ଯା ନିୟୁକ୍ତୟେ' । ଦୁଃଖର କଥା ପ୍ରଚଳିତ ଶିକ୍ଷା ପଦ୍ଧତି ନିଯୁକ୍ତିଟିଏ ବା ଜୀବିକା ସନ୍ଧାନ କରିବାରେ ଲଜ୍ଜାଜନକ ଭାବେ ବିଫଳ ସାବ୍ୟସ୍ତ ହୋଇଛି ।

ଅନ୍ୟ ପକ୍ଷରେ ବର୍ତ୍ତମାନକୁ ସତ୍ୟଂ ଶିବଂ ସୁନ୍ଦରମ୍ କରିବା ଧର୍ମ ବା ଅଧ୍ୟାତ୍ମର ଅଭିପ୍ରାୟ ହେବା ଉଚିତ । କିନ୍ତୁ ବର୍ତ୍ତମାନ ପ୍ରତି ଆଖି ବୁଜିଦେଇ ଧର୍ମ ପରଲୋକ ସୁଧାରିବାରେ ବ୍ୟସ୍ତ । କର୍ମକାଣ୍ଡର ଘନ ଅରଣ୍ୟ ମଧ୍ୟରେ ଧର୍ମ ହଜି ଯାଇଛି । ଅଧ୍ୟାତ୍ମ ହୋଇଛି ନିଷ୍ପ୍ରଭ ।

ପ୍ରାଚୀନ ମୂଲ୍ୟରେ ବିସ୍ଫୋଟକ ଅବକ୍ଷୟ ଦେଖା ଦେଇଛି । ଆମେ ସେହି ମୂଲ୍ୟବୋଧ ସଂରକ୍ଷଣ କରି ପାରୁ ନାହୁଁ । ତେବେ ବିକଳ୍ପ ମୂଲ୍ୟବୋଧ ସୃଷ୍ଟି କରିବାର ସଂସାଧନ ଏହି ଶିକ୍ଷା ନୀତିରେ ଅବଶ୍ୟ ରହିଥିବ ବୋଲି ବିଶ୍ୱାସ । ମନୁଷ୍ୟ ଓ ପଶୁ ମଧ୍ୟରେ ରହଥିବା ଅନ୍ତରକୁ ଉଜାଗର କରିବାରେ ଏହାର ସବୁମନ୍ତେ ସାମର୍ଥ୍ୟ ରହି ଥିବା କଥା । ପିଲାଙ୍କ ଆଇକ୍ୟୁ ସହିତ ଇକ୍ୟୁ (ଇମୋସନାଲ କୋସିଏଣ୍ଟ)ର ବିକାଶ ପ୍ରତି ସମୁଚିତ ଦୃଷ୍ଟି ରହିବା ଉଚିତ । ବିଦ୍ୟାର୍ଥୀମାନଙ୍କ ଆବେଗ ଓ ଆବେଶ ସେମାନଙ୍କ ନିୟନ୍ତ୍ରଣାଧୀନ ରହୁ । ସେମାନଙ୍କ ଦୂରଦଷ୍ଟି (Vision ସହିତ ଅନ୍ତର୍ଦୃଷ୍ଟିର (Intution) ବି ଜାଗରଣ ହେବା ଉଚିତ । ଏହି ମାଟି ପିଣ୍ଡୁଳାମାନଙ୍କ ଆଦିମ ମସ୍ତିଷ୍କର ପରିମାର୍ଜନ ପ୍ରତି ପ୍ରାଧାନ୍ୟ ଦିଆଯିବା ବିଧେୟ । ଯେତେ ଦିନ ପର୍ଯ୍ୟନ୍ତ ଶିକ୍ଷା ସହିତ କରୁଣା ଓ ସଂବେଦନଶୀଳତାର ସମ୍ମିଶ୍ରଣ ହୋଇ ପାରୁ ନାହିଁ ତଥା ଅର୍ଥ ଉପାର୍ଜନ ସହିତ ଅର୍ଥର ସଦୁପଯୋଗ ଏବଂ ଅର୍ଥର ଉପଭୋଗର ସୀମାକରଣର ପ୍ରଶିକ୍ଷଣ ଦିଆ ନ ହୋଇଛି, ଭ୍ରଷ୍ଟାଚାରର ରଥକୁ କେହି ବି ରୋକି ପାରିବେ ନାହିଁ । ଶିକ୍ଷା ସହିତ ପରମକୁ ସଂଲଗ୍ନ କରାଗଲେ ଚରମ ସମସ୍ୟାଗୁଡ଼ିକ ସମାଧାନ ବାହାରିବ ।

୧୯୬୮ରେ ରାଷ୍ଟ୍ରୀୟ ଶିକ୍ଷାନୀତି-୧ ପ୍ରଚଳନ କରାହେଲା । ତା ପୂର୍ବରୁ ବିଚାର ବିମର୍ଶ ଚାଲିଥାଏ । ପ୍ରସିଦ୍ଧ ଶିକ୍ଷାବିଦ୍ ଡ. ଡି.ଏସ୍. କୋଠାରୀଙ୍କ ଅଧ୍ୟକ୍ଷତାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପରିସରରେ "ସାଂପ୍ରତିକ ଶିକ୍ଷା ପଦ୍ଧତି ଶୀର୍ଷକ ଆଲୋଚନା ଚକ୍ର ଚାଲିଥାଏ । ଶିକ୍ଷା ଜଗତ ସହିତ ସଂପୃକ୍ତ ବରିଷ୍ଠ ପଦାଧିକାରୀ ଓ ବିଶେଷଜ୍ଞମାନେ ଅଂଶ ଗ୍ରହଣ କରୁଥାନ୍ତି । ଶିକ୍ଷା ପଦ୍ଧତି ଠିକ୍ ନା ଭୁଲ – ଏହି ବିଭାଜକ ରେଖା ଦ୍ୱାରା ସଭାଗାର ଦୁଇ ଭାଗରେ ବିଭକ୍ତ ହୋଇ ପଡ଼ିଲା । ମଞ୍ଚ ଉପରେ ଅଣୁବ୍ରତ (ଏକ ନୈତିକ ଆନ୍ଦୋଳନ)ର ପ୍ରବର୍ତ୍ତକ ଆଚାର୍ଯ୍ୟ ତୁଳସୀ ମଧ୍ୟ ଉପସ୍ଥିତ ଥାନ୍ତି । ସେ ନିରବ ହୋଇ ସମସ୍ତଙ୍କୁ ଶୁଣୁଥାନ୍ତି । ଡା. କୋଠାରୀ ଯେତେବେଳ ତାଙ୍କ ମତ ଲୋଡିଲେ, ସେ କହିଥିଲେ – ଆଜିର ଆଲୋଚନା ଲକ୍ଷ୍ୟଚ୍ୟୁତ ହୋଇ ପଡ଼ିଛି । ଅଧ୍ୟକ୍ଷ ସାମାନ୍ୟ ବିରକ୍ତି ପ୍ରକାଶ କରି କହିଲେ– ଆପଣ କିପରି ଏହା କହୁଛନ୍ତି ? ଆଚାର୍ଯ୍ୟ ତୁଳସୀ ନିଜ ଦୃଢ଼ ମତକୁ ବିନମ୍ରତା ସହକାରେ ଉପସ୍ଥାପିତ କରି କହିଲେ – ଅଧିକାଂଶ ଆଲୋଚକ ପ୍ରଚଳିତ ଶିକ୍ଷା ପଦ୍ଧତିକୁ ଭୁଲ ନିରୂପିତ କରୁଛନ୍ତି । ଯଦି ଏହା ସତ ତେବେ ଏତେ ବଡ଼ ବଡ଼ ବୈଜ୍ଞାନିକ, ଡାକ୍ତର, ଇଞ୍ଜିନିଅର, ଉଦ୍ୟୋଗପତି ଓ ଶିକ୍ଷାଶାସ୍ତ୍ରୀ କିପରି ସୃଷ୍ଟି ହେଉଛନ୍ତି ? କିଛି ଆଲୋଚକ ଆଜିର ଶିକ୍ଷା ପଦ୍ଧତିକୁ ସଂପୂର୍ଣ୍ଣ ଦୋଷମୁକ୍ତ ବୋଲି ଯୁକ୍ତି କରୁଛନ୍ତି । ଯଦି ଏମାନଙ୍କ ମତ ଯଥାର୍ଥ ତେବେ ଆଜି ଜଣେ ଶୀର୍ଷ ବୈଜ୍ଞାନିକ ନିରାଶ ହୋଇ ଆତ୍ମହତ୍ୟା କାହିଁକି କରୁଛନ୍ତି ? ଜଣେ ଡାକ୍ତର ସେବାଭାବକୁ ଗୌଣ କରି ଅର୍ଥକୁ ସବୁକିଛି ବୋଲି କାହିଁକି ବିଚାରୁଛନ୍ତି ? ଜଣେ ଇଞ୍ଜିନିୟର ନିଜ କର୍ମ କ୍ଷେତ୍ରରେ ଅନୈତିକ ଆଚରଣ କରି ଅଗଣିତ ଲୋକଙ୍କ ଜୀବନକୁ କ'ଣ ପାଇଁ ବିପନ୍ନ କରୁଛନ୍ତି ? ଜଣେ ଉଦ୍ୟୋଗପତି, ଅଧୀନସ୍ଥ କର୍ମଚାରୀ ଓ ଶ୍ରମିକମାନଙ୍କ ଶ୍ରମ ଓ ସ୍ୱେଦର ନିର୍ମମ ଶୋଷଣ କିପରି କରିପାରୁଛନ୍ତି ? ଜଣେ ଅଧ୍ୟାପକ ଆପଣା କର୍ତ୍ତବ୍ୟ ପାଳନରେ କାହିଁକି ଉଦାସୀନ ?

ସମସ୍ତ ପରିଷଦ ନିସ୍ତବ୍ଧ ହୋଇ ପଡ଼ିଲା । ଅନେକ ମୂକ ପ୍ରଶ୍ନ ସମସ୍ତଙ୍କ ଚକ୍ଷୁରେ ଆଲୁଳାୟିତ ହେଲା – ତା' ହେଲେ ସାଂପ୍ରତିକ ଶିକ୍ଷା ପଦ୍ଧତିକୁ କ'ଣ କହିବା ?



ନଦୀରେ ଗଭୀର ଜଳ ଥିଲେ ସେଥିରୁ ଶବ୍ଦ ବାହାରେ ନାହିଁ – ଯାହାଙ୍କଠାରେ ଗୁଣ ଗଭୀର ହୋଇଯାଏ ସେ ଗୁଡ଼ାଏ ଅଯଥା କଥା କହନ୍ତି ନାହିଁ ।

ଆଚାର୍ଯ୍ୟ ତୁଳସୀ କହିଲେ - "ବର୍ତ୍ତମାନର ଶିକ୍ଷା ପଦ୍ଧତି ହେଉଛି ଅପୂର୍ଣ୍ଣାଙ୍ଗ। ଏଥିରେ ମସ୍ତିଷ୍କର ବାମ ପଟଳ (Left Hemisphere of the brain) ପ୍ରତି ମାତ୍ରାତୀତ ଧ୍ୟାନ ଦିଆଯାଉଛି। ଯ' ଦ୍ୱାରା ଶିଶୁର ଶାରୀରିକ ମାନସିକ ଅଭିବୃଦ୍ଧି ହାର ବେଶ୍ ସନ୍ତୋଷକଜନକ ଜଣା ପଡୁଛି। କିନ୍ତୁ ମସ୍ତିଷ୍କର ଡାହାଣ ପଟଳର (Right Hemisphere of the brain) ନିଷ୍ଠୁର ଅବହେଳା କରାଯାଉଛି । ଫଳରେ ବିଦ୍ୟାର୍ଥୀର ଭାବନାତ୍ମକ ବିକାଶ ବାଧାପ୍ରାପ୍ତ ହେଉଛି । ଆପଣାର ସଂବେଗକୁ ନିୟନ୍ତ୍ରଣ କରିବାରେ ସେ ସଫଳ ହୋଇ ପାରୁନି। ନମ୍ରତା ଓ ସହିଷ୍ଣୁତାର ମୂଲ୍ୟ ବୁଝି ପାରୁନାହିଁ । ମାନବୀୟ ସଂବେଦନା ସୁପ୍ତ ପ୍ରାୟ । ପଡ଼ୋଶୀ ତ'ର ତିନି ଦିନ ହେଲା ଅନାହାରରେ , କିନ୍ତୁ ତା' ସ୍ୱାସ୍ଥ୍ୟରେ କିଛି ଫରକ୍ ପଡୁ ନାହିଁ । ତାକୁ ଛଅ ତିଅଣ ନଅ ଭଜା ମିଳିଲେ ହେଲା । ତେଣୁ ମସ୍ତିଷ୍କର ଉଭୟ ପଟଳ ମଧ୍ୟରେ ପ୍ରଶିକ୍ଷଣ ମାଧ୍ୟମରେ ସାମଞ୍ଜସ୍ୟ ସ୍ଥାପନ କରାଯାଇ ପାରିଲେ, ଶିକ୍ଷାନୀତି କୃତକୃତ୍ୟ ହେବ । କହିବା ବାହୁଲ୍ୟ ଯେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସେହି ପ୍ରବୁଦ୍ଧ ପରିଷଦ, ଏହି ମନୀଷୀଙ୍କ ବିଚାରକୁ ବିପୁଳ ସମର୍ଥନ ଦେଇ ଗ୍ରହଣ କରିଥିଲା ।

ନିଜ ସନ୍ତାନକୁ ବିଦ୍ୟାଳୟକୁ ପଠାଇବା ପଛରେ ଜଣେ ଅଭିଭାବକଙ୍କ ସାଧାରଣତଃ ତିନୋଟି ଅଭିପ୍ରାୟ ରହିଥାଏ - ଜ୍ଞାନର ବିକାଶ, ଆତ୍ମନିର୍ଭରଶୀଳତା ଏବଂ ସଂସ୍କାର ନିର୍ମାଣ ବା ଚରିତ୍ର ଗଠନ । ବ୍ୟକ୍ତିଗତ କ୍ଷମତା ଓ ସାମାଜିକ ଉପାଦେୟତାର ପର୍ଯ୍ୟାପ୍ତ ବିକାଶ-ସେମାନଙ୍କ ସ୍ୱପ୍ନ । ତେବେ ଶିକ୍ଷା ପ୍ରଣାଳୀ ଯଦି ଭାତ ଓ ରୁଟିର ଶାସ୍ତ୍ର ରଚନା କରିବାରେ ଅସମର୍ଥ, ସେହି ସ୍ଥିତିରେ ହିଂସା ଓ ଅପରାଧ ବୃଦ୍ଧି ପାଇବା ସ୍ୱାଭାବିକ । ବ୍ୟକ୍ତି ଓ ସମାଜର ସର୍ବନିମ୍ନ ଆବଶ୍ୟକତାର ପୂର୍ତ୍ତି ନ ହେବା ପର୍ଯ୍ୟନ୍ତ ବ୍ୟକ୍ତିତ୍ୱ ବିକାଶର କଳ୍ପନା କଦାପି ମୂର୍ତ୍ତ ରୂପ ନେଇ ପାରିବ ନାହିଁ । ଡ. ଏପିଜେ ଅବଦୁଲ କଲାମ କହୁ ଥିଲେ - ଉତ୍କୃଷ୍ଟ ଆଧ୍ୟାତ୍ମିକ, ନୈତିକ ଓ ସାଂସ୍କୃତିକ ମୂଲ୍ୟର ସମାବେଶ ଆମ ଶିକ୍ଷାକୁ ରଶ୍ମିମନ୍ତ କରିବ । ଆମ ଶିକ୍ଷାର ବୈଶ୍ୱୀକରଣ କରିବା ସହିତ ନିରୋଳା ଭାରତୀୟକରଣ ବି କରିବାକୁ ହେବ । ବିଦ୍ୟାର୍ଥ କେତେ ସ୍କୋର କଲା ତା' ପ୍ରତି ଦୃଷ୍ଟି ନ ଦେଇ ବର୍ଷଯାକ ସେ କେତେ ଝାଳ ବୁହାଇଛି ତାହା ଦେଖିବାକୁ ହେବ । ପରିମାଣ ପ୍ରତି ଲୁବ୍ଧ ଦୃଷ୍ଟି ନ ଦେଇ ପିଲାଙ୍କୁ ପ୍ରବୃତ୍ତି ସଚେତନ କରାଯାଉ । ଆମ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ ଯଥାର୍ଥ କହିଛନ୍ତି ମାର୍କସିଟ୍ ପିଲାମାନଙ୍କ ଲାଗି ପ୍ରେସରସିଟ ଏବଂ ବାପା ମାଙ୍କ ସକାଶେ ପ୍ରେଷ୍ଟିଜ୍‌ସିଟରରେ ପରିଣତ ହୋଇ ସାରିଛି । ଆମର କ୍ୟାରିକୁଲମ୍ କେବଳ ଡିଗ୍ରୀ ପ୍ରଦାନକାରୀ ନ ହୋଇ ଦକ୍ଷତା ବୃଦ୍ଧିକାରକ ହେବା ଉଚିତ। ସ୍ୱାଭିମାନ ସହିତ ଜୀବିକାର ମାର୍ଗ ପ୍ରଶସ୍ତ କରି ପାରୁଥିବ ।

ଦୁଃଖର ବିଷୟ ପ୍ରଚଳିତ ଶିକ୍ଷା ପଦ୍ଧତିର ମୁଖ୍ୟ ଉଦ୍ଦଶ୍ୟ ହେଉଛି ମୋଟା ଦରମା ବା ହେଭି ପ୍ୟାକେଜ୍। ମୋ ପୁଅ କାଲିଫର୍ଣ୍ଣିଆରେ ଜବ୍ କରୁଛି, ମୋ ଝିଅ ଲଣ୍ଡନରେ । ଆମ ପୁଅଝିଅ ବାଙ୍ଗାଲୁର, ହାଇଦ୍ରାବାଦରେ ସଫଟୱେୟାର ଇଞ୍ଜିନିଅର । ମା ବାପାଙ୍କ ଜୀବନ ସତେ ଯେମିତି ସାର୍ଥକ । ସମାଜ ଆଜି ଇନ୍ଦ୍ରିୟସର୍ବସ୍ୱ । ଚିନ୍ତନର ବିକଳତା ଚତୁର୍ଦ୍ଦିଗରେ ବ୍ୟାପ୍ତ। ସେଥିପାଇଁ କୁହାଯାଇଛି - I have major concern about my generation and next. We have stopped producing philosophers, thinkers and wise people, who shape the desting of the nation. ତେବେ ଆଦର୍ଶ ବାୟବୀୟ ହେଲେ ଚଳିବ ନାହିଁ । ଆଚାର, ବିଚାର ଓ ବିଦ୍ୱତ୍ତାକୁ ଆକାଶରେ ନ ବିଞ୍ଛି, ମାଟିରେ ବୁଣିବାକୁ ହେବ।

ପ୍ରସ୍ତାବିତ ଶିକ୍ଷାନୀତିରେ ଅନେକ ସକାରାତ୍ମକ ପଦକ୍ଷେପ ନିଆଯାଇଛି, ଯାହା ଗେମ ଚେଞ୍ଜର ହେବାକୁ ଯାଉଛି । ବିଦ୍ୟାର୍ଥୀ, ଶିକ୍ଷାନୁଷ୍ଠାନର ପାସ୍ ଆଉଟ ହେବା ବେଳକୁ ତା' ହାତରେ ଛୋଟ ମୋଟ ଉପାର୍ଜନ କରିବାର ପନ୍ଥା ବି ରହିଥିବ । ବିଶ୍ୱସ୍ତରୀୟ ବିଦ୍ୟାଳୟ ଏଠାରେ ସେମାନଙ୍କ ଶାଖା ଖୋଲି ପାରିବେ । ଭାରତୀୟ ଶିକ୍ଷାନୁଷ୍ଠାନମାନ ମଧ୍ୟ ଅନ୍ୟ ଦେଶମାନଙ୍କରେ ବିସ୍ତାର ଲାଭ କରି ପାରିବେ । ସରକାରୀ ସ୍କୁଲ, କଲେଜ ଏବଂ ଘରୋଇ ଶିକ୍ଷାନୁଷ୍ଠାନମାନଙ୍କରେ ପାଠପଢ଼ା ସ୍ତରରେ ବିଶେଷ ବ୍ୟବଧାନ ରହିବ ନାହିଁ । ଅବଶ୍ୟ ଏହି ପ୍ରକ୍ରିୟାରେ ଶିକ୍ଷା ଟିକିଏ ମହଙ୍ଗା ହୋଇ ପାରେ । 'ଜିଜ୍ଞାସା ଜ୍ଞାନର ଜନନୀ ଅଟେ'-ଏହା ଆମେ ବାଲ୍ୟକାଳରେ ଶିଖିଥିଲୁ । ବିଦ୍ୟାର୍ଥୀ ତାର୍କିକ ଢ଼ଙ୍ଗରେ ଚିନ୍ତା କରି ପାରୁଥିବ, ଜାଣିବାର ଅଦମ୍ୟ ଇଚ୍ଛା ରହିଥିବ । ହ୍ୱାଟ ଟୁ ଥିଙ୍କ୍ ବଦଳରେ ହାଓ ଟୁ ଥିଙ୍କ୍ ପ୍ରାଧାନ୍ୟ ପାଇବ । ଟିକିଏ ପୃଥକ୍ ଭାବରେ (out of box) ଚିନ୍ତା କରି ପାରୁଥିବ । ପଢ଼ି ଶିଖିବାରୁ ଆରମ୍ଭ କରି କିଛି ଶିଖିବା ପାଇଁ ପାଠ ପଢ଼ାର ବ୍ୟବସ୍ଥା କରାଯାଉଛି । ଏଥି ସକାଶେ ବିଦ୍ୟାନୁଷ୍ଠାନ ଗୁଡ଼ିକର ଭିତ୍ତିଭୂମିର ସଶକ୍ତୀକରଣ, ସୃଜନାତ୍ମକ ଶିକ୍ଷା ଦାନ ଏବଂ ଶୈକ୍ଷିକ ପରିବେଶକୁ ଉନ୍ନତ କରାଯାଇ ପାରିଲେ ଚମତ୍କାର ଘଟିତ ହେବ। ଚାକିରୀ ନ ପାଇ ମଧ୍ୟ ଆମ ପିଲା ବେକାର ହୋଇ ରହିବେ ନାହିଁ । ଶିକ୍ଷିତ ବେକାରମାନଙ୍କ ସଂଖ୍ୟାବୃଦ୍ଧିରେ ବିରାମ ଲାଗିବ। ସରକାର କ'ଣ ଶିକ୍ଷା କ୍ଷେତ୍ରରେ ଜିଡ଼ିପିର ୭ ପ୍ରତିଶତ ବିନିଯୋଗ କିରବାକୁ ପ୍ରସ୍ତୁତ ?

ଆଗାମୀ ୨୦ ବର୍ଷ ମଧ୍ୟରେ ରାଷ୍ଟ୍ରୀୟ ଶିକ୍ଷାନୀତି କ୍ରମାନ୍ୱୟରେ କ୍ରିୟାନ୍ୱିତ ହେବ । ସେତେବେଳେ ଆମ ପରବର୍ତ୍ତୀ ବଂଶଧର ଯେପରି କହିପାରୁଥିବ - "ଯଦି ତୁମେ ମୋ ଉଡାଣକୁ ମାପିବାକୁ ଚାହଁ, ତେବେ ମହାକାଶକୁ ଟେକି ଆହୁରି ଟିକିଏ ଉଚ୍ଚତର କରିଦିଅ । ନ ହେଲେ ତୁମେ ପାରିବ ନାହିଁ ।'' ଏ ପରିପ୍ରେକ୍ଷୀରେ ଆମ ଗୁରୁକୁଳର ଦାୟିତ୍ୱ ବୃଦ୍ଧି ପାଇଛି । ସେମାନଙ୍କ ଆନ୍ତରିକ ସହଯୋଗ ବିନା କିଛି ବି ସମ୍ଭବ ନୁହେଁ । ମୁଁ ଏକାକୀ କ'ଣ କରି ପାରିବି ? ସମାଜ ଓ ଦେଶ ଏମିତି ମରି ମରି ଘୋଷାଡି ହୋଇ ଚାଲୁଥିବ - ଏହି ଅନାସ୍ଥା ଓ ସଂବେଦନହୀନତାରୁ ଆମକୁ ମୁକ୍ତି ଦେବେ- ଆମ ଶିକ୍ଷକ ସମାଜ । ଦେଶ ବି ସେମାନଙ୍କୁ ସମୁଚିତ ସମ୍ମାନ ପ୍ରଦାନ କରିବା ଉଚିତ।

ପୋ-ତୁଷରା, ଜି.ବଲାଙ୍ଗିର
ମୋ: ୭୯୭୮୦୮୨୭୬୬



ତୁମର ଯେତେ ଇଚ୍ଛା ହେଉଛି ମୋତେ ସେତେ ଗାଳିଦିଅ, ତା'ଫଳରେ ମୋର କ୍ଷତି ନହୋଇ ଉପକାର ହିଁ ହେବ।

# ଆଉ କେ' ମାଆ ଡାକିବ

ସତ୍ୟବାଦୀ ସାହୁ



ସରକାର ଏଠି ସୁଶାସନ ଦିଏ
ଦୁଃଶାସନ ମାଳ ମାଳ
ଶାସନ ଗାଦି ହାତେଇବାକୁ ଲୋଡ଼ା
କଳବଳ କଉଶଳ ।

ନେତାଙ୍କ ଆଶ୍ରିତ ବାହୁବଳୀ ମାନେ
ସାଜୁଛନ୍ତି ବ୍ୟଭିଚାରୀ
ତାଙ୍କ ଅତ୍ୟାଚାରରେ ଧରା ଥରହର
କିଏ ଶୁଣିବ ଗୁହାରୀ ।

ପ୍ରଶାସନ ଏଠି ସ୍ଥାଣୁ କ୍ଳୀବ ପ୍ରାୟ
ଆଖିରେ ଅନ୍ଧପୁଟୁଳି
ନିଦେ ଶୋଇରହି ସ୍ୱପ୍ନ ଦେଖୁଥାଏ
ଚେଇଁଲେ ହୁଏ ବାଉଳି ।

ଛବିରାଣୀ ହତ୍ୟା, ଅଞ୍ଜନା ଦୁଷ୍କର୍ମ
ଗଡ଼ିଗଲା ସରକାର
ବେବିନା, ଇତିଶ୍ରୀ, ମାଧବୀ, ମମିତା
ପରୀ ଓ ପିହୁ କାହାର ।

କୁନ୍ଦୁଲି ପୀଡ଼ିତା ନ୍ୟାୟ ଭିକ୍ଷାକରି
ଶେଷେ ଦେଲା ପ୍ରାଣବଳି
ନେତା, ମନ୍ତ୍ରୀମାନେ ମୁଖେ ତୁଣ୍ଡି ବାନ୍ଧି
ଖେଳୁଛନ୍ତି ଲୁଚକାଳି ।

ମାଆଙ୍କୁ ସମ୍ମାନ ମିଥ୍ୟା ଏ ସ୍ଲୋଗାନ
ଦେବ ଆଉ କେତେଦିନ
ମା'ଦୁର୍ଗାଙ୍କର ପ୍ରତିରୂପୀମାନେ
ବଳିଚଢେ ପ୍ରତିଦିନ ।

ଶୁଣ ରାଜନେତା ପଶୁ ଟିକେ ଚେତା
କ୍ଷମତାରେ ଅନ୍ଧହୋଇ
ଯେବେ ଯେବେ ନାରୀ ଲାଞ୍ଛିତା ହୋଇଛି
ବିଷ୍ଣୁ ଆସନ୍ତି ଓହ୍ଲାଇ ।

କୁରୁସଭା ସ୍ଥଳେ ଲାଞ୍ଛିତା ଦ୍ରୌପଦୀ
କୁରୁବଂଶ ଗଲା ନାଶ
ମାୟାରେ ରାବଣ ସୀତାଙ୍କୁ ହରିଲା
ସ୍ୱର୍ଣ୍ଣମୟୀ ଲଙ୍କା ଧ୍ୱଂସ ।

ହେ ମା'ମହାକାଳୀ ଜାଳି ଏ ଦିପାଳୀ
ବିନତି କରୁ ଏ ପୟରେ
ରକ୍ଷାକର ତୁମେ ତୁମରି ସୃଷ୍ଟିକୁ
ଦୁଷ୍ଟ ସଂହାରି ମହୀରେ ।

ନାରୀର ଇଜ୍ଜତ ଭୂମିରେ ଲୋଟିଲେ
କିଏ ସେ ସୁରକ୍ଷା ଦେବ
ତୁମେ ନ ରହିଁଲେ ସୃଷ୍ଟି ନାଶ ଯିବ
ଆଉ କେ' ମା ଡାକିବ ।।

ଜଟଣୀ

# ବୃଦ୍ଧ ଜୀବନର ମୂଲ୍ୟ

ଶ୍ରୀ ଜଗନ୍ନାଥ ନାୟକ

ବୁଢ଼ାମାନଙ୍କର ଜୀବନର ମୂଲ୍ୟ ସମାଜେ କିଏ ବା ବୁଝିପାରେ ?
ବୁଝିପାରେ ସେହି, ଯିଏ ଦୁଃଖ ସହିଥାଏ କୁଟୁମ୍ବ ଚଳାଇବାରେ । ।।୧।।

ଯଦି ପାଇଥାଏ ପିତାର ସମ୍ବଳ ପରିବାର ଚଳାଇବା ପାଇଁ,
କରୋନା ଭଳିଆ ଅବସ୍ଥାରେ ପଡି ନିଜେ ଥାଏ ଅକର୍ମଣ୍ୟ ହୋଇ । ।।୨।।

ଲକ୍‌ଡ଼ାଉନ୍ ଆଉ ସଟ୍‌ଡ଼ାଉନ୍ ହୋଇ ଗାଡି ଚଳାଚଳ ବନ୍ଦ ହେଲା,
ଛ'ଫୁଟ ଦୂରତା ରଖିବା ନିମନ୍ତେ ଅଫିସ୍ ଯିବା ତ ନହୋଇଲା । ।।୩।।

ବେସରକାରୀ ଚାକିରିରେ କାମତ ନକଲେ ଦରମା ନମିଳଇ,
କିପରି କୁଟୁମ୍ବ ଚଳିବ, ପିଲାଏ ବଞ୍ଚିବେ କେଉଁଠୁ ଖାଦ୍ୟ ଖାଇ । ।।୪।।

ସରକାରୀ ଚାକିରି ଥିଲା ପିତାଙ୍କ, ପେନ୍‌ସନ୍ ତାଙ୍କର ମିଳୁଥିଲା,
କରିଥିଲେ କିଛି ସଂଚୟ, ସେଥିରେ ପରିବାର ଖର୍ଚ୍ଚ ଚଳିଗଲା। ।।୫।।

ପୁଅଟି ବୁଝିଲା ବୃଦ୍ଧ ପିତା ପ୍ରାଣ ତାହାପାଇଁ କେତେ ଦରକାର,
ବୋହୂଟିର ମନ ବଦଳି ଗଲା, ସେ ଭାବିଲାନି ଆଉ ତାଙ୍କୁ ପର । ।।୬।।

ସେବା କରିବାକୁ ମନ ବଳାଇଲା, ଦେଖାଇଲା ଭଲ ବ୍ୟବହାର,
ପୁଅ, ବୋହୂ, ପିଲା ସୁଖରେ ରହିଲେ ଘରଟି ହୋଇଲା ସ୍ୱର୍ଗପୁର । ।।୭।।

କିନ୍ତୁ ଏହି ସେବା ମନୋଭାବ ଏବେ ଅଛି କେତେ ପୁଅ ବୋହୂଙ୍କର ?
ବିଭା ହେବାପରେ ବୋହୂଟି ଭାବୁଛି ଶ୍ୱଶୁର ନୁହଁଇ ଦରକାର । ।।୮।।

ବୋହୂ ଅଙ୍ଗଶୋଭା କଥା ମନଲୋଭା ପୁଅକୁ ନିଅଇ ଭୁଲ୍ ପଥେ,
ପୁଅକୁ କୁହଇ,"ବୃଦ୍ଧାଶ୍ରମେ ନେଇ ବାପାଙ୍କୁ ରଖ ମୋ କଥା ମତେ"।।।୯।।

ନାତି ଯଦି କହେ ବାପାଙ୍କୁ, "ବାପା ହୋ ! ତୁମେ କେବେ ବୁଢ଼ା ହେବ",
ବୃଦ୍ଧାଶ୍ରମେ ନେଇ ତୁମକୁ ରଖିବା ନିମନ୍ତେ କରିବି ମୁଁ ଉପାୟ । ।।୧୦।।

ତେବେ ସିନା ପୁଅ ବୋହୂଙ୍କ ମନରେ ସଦ୍‌ଜ୍ଞାନ ହୋଇବ ଉଦୟ,
ପରିବାରେ ଶାନ୍ତି ବିରାଜିବ ଆଉ ସଂସାର ହୋଇବ ସୁଖମୟ । ।।୧୧।।

ହେ ପରମେଶ୍ୱର ! ତୁମେ ଦୟାକର, ବୁଦ୍ଧିଦିଅ ପୁଅ, ବୋହୂ ମନେ,
ବୃଦ୍ଧ ବୟସରେ ରୁହନ୍ତୁ ସୁଖରେ ଆଜିର ବରିଷ୍ଠ ବ୍ୟକ୍ତିମାନେ । ।।୧୨।।

୧୧୭, ବସାକ୍ ଲେନ୍
ରାଜାବଜାର, ଜଟଣୀ
ମୋ - ୯୪୩୭୪୬୭୮୫୯



ବଣିକ ଧନ ଅର୍ଜନ କରିପାରୁଥାଏ - କୃଷକ ହିଁ ସମ୍ପଦ ଅର୍ଜନ କରେ।

# କେତେ କାଳଜୟୀ ଆମ ସଂସ୍କୃତି



**ହରୀଶ ଚନ୍ଦ୍ର ପୃଷ୍ଟି**

ଆମର ଭାରତବର୍ଷ ଏକ ମହାନ୍ ପ୍ରାଚୀନ ଦେଶ। ସାରାବିଶ୍ୱରେ ଆମ ଦେଶ ଦେବଭୂମିର ମର୍ଯ୍ୟାଦା ଲାଭକରିଛି। ଯୁଗେ ଯୁଗେ ବହୁ ଜ୍ଞାନୀ, ଗୁଣୀ, ମହାମନୀଷୀ, ଦିବ୍ୟାତ୍ମା ଏହି ପୁଣ୍ୟଭୂମିରେ ଜନ୍ମଗ୍ରହଣ କରିଛନ୍ତି ଓ ଏହାର ଗୌରବ, ଗାରିମା ବୃଦ୍ଧି କରିଛନ୍ତି। ଆମର ସଂସ୍କୃତି ଖୁବ୍ ମହାନ୍। ହଜାର ହଜାର ବର୍ଷତଳୁ ଦିବ୍ୟଦ୍ରଷ୍ଟା ଋଷି, ମହର୍ଷିମାନଙ୍କର କଥା ଓ କାର୍ଯ୍ୟକୁ ନେଇ ଗଢ଼ିଉଠିଥିବା ଆମର ସଂସ୍କୃତି ଅତୀବ ସମୃଦ୍ଧ। ଆମେ ଗୌରବଶାଳୀ ଯେ ଆମ ସଂସ୍କୃତି ହେଉଛି ସାରାବିଶ୍ୱରେ ପ୍ରାଚୀନତମ ସଂସ୍କୃତି। "ବସୁଧୈବ କୁଟୁମ୍ବକମ୍" ଅର୍ଥାତ୍ ସାରାପୃଥିବୀ ଗୋଟିଏ ପରିବାର - ଏହା ଆମ ସଂସ୍କୃତିର ମୂଳମନ୍ତ୍ର। ବିବିଧତା ମଧ୍ୟରେ ଏକତା, ସହନଶୀଳତା, ବିଶ୍ୱମାନବତା - ଆମ ସଂସ୍କୃତିର ବିଶେଷତ୍ୱ।

ଆମଦେଶର ପ୍ରାଚୁର୍ଯ୍ୟ ଓ ଆମ ସଂସ୍କୃତିର ଐଶ୍ୱର୍ଯ୍ୟର ଆକର୍ଷଣରେ ବିଶ୍ୱର କୋଣାନୁକୋଣରୁ ବହୁ ଧନଲିପ୍ସୁ ଓ ଜ୍ଞାନପିପାସୁ ମଣିଷ ଏ ମାଟିକୁ ଧାଇଁ ଆସିଛନ୍ତି। ଲୋଭ ଓ ଈର୍ଷାର ବଶବର୍ତ୍ତୀ ହୋଇ କିଏ ଆମ ଧନସମ୍ପତ୍ତି ଲୁଣ୍ଠନ କରି ଆମଦେଶକୁ କ୍ଷତବିକ୍ଷତ କରିଛନ୍ତି, କିଏ ପୁଣି ଆମର ବେଦ, ଉପନିଷଦ, ଗୀତା, ରାମାୟଣ, ମହାଭାରତ ଜ୍ଞାନଭଣ୍ଡାର ଦେଖି ମନ୍ତ୍ରମୁଗ୍ଧ ହୋଇଯାଇଛନ୍ତି। ଆମର ଆଧାତ୍ମିକ ଗୁରୁମାନଙ୍କ ପାଦତଳେ ବସି ବିଦ୍ୟାଅର୍ଜନ କରି ପରିପୂର୍ଣ୍ଣ ହୃଦୟରେ ଆପଣା ଦେଶକୁ ବାହୁଡ଼ିଛନ୍ତି ଏବଂ ନିଜ ଦେଶବାସୀଙ୍କ ମଧ୍ୟରେ ସେହି ଆଧାତ୍ମିକ ଜ୍ଞାନର ପ୍ରସାରକରି ଜୀବନ ସାର୍ଥକ କରିଛନ୍ତି।

ଅତୀତରେ ପ୍ରାଚୀନ ଭାରତକୁ ଆସିଥିଲେ ପାଶ୍ଚାତ୍ୟରୁ ରାଜଦୂତ ମେଘାସ୍ଥିନିସ୍ ଏବଂ ପ୍ରାଚ୍ୟରୁ ଚୀନର ବୌଦ୍ଧ ସନ୍ନ୍ୟାସୀ ଫାହିୟାନ ଓ ହୁଏନସାଂ। ସେମାନେ ଆପଣାର ଭ୍ରମଣାନୁଭୂତିରେ ଭାରତର ଭୂୟସୀ ପ୍ରଶଂସା କରିଯାଇଛନ୍ତି।

ପରବର୍ତ୍ତୀ ସମୟରେ ପାଶ୍ଚାତ୍ୟ ଜଗତର ବହୁ ଜ୍ଞାନୀ, ଗୁଣୀଙ୍କୁ ଭାରତ ଓ ଭାରତୀୟ ସଂସ୍କୃତି ଗଭୀର ଭାବେ ଆକର୍ଷିତ କରିଛି। ମାକ୍ସମୁଲାର, ସାର୍ ଉଇଲିୟମ୍ ଜୋନ୍ସ, ଗେଟେ, ସି.ଏଫ୍. ଆଣ୍ଡ୍ରୁଜ, ଆନିବେସାନ୍ତ, ଜର୍ଜ ବର୍ଣ୍ଣାଡ୍ସ, ମାର୍କ ଟ୍ୱେନ୍, ରୋମାରୋଲାଁ, ୱିଲ ଡୁରାଣ୍ଟ, ଭଗିନୀ ନବେଦିତା (ମାର୍ଗାରେଟ ଏଲିଜାବେଥ୍ ନୋବେଲ) ଓ ଶ୍ରୀମା (ମିରା ଆଲ୍‌ଫାସା) ପ୍ରମୁଖ ପାଶ୍ଚାତ୍ୟର ବହୁ ମହାମନିଷୀ ଭାରତୀୟ ସଂସ୍କୃତିକୁ ନିବିଡ଼ଭାବେ ଭଲପାଇ ଏହାର ପ୍ରଶଂସାରେ ଶତମୁଖ ହୋଇଛନ୍ତି।

ସମୟକ୍ରମେ ଆମର ସ୍ୱର୍ଣ୍ଣପ୍ରସୂ ଭାରତ ବହୁ ଝଡ଼ଝଂଜାର ସମ୍ମୁଖୀନ ହୋଇ ଉତ୍‌ଥାନ ପତନ ମଧ୍ୟରେ ଗତିକରିଛି। କାଳର କରାଳ ଗତିରେ ଶକ, ହୁଣ, ମୋଗଲ, ଆଫଗାନ୍, ତୁର୍କ, ପଠାଣ, ଫିରିଙ୍ଗି ଆଦି ବୈଦେଶିକ ଶକ୍ତିଦ୍ୱାରା ଆମଦେଶ କବଳିତ ହୋଇଛି। ପରିଶେଷରେ ଭାରତର ପରାଧୀନତାର ବନ୍ଧନ ଛିନ୍ନ ହୋଇଛି। ଭାରତର ଭାଗ୍ୟାକାଶରେ ସ୍ୱାଧୀନତାରେ ସୂର୍ଯ୍ୟୋଦୟ ଘଟିଛି। ସ୍ୱାଧୀନତା ପରେ ଭାରତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ହାସଲକରିଛି। ଆଜିର ଆଧୁନିକ ବିଶ୍ୱରେ ଭାରତ ହିଁ ସବୁଠାରୁ ବଡ ଗଣତନ୍ତ୍ର ଦେଶ। ଏବେ ମଧ୍ୟ ଭାରତ ବିଶ୍ୱବାସୀଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ।

ନିକଟରେ ଜଣେ ଆମେରିକୀୟ ଭ୍ରମଣକାରୀ ରାଚେଲ ରୁକର୍ଟା ଭାରତରେ ତିନିବର୍ଷ ରହଣି ପରେ ଗୋଟିଏ ଅନୁଭୂତିମୂଳକ ପୁସ୍ତକ ଲେଖିଛନ୍ତି। ପୁସ୍ତକର ନାମ "ଟ୍ୱେଣ୍ଟି ୱାନ୍ ହ୍ୟାବିଟ୍‌ସ ଆଇ ଲଷ୍ଟ୍ ଇନ୍ ଇଣ୍ଡିଆ" - "ଭାରତରେ ଯେଉଁ ୨୧ଟି ଆମେରିକୀୟ ଅଭ୍ୟାସ ଛାଡ଼ିଲି।" ଏହି ପୁସ୍ତକରେ ସେ ଯାହା ଲେଖିଛନ୍ତି, ତା'ଜାଣିଲେ ପ୍ରତ୍ୟେକ ଭାରତୀୟଙ୍କ ମନରେ ଗର୍ବ ଓ ଗୌରବବୋଧ ଉଦ୍ରେକ ହେବ।

ସେ ପ୍ରଥମଥର ଭାରତ ଭ୍ରମଣକରି ସ୍ୱଦେଶ ଫେରିଲା ପରେ ସ୍ଥିର କରିଥିଲେ ଯେ, ତାଙ୍କର ଭାରତ ଭ୍ରମଣ ଶେଷ ହେଲା, ସେ ଆଉ ଭାରତକୁ ଭ୍ରମଣରେ ଆସିବେ ନାହିଁ। ମାତ୍ର ଭାରତର ଆକର୍ଷଣ ଏତେ ଗଭୀର, ନିବିଡ ଥିଲା ଯେ, ସେ ପୁନରାୟ ଭାରତ ନଆସି ରହିପାରିଲେ ନାହିଁ। ସେ ପାଞ୍ଚଥର ଭାରତକୁ ବୁଲି ଆସି ଏଠାରେ ପ୍ରାୟ ତିନିବର୍ଷ ଧରି ରହିଥିଲେ। ସେ ଲେଖିଛନ୍ତି - "ଆମେରିକାରେ ଆମେ ଟଏଲେଟ୍ ପେପର ବିନା ବାଥରୁମ ବା ଶୌଚାଳୟ କଥା କଳ୍ପନା କରିପାରିବୁ ନାହିଁ। କିନ୍ତୁ ଭାରତରେ କୋଟି କୋଟି ଲୋକ ଟଏଲେଟ୍ ପେପର ପରିବର୍ତ୍ତେ ନିଜ ହାତ, ବାଲ୍‌ଟି, ଢାଳ, ପାଣି ଓ ସାବୁନ ବ୍ୟବହାର କରନ୍ତି। ମୁଁ ଏଇ ଅଭ୍ୟାସଟିକୁ ବାରମ୍ବାର ଚେଷ୍ଟା କରି ଶିଖିଗଲି। ଏବେ ଭାବୁଛି, ପାଶ୍ଚାତ୍ୟବାସୀଙ୍କ ଅପେକ୍ଷା ଭାରତୀୟଙ୍କ ଏପରି ଅଭ୍ୟାସ ଅଧିକ ସ୍ୱାସ୍ଥ୍ୟକର ।"

"ଆମେରିକାର ଋମଚ ସାହାଯ୍ୟରେ ଖାଦ୍ୟ ଖାଇବା ଆମର ଏକ ପୁରୁଣା ଅଭ୍ୟାସ। ଭାରତରେ ଅଧିକାଂଶ ଲୋକ ଭାତ ଡାଲିକୁ ଗୋଳେଇ ଗୋଳେଇ ଚକଟି ଆରାମରେ ଖାଆନ୍ତି। କଣ୍ଟା ଋମଚ ଭଳି ମେଟାଇଲକୁ ମଝିରେ ପଶିବାକୁ ଦିଅନ୍ତି ନାହିଁ। ପୁରୁଣା ଅଭ୍ୟାସ ଛାଡ଼ି ମୁଁ ବି ସେମିତି କଲି ଓ ଖାଦ୍ୟର ପୂରା ସ୍ୱାଦ ନେଲି ଏବଂ ଆଙ୍ଗୁଠି ବି ଋଟିଲି ।"

"ଭାରତରେ ପ୍ରତ୍ୟେକ ରାଜ୍ୟ ଗୋଟିଏ ଦେଶ ଭଳି ଏବଂ ତା'ର ସଂସ୍କୃତି ବି ଅଲଗା। ଏଠି ପ୍ରତି ଶହେ ମିଟରରେ ଅଲଗା ଅଲଗା ବ୍ୟଞ୍ଜନ ମିଳେ ଯାହାର ନୂଆ ନୂଆ ସ୍ୱାଦ। ଦକ୍ଷିଣ ଭାରତରେ କଦଳୀ ପତ୍ରରେ ବରା, ଇଡ୍‌ଲି, ଦୋସା, ସମ୍ବର, ଦହି ଖାଇଲେ ଆମେରିକୀୟମାନେ ଆଉ ନିଜ ଖାଦ୍ୟ ଖାଇବେ ନାହିଁ।" ରାଚେଲ୍ ବି ଆମେରିକୀୟ ଖାଦ୍ୟ ଛାଡ଼ିଦେଲେ।



ଆଦୌ ନହେବା ଅପେକ୍ଷା ବିଳମ୍ବରେ ହେବା ହିଁ ଭଲ।

ସେ ପୁଣି ଲେଖିଛନ୍ତି – "ଭାରତରେ ଫଳ ଜୁସ୍ ମାନେ ତାଜା ଫଳର ରସ। ଆମେରିକାରେ ଏହା କ୍ୟାନ୍ ଜୁସ୍, ଯାହା ବର୍ଷ ବର୍ଷଧରି ଡବାରେ ରହିଥାଏ। ଏଣୁ ମୁଁ କ୍ୟାନ୍ ଜୁସ୍‌ଛାଡ଼ି ସଜ ଫଳରସ ପିଇବା ଅଭ୍ୟାସ କଲି।"

ସେ ପୁଣି ଲେଖିଛନ୍ତି – "ଯଦି ଭାରତ ଭ୍ରମଣରେ ଆସିବ, ତା'ହେଲେ ଆଖି ଖୋଲା ରହିଥିବ। କାରଣ ଏଠି ପ୍ରତି ୫୦ ରୁ ୧୦୦ କିଲୋମିଟର ଭିତରେ ଏପରି ଐତିହାସିକ ଜିନିଷ ଦେଖିବାକୁ ମିଳିବ ଯାହା ଅତି କମ୍‌ରେ ୫୦୦ ରୁ ୫୦୦୦ ବର୍ଷ ପୂର୍ବର ହୋଇଥିବ। ଆମ ଆମେରିକା ସଭ୍ୟତା ଓ ଇତିହାସ ମାତ୍ର ୪୦୦ ବର୍ଷ ପୁରୁଣା। ତେଣୁ ମୋ ଦେଶର ଇତିହାସପାଇଁ ଗର୍ବ କରିବା ଭୁଲିଗଲି।"

ଶେଷରେ ରାଚେଲ ସ୍ୱୀକାର କରିଛନ୍ତି ଯେ, ପାଞ୍ଚଥର ଭାରତ ବୁଲିଆସିବା ପରେ ତାଙ୍କର ଅନେକ ଧାରଣା , ବିଚାର ବଦଳିଗଲା। ପୃଥିବୀ କେତେ ବଡ ଓ ବିବିଧ ଏବଂ ସେହି ତୁଳନାରେ ଆମେରିକା କେତେ କ୍ଷୁଦ୍ର ଓ ସୀମିତ ସେ ହୃଦୟଙ୍ଗମ କରି ପାରିଲେ।

ସେ ଲେଖିଛନ୍ତି – "ଏସବୁ ଦେଖିଲା ପରେ ମୋ ଜୀବନର ଅନେକ ଜଟିଳ ପ୍ରଶ୍ନର ଉତ୍ତର ମିଳିଗଲା।" ସତରେ ଆମ ଦେଶ କେତେ ମହାନ୍ ।

**ଅବସରପ୍ରାପ୍ତ ଶିକ୍ଷକ**
**ଚନ୍ଦକା, ଭୁବନେଶ୍ୱର**
**ମୋ - ୮୧୪୪୧୩୦୩୮୫**



# ଚିନାବାଦାମ



ଚିନାବାଦାମ ଖାଇବାକୁ ଭଲ ଲାଗେ। ଗରମ ଗରମ ଆହୁରି ବଢ଼ିଆ। ଏଥିରେ ବହୁ ପ୍ରୋଟିନ୍ ସହ ଭିଟାମିନ୍ ମଧ୍ୟ ରହିଥାଏ। ଏହା ଶରୀର ପାଇଁ ଖୁବ୍ ଲାଭଦାୟକ। ଏହାକୁ ଖାଇବା ଦ୍ୱାରା ଶରୀରର ଜଳସ୍ତର ପରିମାଣ ବୃଦ୍ଧି ପାଇଥାଏ। ଯାହା ଆମ ଶରୀର ପାଇଁ ଅଧିକ ଉପଯୋଗୀ। ଅଧିକ ପରିଶ୍ରମ କରିବା ଫଳରେ ମାଂସପେଶୀରେ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ବାଦାମକୁ ପ୍ରତିଦିନ ଖାଇବା ଲାଭଦାୟକ। ପ୍ରତିଦିନ ଏହାକୁ ଖାଇବା ଫଳରେ ସେଥିରୁ ମିଳୁଥିବା ଭିଟାମିନ୍ ତ୍ୱଚା ଏବଂ କେଶ ପାଇଁ ଫଳପ୍ରଦ ଅଟେ। ଯାହାଫଳରେ କେଶ ଏବଂ ତ୍ୱଚାର ସୁନ୍ଦରତା ବୃଦ୍ଧି ପାଇଥାଏ। ଗୋଟିଏ ଅଣ୍ଡା ଖାଇବା ଯେତିକି ଲାଭଦାୟକ , ସେହିଭଳି ଚିନାବାଦାମ ଖାଇବା ଦ୍ୱାରା ତାଠାରୁ ଅଧିକ ପ୍ରୋଟିନ୍ ମିଳିଥାଏ। କାହାକୁ ଅତ୍ୟଧିକ ଥଣ୍ଡା ହୋଇଥିଲେ ଚିନାବାଦାମ ଖାଇବା ଦ୍ୱାରା ତାଙ୍କ ଶରୀରରେ କିଛିମାତ୍ରାରେ ଗରମ ଅନୁଭୂତ ହୋଇଥାଏ। ଏହା କୋଲେଷ୍ଟ୍ରଲକୁ ହ୍ରାସ କରିବାରେ ସହାୟକ ହୋଇଥାଏ। ଏହା ଶରୀରର ଲିପିଡ୍ ଲେବୁଲ୍‌କୁ କଂଟ୍ରୋଲ କରିଥାଏ।

# ତ୍ରିମୁନି

**ପଣ୍ଡିତ ଶ୍ରୀ ସୁଧାକର ଷଡ଼ଙ୍ଗୀ**

ବ୍ୟାକରଣ ଶାସ୍ତ୍ରର ପ୍ରଣେତା କିଏ ବୋଲି ପଚାରିଲେ ପ୍ରାୟ ସମସ୍ତେ କହିବେ ପାଣିନି ବୋଲି। କିନ୍ତୁ ବ୍ୟାକରଣ ଶାସ୍ତ୍ରର ଆଚାର୍ଯ୍ୟ ତାଙ୍କ ପୂର୍ବରୁ ଅନେକ ଋଷି ମହର୍ଷି ଥିଲେ। ବ୍ରହ୍ମାଙ୍କୁ ବ୍ୟାକରଣ ଶାସ୍ତ୍ରର ପ୍ରଥମ ଆଚାର୍ଯ୍ୟ ଭାବରେ ସ୍ୱୀକାର କରାଯାଏ। କୁହାଯାଏ – ବ୍ରହ୍ମା ବୃହସ୍ପତୟେ ପ୍ରୋବାଚ, ବୃହସ୍ପତିରିନ୍ଦ୍ରାୟ, ଇନ୍ଦ୍ରୋ ଭରଦ୍ୱାଜାୟ, ଭରଦ୍ୱାଜ ଋଷିଭ୍ୟ ଋଷୟୋ ବ୍ରାହ୍ମଣେଭ୍ୟଃ। ଏହି ବ୍ୟାକରଣ ଶାସ୍ତ୍ର ମଧ୍ୟ ଅନେକ ସେଗୁଡ଼ିକର ନାମ –

**"ଐନ୍ଦ୍ରଂ ଚାନ୍ଦ୍ରଂ କାଶକୃତ୍ସ୍ନଂ କୌମାରଂ ଶାକଟାୟନମ୍ ।**
**ସାରସ୍ୱତଂ ଚାପିଶଳଂ ଶାକଳଂ ପାଣିନୀୟକମ୍ ।।"**

ଏଗୁଡ଼ିକ ମଧ୍ୟରୁ ପାଣିନୀୟ ବ୍ୟାକରଣକୁ ଭାଷାବିଜ୍ଞାନୀମାନେ ଅତ୍ୟଧିକ ପସନ୍ଦ କରନ୍ତି। ଏହି ବ୍ୟାକରଣ କେବଳ ଭାରତରେ ନୁହେଁ ସମଗ୍ର ବିଶ୍ୱର ଅନେକ ଭାଷାରେ ଅନୂଦିତ ହୋଇସାରିଛି। ଆଜି ମୁଁ ସେହି ମହାନ୍ ବ୍ୟାକରଣ ଶାସ୍ତ୍ରର ପ୍ରଧାନ ତିନିମୁନିଙ୍କ ବିଷୟରେ କିଛି ଲେଖୁଛି।

ପାଣିନି ବ୍ୟାକରଣ ଶାସ୍ତ୍ରର ପ୍ରଧାନ ତିନି ଆଚାର୍ଯ୍ୟ ହେଉଛନ୍ତି ପାଣିନି, କାତ୍ୟାୟନ ବା ବରରୁଚି ତଥା ଶେଷୋକ୍ତ ମୁନି ହେଉଛନ୍ତି ମହର୍ଷି ପତଞ୍ଜଳି।

**ପାଣିନି** – ବଡ଼ଦୁଃଖର ସହିତ କହିବାକୁ ଯାଉଛି ଯେ ଏହି ମୁନିମାନଙ୍କ ବିଷୟରେ ଇତିହାସ ନୀରବ। ତଥାପି ପତଞ୍ଜଳିଙ୍କ ମହାଭାଷ୍ୟକୁ ଅନୁଧ୍ୟାନ କଲେ ସେମାନଙ୍କ ବିଷୟରେ କିଛି ତଥ୍ୟ ଜଣାପଡେ। ପାଣିନିଙ୍କ ମାତାଙ୍କ ନାମ ଦାକ୍ଷୀ ଥିଲା। ତାଙ୍କ ସମୟ ଖ୍ରୀ.ପୂ ୨୧୦୦। ଆଉ କେତେକଙ୍କ ମତରେ ଖ୍ରୀଷ୍ଟପୂର୍ବ ୫୦୦। ତାଙ୍କ ଜନ୍ମସ୍ଥାନ ବାହିକ ଦେଶର ସଲାତୁର ନାମକ ଗ୍ରାମ। ସେ ଅଷ୍ଟାଧ୍ୟାୟୀ ନାମକ ଆଠ ଅଧ୍ୟାୟ ବିଶିଷ୍ଟ ବ୍ୟାକରଣ ଶାସ୍ତ୍ରର ରଚୟିତା।

**କାତ୍ୟାୟନ** – ପାଣିନି ମୁନିଙ୍କ ଅଷ୍ଟାଧ୍ୟାୟୀ ଉପରେ ବାର୍ତ୍ତିକ ରଚନା କରିଥିବା ମୁନି ହେଉଛନ୍ତି କାତ୍ୟାୟନ। ତାଙ୍କ ସମୟ ଖ୍ରୀଷ୍ଟପୂର୍ବ ୩୦୦ – ୪୦୦। ସେ ଯୁଧିଷ୍ଠିର ମୀମାଂସକଙ୍କ ମତରେ ଶୁକ୍ଳ ଯଯୁର୍ବେଦୀୟ ଆଙ୍ଗିରସ ଶାଖାର ପ୍ରବର୍ତ୍ତକ କାତ୍ୟାୟନ ପୁତ୍ର ଯାଜ୍ଞବଲ୍କ୍ୟଙ୍କ ପୌତ୍ର ବରରୁଚି ହିଁ କାତ୍ୟାୟନ ଅଟନ୍ତି।

**ପତଞ୍ଜଳି** – ପତଞ୍ଜଳି ମହର୍ଷିଙ୍କ ବିଷୟରେ ଐତିହାସିକମାନେ ବିଭିନ୍ନ ମତପୋଷଣ କରନ୍ତି। ତେବେ ସେ ତିନୋଟି ଶାସ୍ତ୍ର ରଚନା କରିଥିଲେ, ଏଥିରେ ସମସ୍ତେ ଏକମତ। ପାଣିନିଙ୍କ ଅଷ୍ଟାଧ୍ୟାୟୀ ଓ କାୟାୟନଙ୍କ ବାର୍ତ୍ତିକ ଉପରେ ସେ ମହାଭାଷ୍ୟ ରଚନା କରିଥିଲେ। ଏତଦ୍‌ବ୍ୟତୀତ ସେ ଆୟୁର୍ବେଦର

ଚରକ ସଂହିତା ଓ ପତଞ୍ଜଳି ଯୋଗ ଦର୍ଶନ ଶାସ୍ତ୍ର ରଚନା କରିଥିଲେ।

ଏହି ଶ୍ରେଷ୍ଠ ମୁନିମାନଙ୍କ ବିଷୟରେ କିଛି କୌତୁହଳପୂର୍ଣ୍ଣ କାହାଣୀ ବା ଜନଶ୍ରୁତି ରହିଛି। ପାଣିନି ଗୁରୁ ଗୃହରେ ଅଧ୍ୟୟନ କାଳରେ ସବୁପାଠ ଭୁଲି ଯାଉଥିଲେ। ତେଣୁ ସେ ପ୍ରତ୍ୟହ ଗୁରୁଙ୍କଠାରୁ ବେତ୍ରାଘାତର ସମ୍ମୁଖୀନ ହେଉଥିଲେ। ଦିନେ ବେତ୍ରାଘାତ ପାଇଁ ପ୍ରସାରିତ ହସ୍ତକୁ ନିରୀକ୍ଷଣ କରି ଗୁରୁ ହସିଦେଇ ପାଣିନିଙ୍କୁ କହିଲେ ତୋ ହାତରେ ତ ବିଦ୍ୟାରେଖା ନାହିଁ ତୁ କି ପାଠ ପଢ଼ିବୁ ? ତୋ ହାତରେ ପାଠନାହିଁ, ତେଣୁ ତୁ କାଲି ସକାଳୁ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କର। ଏହାଶୁଣି ପାଣିନି ଗୁରୁଦେବଙ୍କୁ ପଚାରିଲେ ବିଦ୍ୟାରେଖା କ'ଣ ଓ ଏହା କେଉଁଠି ଥାଏ ? ଗୁରୁଜୀ ତାଙ୍କୁ ବିଦ୍ୟାରେଖା ଚିହ୍ନାଇ ଦେଲେ। ପାଣିନି ଭୟରେ ଘରକୁ ଫେରିଯିବାକୁ ଅପମାନ ମନେକରି ଏକ ଧାରୁଆ ଛୁରୀରେ ବିଦ୍ୟାରେଖା ତିଆରି କରି ରକ୍ତାକ୍ତ କ୍ଷତ ଯୋଗୁଁ ଯନ୍ତ୍ରଣାରେ ଅଧୀର ହୋଇ ଚିତ୍କାର କଲେ। ଗୁରୁଜୀ ଧାଇଁଆସି କ୍ଷତର ଉପଚାର କଲେ ଓ ଦେଖାଗଲା ତାଙ୍କ ହାତରେ ବିଦ୍ୟାରେଖା ନିର୍ମିତ ହୋଇଯାଇଛି।

ପାଣିନିଙ୍କ ଶିଷ୍ୟ କାତ୍ୟାୟନ ଅଟନ୍ତି ବୋଲି ଶୁଣାଯାଏ। ପାଣିନିଙ୍କ ଅଷ୍ଟାଧ୍ୟାୟୀ ଉପରେ ଶାସ୍ତ୍ରରେ ଥିବା ଦୋଷତ୍ରୁଟି ସବୁକୁ ଲକ୍ଷକରି ସେ ଏକ ବିଶାଳ ବାର୍ତ୍ତିକ ଗ୍ରନ୍ଥ ରଚନା କରିଥିଲେ। ସେହି ଗ୍ରନ୍ଥକୁ ଲକ୍ଷ୍ୟକରି ଗୁରୁ ପାଣିନି ତୋତେ ଆସନ୍ତା କାଲି ସକାଳୁ ସିଂହ ଖାଇଯିବ ବୋଲି ଅଭିଶାପ ଦେଲେ। କାତ୍ୟାୟନ ମଧ୍ୟ କହିଲେ ବାର୍ତ୍ତିକ ରଚନା କରି ମୁଁ କିଛି ଭୁଲ୍ କରିନାହିଁ, ଈର୍ଷାପରାୟଣ ହୋଇ ଯଦି ବିନା ଦୋଷରେ ଆପଣ ମୋତେ ଅଭିଶାପ ଦେଇଥାଆନ୍ତି ତାହାଲେ କାଲି ସକାଳୁ ଆପଣଙ୍କୁ ବାଘ ଖାଇଯାଉ। ଉଭୟ ତ ମୁନି, ଉଭୟଙ୍କ ବଚନ ଅକାଟ୍ୟ। ତେଣୁ ପରଦିନ ସକାଳେ ଗୁରୁଙ୍କ ଅଭିଶାପ ପ୍ରତିଫଳିତ ହୋଇ କାତ୍ୟାୟନ ସିଂହର ଶିକାର ହୋଇଗଲେ।

କିଛିସମୟ ପରେ ବାଘ ଆସିଲା, ଅନ୍ୟାନ୍ୟ ଛାତ୍ରଗଣ କହିଲେ ଗୁରୋ ! ବ୍ୟାଘ୍ରଃ ଆୟାତି। ଗୁରୁଜୀ କହିଲେ ଆଗଚ୍ଛତୁ କିଂ କରିଷ୍ୟତି ? ବିଶେଷେଣ ଆଘ୍ରାଣଂ କରୋତି ଯଃ ସଃ ବ୍ୟାଘ୍ରଃ। ଯିଏ ଭଲଭାବରେ ଶୁଙ୍ଘେ ସିଏ ବାଘ। ଏକଥା ଶୁଣି ଛାତ୍ରମାନେ ଗଛରେ ଚଢ଼ି ଆତ୍ମରକ୍ଷା କଲେ। ଗୁରୁଙ୍କୁ ବାଘ ଯେତେବେଳେ ଖାଇବା ଆରମ୍ଭ କଲା ଗୁରୁ କହିଲେ, "ଛାତ୍ରା ! ଶୃଣୁତ ଘ୍ରା ଧାତୁଃ କଦାଚିତ୍ ଅପି ଭୋଜନେ ବ୍ୟବହ୍ରୀୟତେ।" କେବେ ଘ୍ରା ବା ଶୁଙ୍ଘିବା ଧାତୁ ଭୋଜନରେ ବ୍ୟବହୃତ ହୁଏ। ଗୁରୁ ଶିଷ୍ୟ ଉଭୟ ଗୋଟିଏ ଦିନରେ ସ୍ୱର୍ଗାରୋହଣ କରିଥିଲେ।

ସେଦିନ ଥିଲା ତ୍ରୟୋଦଶୀ। କେଉଁ ତ୍ରୟୋଦଶୀ ଶୁକ୍ଳ ବା କୃଷ୍ଣ ତାହା ଅଜ୍ଞାତ। ତେଣୁ ତ୍ରୟୋଦଶୀ ତିଥିକୁ ବୈୟାକରଣ ମାନେ ଅନଧ୍ୟୟନ ମାନନ୍ତି। ସେଦିନ ବ୍ୟାକରଣ ପଢ଼ାହୁଏନାହିଁ।

ମହର୍ଷି ପତଞ୍ଜଳି ଭଗବାନ ଶିବଙ୍କ ଅବତାର ବୋଲି ବ୍ୟାକରଣ ଆଚାର୍ଯ୍ୟମାନେ ମାନନ୍ତି। ସେ ପାଣିନି ଓ କାତ୍ୟାୟନଙ୍କ ପରେ ପୃଥିବୀରେ ବ୍ୟାକରଣ ଜ୍ଞାନର ଅଭାବକୁ ଲକ୍ଷ୍ୟକରି ସ୍ୱର୍ଗରୁ କ୍ଷୁଦ୍ର ସର୍ପ ରୂପରେ ପୃଥିବୀରେ ଅବତରଣ କରିଥିଲେ। ଗୋଣୀ ନାମ୍ନୀ ଜଣେ ମହିଳା ସୂର୍ଯ୍ୟଙ୍କୁ ଆଞ୍ଜୁଳିରେ ଜଳଦେବା ସମୟରେ ତାଙ୍କ ଆଞ୍ଜୁଳିରେ ଆସି ପଡ଼ିଲେ। ତାକୁ ଦେଖି ଗୋଣୀ କହିଲେ - କୋର୍ଭବାନ୍ ? ଏହି ପ୍ରଶ୍ନ ବ୍ୟାକରଣ ଦୃଷ୍ଟିରୁ ଭୁଲ ଥିଲା। "କୋ ଭବାନ୍" କହିବା ଠିକ୍। ସେ ପ୍ରଶ୍ନରେ ଗୋଟିଏ ରେଫ୍ ଅଧିକ ଥିଲା। ଏହାଶୁଣି ସର୍ପ ଅବତାର ଶିବ କହିଲେ - ସପୋଽହମ୍। ସେ ସର୍ପୋଽହମ୍ କହିଥାଆନ୍ତେ। ଏହାଶୁଣି ଗୋଣୀ କହିଲେ - ରେଫଃ କୁତ୍ର ଗତଃ ? ତୁମ ଉତ୍ତରରୁ ରେଫ୍‌ଟି କୁଆଡ଼େ ଗଲା ? ? ସେ କହିଲେ - ତ୍ୱୟାପହୃତଃ। ଅର୍ଥାତ ତୁମେ ପ୍ରଶ୍ନବେଳେ ଅପହରଣ କରିନେଇଛ। ଏହାଶୁଣି ଗୋଣୀ ତାଙ୍କୁ ନିଜଘରକୁ ନେଇଗଲେ। ତାଙ୍କ ଶରୀର ମନୁଷ୍ୟ ଭଳି ଓ ମସ୍ତକ ସର୍ପଭଳି ତାଙ୍କ ଇଚ୍ଛା ଅନୁସାରେ ହୁଏ। ଅନ୍ୟ ସମୟରେ ସେ ଠିକ୍ ସାଧାରଣ ମନୁଷ୍ୟଙ୍କ ଭଳି ଦିଶନ୍ତି।

ପତଞ୍ଜଳି ଶିଷ୍ୟମାନଙ୍କୁ ମହାଭାଷ୍ୟ ଡାକିବେ ଓ ଶିଷ୍ୟମାନେ ତାହା ଶୁଣି ଲେଖିବେ। ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଏକ ପରଦା ରହିବ। ସେହି ପରଦାକୁ କେହି ଖୋଲିବେ ନାହିଁ। ଖୋଲିଲେ ମହାନ୍ ଅଘଟଣ ଘଟିବ। ମହାଭାଷ୍ୟ ଡକାହେବା ମଧ୍ୟରେ କେହି ସେ ସ୍ଥାନ ଛାଡି ଅନ୍ୟତ୍ର ଯିବେନାହିଁ। ଏପରି ଆଦେଶ ଦେଇ ଗୁରୁଜୀ ପରଦା ପଛପଟେ ସହସ୍ର ଫଣାଯୁକ୍ତ ମହାସର୍ପ ରୂପ ଧାରଣ କରି ମହାଭାଷ୍ୟ ଡାକିଲେ ଓ ପିଲାମାନେ ଲେଖି ଚାଲିଲେ।

ମହାଭାରତ ୮୪ ଦିନ ପର୍ଯ୍ୟନ୍ତ ଡକାଚାଲିଲା। ଶେଷଦିନ ଗୋଟିଏ ଛାତ୍ର ତୃଷାର୍ତ୍ତ ହୋଇ ଜଳପାନ ପାଇଁ ବାହାରକୁ ଚାଲିଗଲା। ଆଉଗୋଟିଏ ଛାତ୍ର କୌତୁହଳବଶତଃ ପରଦା ସାମାନ୍ୟ ଅପସାରଣ କରି ଦେଖିବାକୁ ଚେଷ୍ଟାକଲା। ସହସ୍ର ଫଣାରୁ ନିର୍ଗତ ବିଷଜ୍ୱାଳାରେ ସବୁଛାତ୍ର ଜଳି ପାଉଁଶ ହୋଇଗଲେ। ଏହା ଦେଖି ଗୁରୁ ନିଜର ମନୁଷ୍ୟ ରୂପଧରି ଅତ୍ୟନ୍ତ ଦୁଃଖିତ ହେଲେ କିନ୍ତୁ ପାଣି ପିଇବାକୁ ଯାଇଥିବା ଛାତ୍ରକୁ ମୋ ବିନା ଅନୁମତିରେ କୁଆଡ଼େ ଯାଇଥିଲୁ ବୋଲି ପଚାରିଲେ। ତଥାପି ତାକୁ ଶୃଙ୍ଖଳା ଭଙ୍ଗ ଦୋଷରେ ବ୍ରହ୍ମରାକ୍ଷସ ହେବାକୁ ଅଭିଶାପ ଦେଲେ। ସେ ଏଥିରୁ କିପରି ମୁକ୍ତିପାଇବ ସେକଥା ପଚାରିଲା। ଗୁରୁ କହିଲେ ଯିଏ ତୋ ବ୍ୟାକରଣଗତ ପ୍ରଶ୍ନର ଉତ୍ତର ଠିକ୍‌ଭାବରେ ଦେବ ତୁ ତାକୁ ମହାଭାଷ୍ୟ ପଢ଼ାଇଦେଲେ ଅଭିଶାପରୁ ମୁକ୍ତ ହେବୁ।

ସେହି ବାଟରେ ଯାଉଥିବା ଲୋକମାନଙ୍କୁ ସେ ପଚାରେ ପାକସ୍ୟ କିଂ ଲକ୍ଷଣମ୍ ? ସମସ୍ତେ ଭୁଲ୍ କହନ୍ତି ପକ୍ତମ୍। ବହୁଦିନ ପରେ ଚନ୍ଦ୍ରଗୁପ୍ତ ନାମକ ଜଣେ ପଣ୍ଡିତ ଠିକ୍ ଉତ୍ତର ଦେଇ କହିଲେ, "ପକ୍ୱମ୍"। ଏହାଶୁଣି ସେ ବରଗଛର ପତ୍ର ଉପରେ ନଖରେ ମହାଭାଷ୍ୟ ଲେଖି ତଳକୁ ପକାଇଲେ। ପଣ୍ଡିତ ମହାଶୟ ସେଗୁଡ଼ିକ ଗୋଟାଇଲେ। ବହୁସଂଖ୍ୟାରେ ପତ୍ର ପଡ଼ିବାରୁ ସେ ଗୋଟାଉଥିବାବେଳେ ଗୋଟିଏ ଛେଳି ଆସି କିଛି ପତ୍ର ଖାଇଗଲା। ଆଜିବି ଯେଉଁଠି ପାଠ ମିଳେନାହିଁ ସେଠାରେ ଅଜାଭକ୍ଷିତମେତତ୍ ବୋଲି ଦେଖିବାକୁ ମିଳେ ।

ଜଙ୍କିଆ, ଖୋର୍ଦ୍ଧା
ମୋ - ୯୯୩୭୪୩୪୧୮୨

# ମୁଖା

ବୈଜୟନ୍ତୀ ପଟ୍ଟନାୟକ

ମୁଖାପିନ୍ଧା ମଣିଷ
ଯଦି ଭୁଲିଯାଏ କେବେ
ମୁଖାତଳେ ଅଛି ତା'ର
ଅସଲି ଚେହେରା,
ଅସତର୍କ ମୁହୂର୍ତ୍ତରେ ଖସିଗଲେ ମୁଖା
ହୁଏ କେତେ ହଟହଟା !

କଳ୍ପନାର ଡ଼େଣା ଲଗାଇ
କବି ସିନା ଉଡ଼ିବୁଲେ
ସ୍ୱପ୍ନ ରାଇଜରେ,
ମିଛର ଡ଼େଣା ଲଗେଇ
ଚେଷ୍ଟା କଲେ ମାପିବାକୁ
ଆକାଶର ବିଶାଳତା,
ସୂର୍ଯ୍ୟର ଉତ୍ତାପ,
ଛିନ୍ନ ହୁଏ ପକ୍ଷ ଯେବେ
ତଳେ ପଡି ଚୂନା ହୁଏ ହାତଗୋଡ଼ !

ରାଜ୍ୟ ନଥାଇ ରାଜାର
ଅହମିକା ନେଇ
ବଞ୍ଚିବାର ଅପଚେଷ୍ଟା କାହିଁକି ଆଉ ?
ନଗଣ୍ୟ ପ୍ରଜାଟିଏ ହେଇ
ଦିନଟିଏ ବଞ୍ଚିବାକୁ ଚେଷ୍ଟାକର;
ସବୁ ଯାଉ - ରାତିର ନିଦ
ଦିନର ଶାନ୍ତି ଟିକକ ଥାଉ ।

ସୁଅ ମୁହଁରେ ପତର ହେଇ
ଭାସିଯିବା ଛଡ଼ା ଆଉ କି ବିକଳ୍ପ,
ଆଉ କିବା ଗତି;
ସବୁ ଜାଣି ହନ୍ତସନ୍ତ, ହେବାଟା ହିଁ
ମଣିଷ ପ୍ରକୃତି ।

ଭୁବନେଶ୍ୱର

# ମୟୂରଚୂଳ

ସୂର୍ଯ୍ୟକାନ୍ତି ଦାଶ

ଶୋହେ ମସ୍ତକପର
ରଙ୍ଗ ଶ୍ୟାମଳ
ମୁକୁଟ ଯା'ର ଶିର
ପଦେ ନୂପୁର
ଦେହେ ତା' ପୀତାମ୍ବର
ଗଳାରେ ହାର
ମୋହନ ବଂଶୀଧର
ବାଳ ଗୋପାଳ ॥
ସର ଲବଣି ଚୋର
ପୁତନା ମାରି
ବକା ଶକଟା ତାରି
ଗୋପାଳ ମେଳେ
ଖେଳ ସଂଜ ସକାଳେ
ଯମୁନା କୂଳେ ॥
ବସ୍ତ୍ର ଲୁଚିଲେ ଛଳେ
ଗୋପୀଏ ସ୍ନାନ
ବିବସ୍ତ୍ର ହେତୁ ମାନ
ରାଧା ଗୁମାନ
ବଢ଼େ ଦିନକୁ ଦିନ
ରାଧାମୋହନ
ଫୁଙ୍କାରେ ବଂଶୀସ୍ୱନ
ଅକ୍ରୁର ରଥେ
କୁବୁଜା ଦେଖି ପଥେ
ରୂପସୀ କନ୍ୟା
ରୂପେ ଧରିଲେ ଧନ୍ୟା
କଂସ ନିଧନ
ମଞ୍ଚପରୁ ପତନ
ବିଧିବିଧାନ
ନରହେ ଗର୍ବ ଧନ
ଜୀବ ଜୀବନ
ଦେବକୀ କଲେ ଜନ୍ମ
ଯଶୋଦା ପ୍ରାଣ ଧନ ॥

ଯାଆଁଳା, ଜଟଣୀ

# ବିଦ୍ୟା ଅଟଇ ମହାଧନ

ସୌମ୍ୟରଞ୍ଜନ ପାଣିଗ୍ରାହୀ

ଧନ ମଧ୍ୟରେ ଶ୍ରେଷ୍ଠ ଧନ
ବିଦ୍ୟା ଅଟଇ ମହାଧନ ।
ମଣି, ମୁକ୍ତା ନୁହେଁ ବଡ଼ଧନ
ସବୁଠାରୁ ବଡ଼ ବିଦ୍ୟା ରତନ ॥

ସୁନା, ରୂପା ଥିଲେ ବଡ ନହେବା
ବିଦ୍ୟା ଥିଲେ ଆପେ ବଡ ହୋଇବା ।
ଦୁନିଆକୁ ଯଦି ଆମେ ଜିତିବା
ବିଦ୍ୟା ଧନକୁ ସଦା ପାଶେ ରଖିବା ॥

ଭେଦଭାବ ନଦେଖାଇଲେ ଯିଏ
ଶ୍ରେଷ୍ଠ ରତ୍ନ ବିଦ୍ୟା ଅଟଇ ସିଏ ।
ଚୋର ସିନା ନେବ ସୁନା ରୂପାକୁ
ନ ନେଇପାରିବ କେବେ ବିଦ୍ୟାକୁ ॥

ଅପୂର୍ଣ୍ଣ ଅଟଇ ତା'ର ଜୀବନ
ଯା' ପାଶେ ନଥାଏ ବିଦ୍ୟାର ଧନ
ନିଜର କରିବା ବିଦ୍ୟା ରତ୍ନକୁ
ଗଢ଼ିବା ସୁନ୍ଦର କରି ଜାତିକୁ ॥

ବିଦ୍ୟା ଥିଲେ ଲାଗେ ସବୁ ନିଜର
ବିଦ୍ୟା ବିନା ସବୁ ଲାଗେ ଅସାର ।
ଧନ ମଧ୍ୟରେ ଶ୍ରେଷ୍ଠ ଧନ
ବିଦ୍ୟା ଅଟଇ ମହାଧନ ॥

ଏ.ଡ଼ି.ଏସ୍. ସ୍କୁଲ, ଜଟଣୀ



ସମ୍ମାନ କେହି କାହାକୁ ଦିଏନାହିଁ - ନିଜର କାର୍ଯ୍ୟ ତାହାକୁ ଅର୍ଜନ କରେ।


# ସମୁଦ୍ର ଲେମ୍ବୁ ଓ କାକୁଡି

ଅଧ୍ୟାପକ ମନୋଜ ମହାପାତ୍ର



ଆମର ଧାରଣା ରହିଛି ଯେ ସ୍ଥଳଭାଗରେ ଲେମ୍ବୁ ଓ କାକୁଡି ଗଛ ଲଗାଯାଏ ଏବଂ ସେହି ଫଳ ଗୁଡିକୁ ଆମ୍ଭେମାନେ ଭାତ ସହ ଖାଉ। କିନ୍ତୁ ସମୁଦ୍ର ଜଳ ମଧ୍ୟରେ ଏପରି କେତେକ ପ୍ରାଣୀ ବାସକରନ୍ତି, ଯେଉଁମାନେ ଲେମ୍ବୁ ଓ କାକୁଡି ପରି ଦେଖାଯାନ୍ତି । ଏଠାରେ ସେହି ପ୍ରାଣୀ ମାନଙ୍କ ସମ୍ବନ୍ଧରେ ଆଲୋଚନା କରାଯାଉଛି ।

## ସମୁଦ୍ର ଲେମ୍ବୁ:



ଏହା ଏକ ସାମୁଦ୍ରିକ ଅମେରୁଦଣ୍ଡୀ ଏବଂ ମୋଲାସ୍କା ବା ଶାମୁକା ବର୍ଗର ପ୍ରାଣୀ । ଏହାର ବୈଜ୍ଞାନିକ ନାମ ହେଲା ଡୋରିସ । ଏହି ପ୍ରାଣୀଟି ଦେଖିବାକୁ ଠିକ୍ ଲେମ୍ବୁ ପରି , ତେଣୁ ଏହାକୁ ସମୁଦ୍ର ଲେମ୍ବୁ କୁହାଯାଏ । ବିଶେଷ କରି ଏମାନେ ଇଂଲାଣ୍ଡ ଉପକୂଳରେ ଦେଖାଯାଆନ୍ତି ଓ ସମୁଦ୍ର ଜଳରେ ସଂଘବଦ୍ଧ ହୋଇ ବାସକରନ୍ତି ।

ଏମାନଙ୍କ ଦେହର ରଙ୍ଗ ଧୂଷର ଓ ରକ୍ତିମ ଅଟେ। ସମୁଦ୍ର ମଧ୍ୟରେ ଥିବା ପଥର କିମ୍ବା କଠିନ ପଦାର୍ଥ ସହ ଲାଗି ରହିଥାନ୍ତି । ଏମାନେ ଭାରି ଅଳସୁଆ ଓ ଗତି ମଧ୍ୟ ମନ୍ଥର। ଦେହର ଉପର ଭାଗରେ ପାଟି, ମୁଣ୍ଡ, କର୍ଷିକା ଓ ପ୍ରାବରୀ ରହିଛି। ମୁଣ୍ଡରେ ଦୁଇଟି କର୍ଷିକା ରହିବା ସଙ୍ଗେ ସଙ୍ଗେ କ୍ୟାଲସିଅମମୟ ବା ଚୂନମୟ କଣ୍ଟିକା ରହିଛି । ଏମାନଙ୍କ ପାଦରେ ଗୋଟିଏ ବଡ ସଂସର୍ପଣ ପାଦ ରହିଛି, ଯାହାଦ୍ୱାରା ଏହି ପ୍ରାଣୀ ଗତି କରିପାରେ ମଳଦ୍ୱାରଟି ପଛପାଖେ ରହିଛି ଓ ଏହାର ଚାରିପାଖେ ଗୋଟିଏ ପଟି ଶାଖାଯୁକ୍ତ ଅଛି।

ଏମାନେ ସ୍ପଞ୍ଜ ଜାତୀୟ ପ୍ରାଣୀମାନଙ୍କୁ ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି। ପୁରୁଷ ଓ ସ୍ତ୍ରୀ ଲିଙ୍ଗ ଏମାନଙ୍କର ଅଲଗା ଅଲଗା ଅଟେ।

ଏହା ଏକ କୌତୁକିଆ ପ୍ରାଣୀ ।ସମୁଦ୍ର ଜଳ ଉପରେ ଅନେକ ସମୟରେ ଲେମ୍ବୁପରି ଭାସେ ଏବଂ ଜଳ ମଧ୍ୟ ପହଁରି ପାରେ । ତେଣୁ ଏହି ପ୍ରାଣୀର ସୁରକ୍ଷା ଜରୁରୀ ଅଟେ।

## ସମୁଦ୍ର କାକୁଡି:

ସମୁଦ୍ର କାକୁଡି ଏକ ସାମୁଦ୍ରିକ ଓ କଣ୍ଟାକତ୍ୱକ ମହାବର୍ଗର ପ୍ରାଣୀ ଅଟେ । ଏମାନେ ଆମେରିକା, ଇଉରୋପ ଓ ଭାରତ ଆଦି ଦେଶର ସମୁଦ୍ରରେ ଦେଖାଯାଆନ୍ତି।

ଏମାନଙ୍କ ଦେହର ରଙ୍ଗ ଧଳା, ନାଲି ଓ ଧୂଷର ଅଟେ। ଦେହସାରା ଅନେକ ଗୁଡିଏ ଅଙ୍ଗୁଳି ଥାଏ ଓ ଚର୍ମ କଣ୍ଟାଯୁକ୍ତ ଅଟେ ।



ଦେହର ଚାରିପାଖେ କର୍ଷିକା ରହିଥିବାରୁ ଏହା ଦେଖିବାକୁ ଗୋଟିଏ ଛୋଟ ଗଛପରି। କର୍ଷିକା ଗୁଡିକରେ ନଳୀ ରହନ୍ତି । ପାଟିଟି ଅଗ୍ରଭାଗରେ ଅଛି । ଦେହଟି ପାଞ୍ଚଗୋଟି ଅନ୍ତଃ ଚରଣାରୀୟ ଅଞ୍ଚଳ ଭାବେ ବିଭକ୍ତ ହୋଇଛି । ଦେହ ମଧ୍ୟରେ ଏକ ସ୍ୱତନ୍ତ୍ର ଅସ୍ଥିକା ରହିଛି । ମଳଦ୍ୱାରଟି ପଛ ଭାଗରେ ରହିଛି । ପାଦଟି ନଳି ଯୁକ୍ତଅଟେ । ଏମାନେ ଗଭୀର ସମୁଦ୍ର ଅର୍ଥାତ ୩୬ ମିଟର ପାଣି ତଳେ ମାଟି ସହ ଲାଗି ରହିଥାନ୍ତି । ପ୍ଲାକଟନ୍ ଜାତୀୟ ପ୍ରାଣୀ ମାନଙ୍କୁ ଖାଦ୍ୟ ରୂପେ ଗ୍ରହଣ କରି ଥାଆନ୍ତି। ଏମାନଙ୍କ ରକ୍ତରେ ହିମୋଗ୍ଲୋବିନ ରହିଛି । ଏମାନଙ୍କ ଲାର୍ଭାକୁ ଡୋଲିଓରିଆ କୁହାଯାଏ ।

ସମୁଦ୍ର କାକୁଡିକୁ ଅନେକ ଦେଶରେ ଖାଦ୍ୟ ରୂପେ ବ୍ୟବହାର କରି ଥାଆନ୍ତି । ଏହାର ମାଂସ ଅତି ସୁସ୍ୱାଦୁ ଅଟେ । ଏହା ଏକ ଅର୍ଥକାରୀ ତଥା ଖାଦ୍ୟ ପ୍ରାଣୀ ଅଟେ । ତେଣୁ ପାଶ୍ଚାତ୍ୟ ଦେଶରେ ସମୁଦ୍ର କାକୁଡି ଚାଷ କରାଯାଏ । ଏହି ଅର୍ଥକାରୀ ସ୍ୱାଦ ବିଶିଷ୍ଟ ପ୍ରାଣୀର ସୁରକ୍ଷା ତଥା ବଂଶରକ୍ଷା ପ୍ରତି ସମସ୍ତେ ଧ୍ୟାନ ଦେବା ଆବଶ୍ୟକ।

କଲେଜ ରୋଡ, ବାଙ୍କୀ
ଜିଲ୍ଲା-କଟକ-୭୫୪୦୦୮



କହି ନକରିବା ଅପେକ୍ଷା ନକହି କରିବା ହିଁ ଶହେଗୁଣ ଭଲ।

# ଭାରତୀୟ ବ୍ୟାଡମିଣ୍ଟନର ପ୍ରକାଶସ୍ତମ୍ଭ



**ଆଶିଷ କୁମାର ରାୟ**



ବ୍ୟାଡମିଣ୍ଟନ ଜଗତରେ ଯେଉଁ କ୍ରୀଡ଼ାବିତ ଜଣକ ସର୍ବପ୍ରଥମେ ଭାରତକୁ ଏକ ସମ୍ମାନଜନକ ସ୍ଥାନ ପ୍ରଦାନ କରିଥିଲେ ସେ ହେଉଛନ୍ତି ପ୍ରକାଶ ପାଦୁକୋଣ। ଗତ ଶତାବ୍ଦୀର ଅଶୀ ଦଶକରେ ବ୍ୟାଡମିଣ୍ଟନ କୋର୍ଟରେ ଦେଖିବାକୁ ମିଳିଥିଲା ତାଙ୍କ ଯାଦୁ। ଅଲ ଇଂଲାଣ୍ଡ ବ୍ୟାଡମିଣ୍ଟନ ଓ ବିଶ୍ୱକପ୍ ପ୍ରତିଯୋଗିତା ସମେତ ସେ ସମୟରେ ବିଶ୍ୱର ଅନ୍ୟାନ୍ୟ ଟୁର୍ଣ୍ଣାମେଣ୍ଟମାନଙ୍କରେ ବିଜୟୀ ହେବା ସହିତ ପ୍ରାୟ ଏକ ବର୍ଷ ଧରି ଏହି ଖେଳରେ ଶ୍ରେଷ୍ଠ ପୁରୁଷ ତାରକାର ଆସନ ଅଳଙ୍କୃତ କରିଥିଲେ ସେ। ସେଥିପାଇଁ ତାଙ୍କୁ ଭାରତୀୟ ବ୍ୟାଡମିଣ୍ଟନର ପ୍ରବାଦ ପୁରୁଷ ତଥା ପ୍ରକାଶସ୍ତମ୍ଭ ଆଖ୍ୟା ଦିଆଯାଇଛି। ପରବର୍ତ୍ତୀ ସମୟରେ ତାଙ୍କରି ପଦାଙ୍କ ଅନୁସରଣ କରି ପୁଲ୍ଲେଲା ଗୋପୀଚାନ୍ଦ, ଦୀପଙ୍କର ଭଟ୍ଟାଚାର୍ଯ୍ୟ, ଚେତନ ଆନନ୍ଦ, କିଦ୍ଦାମ୍ବୀ ଶ୍ରୀକାନ୍ତ, ଏଚ. ଏସ. ପ୍ରଣୟ, ବି. ସାଇ ପ୍ରଣୀତଙ୍କ ଭଳି ପୁରୁଷ ତାରକା ତଥା ଅପର୍ଣ୍ଣା ପୋପଟ, ସାଇନା ନେହୱାଲ ଓ ପି. ଭି. ସିନ୍ଧୁଙ୍କ ଭଳି ମହିଳା ତାରକା ଦେଶର ପ୍ରତିନିଧିତ୍ୱ କରି ଅନେକ ସଫଳତା ହାସଲ କରିଛନ୍ତି। ସାଇନା ଓ ସିନ୍ଧୁ ତ ଅଲିମ୍ପିକ ଓ ବିଶ୍ୱ ଚାମ୍ପିଆନଶିପ୍‌ରେ ପଦକ ହାସଲ କରିବା ଦିଗରେ ସମର୍ଥ ହୋଇଛନ୍ତି।

ଅଶୀ ଦଶକରେ ପ୍ରକାଶଙ୍କ ନେତୃତ୍ୱରେ ସୟଦ ମୋଦୀ, ବିମଲ କୁମାର ଓ ଓଡ଼ିଶାର ସନତ ମିଶ୍ରଙ୍କ ଭଳି ତାରକାମାନେ ବିଶ୍ୱର ବିଭିନ୍ନ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରି କିଛିଟା ସଫଳତା ହାସଲ କରିଥିଲେ ହେଁ ପ୍ରକାଶଙ୍କୁ ମିଳିଥିବା ସଫଳତା ହିଁ ଏହି ଖେଳରେ ଭାରତ ପାଇଁ ଏକ ନୂତନ ପରିଚିତି ଆଣିଦେଇଥିଲା। ୧୦ ଜୁନ୍ ୧୯୫୫ରେ ବାଙ୍ଗାଲୋରରେ ଜନ୍ମଗ୍ରହଣ କରିଥିବା ପ୍ରକାଶ ପାଦୁକୋଣ ମାତ୍ର ୧୭ବର୍ଷ ବୟସରେ ୧୯୭୨ମସିହାରେ ଉଭୟ ଜାତୀୟ ଜୁନିଅର ଓ ସିନିଅର ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଚାମ୍ପିଆନ ହୋଇ ସୃଷ୍ଟି କରିଥିଲେ ଏକ ନୂଆ ଇତିହାସ। କେବଳ ସେତିକି ନୁହେଁ ଜାତୀୟ ସିନିଅର ବ୍ୟାଡମିଣ୍ଟନରେ ସର୍ବାଧିକ ନଅଥର ଚାମ୍ପିଆନ ହେବାର ରେକର୍ଡ ମଧ୍ୟ ତାଙ୍କରି ଦ୍ୱାରା ସ୍ଥାପିତ ହୋଇଥିଲା। ୧୯୭୬ର ଏସୀୟ ଚାମ୍ପିଆନଶିପ୍‌ରେ ବ୍ରୋଞ୍ଜ ପଦକ ତଥା ୧୯୭୮ରେ କାନାଡ଼ାର ଏଡମଣ୍ଟନ୍‌ଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିବା ଥିଲା ଆନ୍ତର୍ଜାତିକ ସ୍ତରରେ ପ୍ରକାଶଙ୍କ ଆରମ୍ଭିକ ସଫଳତା। ଏହାପରେ ୧୯୭୯ରେ ପ୍ରକାଶ ଇଣ୍ଡିଆନ ଓପନ୍‌ରେ ଉପବିଜେତା ହେବା ସହିତ ଲଣ୍ଡନ ମାଷ୍ଟର୍ସର ବିଜେତା ହୋଇଥିଲେ। ଆଉ କେତୋଟି ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ୍‌କୁ ମଧ୍ୟ ଉଠିଥିଲେ ସେ।

ତେବେ ୧୯୮୦ ଓ ୧୯୮୧ ଏହି ଦୁଇଟି ବର୍ଷ ଥିଲା ପ୍ରକାଶ ପାଦୁକୋଣଙ୍କ କ୍ରୀଡ଼ାଜୀବନର ସର୍ବାଧିକ ସଫଳ ବର୍ଷ। ୧୯୮୦ରେ ସେ ସ୍ପାନିଶ ଓପନ, ଡେନମାର୍କ ଓପନ୍ ଓ ସ୍ୱିଡିଶ୍ ଓପନ୍ ଜିଣିବା ସହିତ ଏହି ଖେଳରେ ବିଶ୍ୱର ସର୍ବ ପୁରାତନ ତଥା ସର୍ବଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟ ଭାବେ ଖ୍ୟାତ ଅଲ୍ ଇଂଲାଣ୍ଡ ବ୍ୟାଡମିଣ୍ଟନ୍‌ରେ ଚାମ୍ପିଆନ ଅର୍ଜନ କରି ଚହଳ ସୃଷ୍ଟି କରିଥିଲେ। ଏତଦ୍‌ବ୍ୟତୀତ ଜାପାନର କ୍ୟୋଟୋରେ ଅନୁଷ୍ଠିତ ଦ୍ୱିତୀୟ ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟରେ ସେ ଜିଣିଥିଲେ ବ୍ରୋଞ୍ଜ ପଦକ। ସେହିଭଳି ୧୯୮୧ରେ ପ୍ରକାଶ ଅଲ୍ ଇଂଲାଣ୍ଡ, ଡେନମାର୍କ ଓପନ, ସ୍କାଣ୍ଡିନେଭିଆନ୍ ଓପନ୍ ଓ ଇଂଲିଶ ମାଷ୍ଟର୍ସ ଟୁର୍ଣ୍ଣାମେଣ୍ଟରେ ରନର୍ସ ଅପ୍ ହୋଇଥିବା ବେଳେ ଇଣ୍ଡିଆନ୍ ଓପନ୍‌ରେ ଚାମ୍ପିଆନ ହୋଇପାରିଥିଲେ। ତେବେ ଏହିବର୍ଷ ମାଲେସିଆର କୁଆଲାଲମପୁରରେ ଅନୁଷ୍ଠିତ ବିଶ୍ୱକପ୍ ପ୍ରତିଯୋଗିତାରେ ବିଜୟୀ ହେବା ଥିଲା ତାଙ୍କର ଶ୍ରେଷ୍ଠ ସଫଳତା।

ଇଣ୍ଡୋନେସିଆର ପ୍ରସିଦ୍ଧ ତାରକା ରୁଡି ହାର୍ଟୋନୋଙ୍କୁ ପ୍ରକାଶ ନିଜର ଆଦର୍ଶ ଭାବେ ମାନୁଥିଲେ। ଆଠଥର ଅଲ୍ ଇଂଲାଣ୍ଡ ଚାମ୍ପିଆନ ହୋଇଥିବା ସେହି ରୁଡି ହାର୍ଟୋନୋଙ୍କୁ ପରାସ୍ତ କରି ପ୍ରକାଶ ଜିଣିଥିଲେ ୧୯୮୦ର ସ୍ୱିଡିଶ୍ ଓପନ୍ ଟାଇଟେଲ। ସେହିଭଳି ୧୯୮୦ର ଅଲ୍ ଇଂଲାଣ୍ଡ ପ୍ରତିଯୋଗିତାରେ ଇଣ୍ଡୋନେସିଆର ଅନ୍ୟଜଣେ ତାରକା ଲିଏମ୍ ସୁଇ କିଙ୍ଗ୍‌ଙ୍କ ବିରୁଦ୍ଧରେ ତାଙ୍କର ବିଜୟ ଥିଲା ବେଶ୍ ଚାଞ୍ଚଲ୍ୟକର। ଦ୍ରୁତଗତିରେ ଖେଳୁଥିବା କିଙ୍ଗ୍‌ଙ୍କୁ ଅକ୍ଳେଶରେ ପରାସ୍ତ କରି ସେ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଇଥିଲେ। ଅଲ୍ ଇଂଲାଣ୍ଡ ପ୍ରତିଯୋଗିତାରେ ବିଜୟୀ ହେବା ସହିତ ପ୍ରକାଶ ପାଦୁକୋଣ ମଧ୍ୟ ବିଶ୍ୱର ଏକ ନମ୍ବର ବ୍ୟାଡମିଣ୍ଟନ ତାରକା ବନିଯାଇଥିଲେ। ସେ ସମୟରେ ଅଧିକ ସଂଖ୍ୟକ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉନଥିଲା, ଅନ୍ୟଥା ତାଙ୍କ ସଫଳତାର ଫର୍ଦ ଆହୁରି ଲମ୍ବା ହୋଇପାରିଥାନ୍ତା। ଏପରିକି ୧୯୮୦ ଓ ୧୯୮୪ର ଅଲିମ୍ପିକ୍‌ରେ ଯଦି ବ୍ୟାଡମିଣ୍ଟନ ଖେଳ ସାମିଲ ଥାଆନ୍ତା, ତେବେ ସେଥିରେ ମଧ୍ୟ ପ୍ରକାଶ ହୁଏତ ପଦକ ଜିତିପାରିଥାନ୍ତେ।

୧୯୮୦ରେ ଇଣ୍ଡୋନେସିଆର ରାଜଧାନୀ ଜାକର୍ତ୍ତାରେ ଅନୁଷ୍ଠିତ ବିଶ୍ୱ ଚାମ୍ପିଆନ୍‌ଶିପ୍‌ରେ ପ୍ରକାଶଙ୍କୁ ଟପ୍ ସିଡ୍‌ର ମାନ୍ୟତା ମିଳିଥିଲା ଏବଂ ସେ ଏଥିରେ ବିଜୟୀ ହେବେ ବୋଲି ସମସ୍ତେ ଆଶା ରଖିଥିଲେ। କିନ୍ତୁ କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଯିବା ଫଳରେ ପ୍ରକାଶଙ୍କ ସହିତ ଭାରତୀୟ କ୍ରୀଡ଼ାପ୍ରେମୀଙ୍କ ଆଶା ମଧ୍ୟ ଧୂଳିସାତ ହୋଇଯାଇଥିଲା। ବିଶ୍ୱ ଚାମ୍ପିଆନଶିପ୍‌ରେ ପରାଜିତ ହେବାର କ୍ଷତିକୁ ସେ ଭରଣା କରିଥିଲେ ବିଶ୍ୱକପ୍ ଭଳି ଅନ୍ୟ ଏକ



ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ବିଜୟୀ ହୋଇ । ୧୯୮୧ରେ ମାଲେସିଆର ରାଜଧାନୀ କୁଆଲାଲମ୍ପୁରରେ ଅନୁଷ୍ଠିତ ତୃତୀୟ ବିଶ୍ୱକପ ପ୍ରତିଯୋଗିତାରେ ପ୍ରକାଶ ବିଶ୍ୱର ନାମିଦାମୀ ଖେଳାଳିଙ୍କୁ ପଛରେ ପକାଇ ଚାମ୍ପିଆନ ହେବା ସହିତ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ । ଫାଇନାଲରେ ସେ ପରାସ୍ତ କରିଥିଲେ ଚୀନର ହାନ୍ ଜିଆନ୍‌ଙ୍କୁ । ସେହିବର୍ଷ ଇଣ୍ଡିଆନ ଓପନ୍‌ର ଫାଇନାଲରେ ମଧ୍ୟ ହାନ୍‌ଙ୍କ ବିରୁଦ୍ଧରେ ତାଙ୍କର ବିଜୟ ଥିଲା ବେଶ୍ ଉଲ୍ଲେଖନୀୟ ।

ଭାରତରେ ତାଙ୍କ ସମକକ୍ଷ ଅଭ୍ୟାସ ସାଥୀ ନଥିବାରୁ ୧୯୮୨ରୁ ପ୍ରକାଶ ଯାଇ ଡେନ୍‌ମାର୍କର ରାଜଧାନୀ କୋପେନ୍‌ହେଗେନ୍‌ରେ ଅବସ୍ଥାନ କଲେ । ୧୯୮୨ର ଡଚ୍ ଓପନ୍‌ରେ ଚାମ୍ପିଆନ୍ ହେବା ବ୍ୟତୀତ ଡେନ୍‌ମାର୍କ ଓପନ୍ ଓ ସ୍କାଣ୍ଡିନେଭିଆନ ଓପନ୍‌ରେ ସେ ରନର୍ସ ଅପ୍ ହେଲେ । ସେହିଭଳି ୧୯୮୩ରେ ଚାଇନିଜ୍ ତାଇପେ, ଜାପାନ, ସ୍କାଣ୍ଡିନେଭିଆନ ଓ ଇଣ୍ଡିଆନ ଓପନ୍‌ରେ ମଧ୍ୟ ପ୍ରକାଶଙ୍କୁ ଉପବିଜେତା ଭାବେ ସନ୍ତୁଷ୍ଟ ରହିବାକୁ ପଡ଼ିଲା । ୧୯୮୩ରେ କୋଲକାତାରେ ଅନୁଷ୍ଠିତ ଏସୀୟ ଚାମ୍ପିଆନଶିପ୍‌ରେ ରୌପ୍ୟ ପଦକ ତଥା କୋପେନ୍‌ହେଗେନ୍‌ରେ ଅନୁଷ୍ଠିତ ବିଶ୍ୱ ଚାମ୍ପିଆନଶିପ୍‌ରେ ବ୍ରୋଞ୍ଜ ପଦକ ହାସଲ କରିବା ଥିଲା ତାଙ୍କର ଅନ୍ୟତମ ସଫଳତା । ପରବର୍ତ୍ତୀ ସମୟରେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବ୍ୟାଡମିଣ୍ଟନ ଖେଳାଳି ଭାବେ ପ୍ରକାଶଙ୍କ କ୍ୟାରିୟର ଅଧିକ ଦିନ ପର୍ଯ୍ୟନ୍ତ ଜାରି ରହିପାରିଲାନାହିଁ । ଡେନମାର୍କର ମୋର୍ଟେନ ଫ୍ରଷ୍ଟ, ଚୀନର ହାନ୍ ଜିଆନ, ଲୁଆନ୍ ଜିନ୍ ଓ ୟାଙ୍ଗ୍ ୟାଙ୍ଗ୍, ଇଣ୍ଡୋନେସିଆର ଇଚୁକ୍ ସୁଗିୟାର୍ଟୋ, ଲିଏମ୍ ସୁଇ କିଙ୍ଗ୍ ଆଦିଙ୍କଠାରୁ କ୍ରମାଗତ ଭାବେ ପଛରେ ପଡ଼ିବାକୁ ଲାଗିଲେ । ତଥାପି ଆନ୍ତର୍ଜାତିକ ପ୍ରତିଯୋଗିତାମାନଙ୍କରେ ସେ ନିଜର ଖେଳ ୧୯୯୧ ପର୍ଯ୍ୟନ୍ତ ଜାରି ରଖିଥିଲେ ।

ଖେଳାଳି ଭାବେ ଅବସର ଗ୍ରହଣ କରିବା ପରେ ମଧ୍ୟ ବ୍ୟାଡମିଣ୍ଟନ ସହିତ ପ୍ରକାଶ ପାଦୁକୋଣଙ୍କ ସଂପର୍କ ଅବ୍ୟାହତ ରହିଥିଲା । ୧୯୯୩ରୁ ୧୯୯୬ ପର୍ଯ୍ୟନ୍ତ ସେ ଥିଲେ ଭାରତୀୟ ଦଳର ପ୍ରଶିକ୍ଷକ । ଏଥି ସହିତ କିଛିଦିନ ସକାଶେ ସେ ବ୍ୟାଡମିଣ୍ଟନ୍ ଆସୋସିଏସନ୍ ଅଫ୍ ଇଣ୍ଡିଆର ଚେୟାରମ୍ୟାନ୍ ଭାବେ ମଧ୍ୟ କାର୍ଯ୍ୟଭାର ଗ୍ରହଣ କରିଥିଲେ । ବାଙ୍ଗାଲୋରରେ ତାଙ୍କ ଦ୍ୱାରା ଏକ ବ୍ୟାଡମିଣ୍ଟନ ଏକାଡେମୀ ମଧ୍ୟ ସ୍ଥାପିତ ହୋଇଥିଲା । କ୍ରୀଡ଼ା ପ୍ରତି ନିଜର ଅବଦାନ ପାଇଁ ୧୯୭୨ରେ ତାଙ୍କୁ ଅର୍ଜୁନ ପୁରସ୍କାର ମିଳିଥିବା ବେଳେ ୧୯୮୨ରେ ଭାରତ ସରକାରଙ୍କ ଦ୍ୱାରା ସେ ପଦ୍ମଶ୍ରୀ ସମ୍ମାନରେ ଭୂଷିତ ହୋଇଥିଲେ । ସେହିଭଳି ୨୦୧୮ରେ ନିଜର ଜୀବନବ୍ୟାପି ସାଧନା ପାଇଁ ଭାରତୀୟ ବ୍ୟାଡମିଣ୍ଟନ ସଂଘ ପକ୍ଷରୁ ତାଙ୍କୁ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ପୁରସ୍କାର ମିଳିଥିଲା । ଆଉ ଏବେ ବର୍ଷ ୨୦୨୧ରେ ବିଶ୍ୱ ବ୍ୟାଡମିଣ୍ଟନ ଫେଡେରେସନ୍ ପକ୍ଷରୁ ମଧ୍ୟ ପ୍ରକାଶ ପାଦୁକୋଣଙ୍କୁ ଲାଇଫ୍‌ଟାଇମ୍ ଆଚିଭମେଣ୍ଟଆୱାର୍ଡ ମିଳିଛି, ଯାହାକି ଭାରତର ଅଗଣିତ କ୍ରୀଡ଼ାପ୍ରେମୀଙ୍କ ନିମନ୍ତେ ଗର୍ବ ଓ ଗୌରବର ବିଷୟ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପ୍ରକାଶଙ୍କ ଜ୍ୟେଷ୍ଠା କନ୍ୟା ଦୀପିକା ବଲିଉଡର ପ୍ରସିଦ୍ଧ ଅଭିନେତ୍ରୀ ହୋଇଥିବା ବେଳେ କନିଷ୍ଠା କନ୍ୟା ଅନିଶା ହେଉଛନ୍ତି ଜଣେ ଗଲ୍ଫ ଖେଳାଳି ।

ମୋ-୯୪୩୭୬୨୭୫୧୪

## କବିତା



**ଆଶାମଣି ବେହେରା**

ଭଜମନ ମହାଶୂନ୍ୟ ପୂର୍ଣ୍ଣବ୍ରହ୍ମଙ୍କୁ
ନିରାକାର ନିରଞ୍ଜନ ଆଦି ନାମକୁ । ॥୦॥
ଅଭୟପୁର ମଣ୍ଡଳ ଅରୂପାନନ୍ଦ ଚରଣ
କରି ଧ୍ୟାନ କର ପୂର୍ଣ୍ଣ ମନସ୍କାମକୁ । ॥୧॥
ଅମଡ଼ା ଅପୋଡ଼ା ଭୂଇଁ ସୂର୍ଯ୍ୟ ଚନ୍ଦ୍ର ତେଜ ନାହିଁ
ଯିବୁ ପାଇ ଚେତା ଥାଇ ଦିବ୍ୟଧାମକୁ । ॥୨॥
ଡାକ ଅନାମ ଅଲେଖ ଧର ଅବଧୂତ ଭେକ
ଛାଡ ଟେକ ପାଖେ ରଖ ସତ୍ୟ ପ୍ରେମକୁ । ॥୩॥
ବିଷୟା ବିଷ ବରଜି ନିର୍ବେଦ ଦୀକ୍ଷାରେ ମଜ୍ଜି
ଅନାଦି ପୁରୁଷ ଭଜି ଯା ଅଗମ୍ୟକୁ । ॥୪॥
ଧନପଣ ମୋହମାୟା ତୋତେ କରିଦେବ କାୟା
କରି ଦୂର ସାର୍ଥ କର ନର ଜନ୍ମକୁ । ॥୫॥
କାମନା କଳ୍ପନା କାଟି ଗଲେ ନିଷ୍କାମ ମାର୍ଗେଟି
ଆଶାମଣି କହେ ଭେଟ ଶୂନ୍ୟ ବ୍ରହ୍ମଙ୍କୁ । ॥୬॥

ଗ୍ରା/ପୋ - ବନମାଳୀପୁର,
ଭାୟା - ବଡ଼ମ୍ବା, ଜିଲ୍ଲା - କଟକ
ମୋ - ୭୩୮୧୯୩୯୪୭୯



ଅଭିମାନ ମନୁଷ୍ୟର ସବୁଠାରୁ ବଡ଼ ଶତ୍ରୁ । ଯାହା ଅନ୍ତରରେ ଅଭିମାନ ଥାଏ, ତା'ର ସଦ୍‌ଗୁଣରୂପୀ ଧନ ନଷ୍ଟ ହୋଇଯାଏ ।

# ସମ୍ବାଦ ବିଚିତ୍ରା

୧. ଜାତୀୟ ବହୁବିଧ ଦାରିଦ୍ର୍ୟ ସୂଚକାଙ୍କରେ ଓଡ଼ିଶାର ୨୯.୩୫% ଜନତା ବିଭିନ୍ନ କ୍ଷେତ୍ରରେ ଦାରିଦ୍ର୍ୟ ତାଡ଼ନାରେ ଶରବ୍ୟ ହେଉଥିବା ରିପୋର୍ଟରେ ଦର୍ଶାଯାଇଥିବାବେଳେ - ଓଡ଼ିଶା ଦେଶର ୯ ତମ ସ୍ଥାନରେ ରହିଛି।

୨. ରାଜ୍ୟରେ ଉପରୋକ୍ତ ରିପୋର୍ଟ ଅନୁସାରେ ୩୭.୨୬% ଜନତା ସୁଷମ ଆହାର ପାଉନଥିବାବେଳେ ରାଜ୍ୟରେ ଶିଶୁ ଓ କିଶୋର ମୃତ୍ୟୁହାର ଶତକଡ଼ା ୨୦୩ ରହିଛି।

୩. ଆସନ୍ତା ଡିସେମ୍ବର ୧ ତାରିଖରୁ ବିଧାନସଭା ଶୀତକାଳୀନ ଅଧିବେଶନ ଆରମ୍ଭ ହେବ।

୪. ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଜାତୀୟ ପରିବାର ଓ ସ୍ୱାସ୍ଥ୍ୟ ସର୍ଭେକ୍ଷଣ ରିପୋର୍ଟ ଅନୁସାରେ ଭାରତରେ ବର୍ତ୍ତମାନ ପ୍ରତି ୧୦୦୦ ପୁରୁଷରେ ୧୦୨୦ ମହିଳା ଅଛନ୍ତି।

୫. ଦେଶର ସମସ୍ତ ରେଳଷ୍ଟେସନରେ ସ୍ୱାରେଜ୍ ଟ୍ରମେଣ୍ଟ ପ୍ଲାଣ୍ଟ ବ୍ୟବସ୍ଥା କରିବାପାଇଁ ଭାରତୀୟ ରେଳ ବୋର୍ଡ଼କୁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି।

୬. ଗୋଷ୍ଠୀ ପାକଶାଳା ଖାଦ୍ୟ ପ୍ରସ୍ତୁତ କରିବାପାଇଁ ୮ଟି ରାଜ୍ୟର ଖାଦ୍ୟସଚିବମାନଙ୍କୁ ନେଇ କେନ୍ଦ୍ର ସରକାର ଏକ ପ୍ୟାନେଲ ଗଠନ କରିଛନ୍ତି - ଯେଉଁଥିରେ ଓଡ଼ିଶା ମଧ୍ୟ ସ୍ଥାନପାଇଛି।

୭. ଭାରତୀୟ ନୌସେନାରେ ସ୍କରପିନ୍ ଶ୍ରେଣୀର ୪ର୍ଥ ଲଢୁଆ ବୁଡ଼ାଜାହାଜ ଆଇ.ଏନ୍.ଏସ୍. "ଭେଲା" ସାମିଲ ହୋଇଛି।

୮. ବିଶ୍ୱର ପ୍ରସିଦ୍ଧ "ରୋଲସ୍ ରୟେସ୍" ସବୁଠାରୁ ଦ୍ରୁତ ଉଡୁଥିବା ଉଡ଼ାଜାହାଜ ଇଲେକ୍ଟ୍ରିକ ଉଡ଼ାଜାହାଜ ନିର୍ମାଣ କରିଛି ଯାହା ଘଣ୍ଟାପ୍ରତି ୬୨୩ କି.ମି ବେଗରେ ଉଡ଼ିପାରିବ।

୯. ରାଜଧାନୀ ଦିଲ୍ଲୀ ମେଟ୍ରୋରେ ୫୯ କି.ମି ବ୍ୟାପି ପିଙ୍କ୍ ଲାଇନ୍ ଉପରେ ବିନା ଡ୍ରାଇଭରରେ ଟ୍ରେନ ଚଳାଚଳ ଆରମ୍ଭ ହେଲା।

୧୦. ଏସିଆର ସର୍ବବୃହତ ଅନ୍ତରାଷ୍ଟ୍ରୀୟ ବିମାନବନ୍ଦରକୁ ଉତ୍ତରପ୍ରଦେଶର ଗୌତମବୁଦ୍ଧ ନଗରର କେଫ୍ୱର୍‌ରେ ନଇଡ଼ା ଅନ୍ତରାଷ୍ଟ୍ରୀୟ ବିମାନବନ୍ଦର ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି।

୧୧. ଆମେରିକାର ରାଷ୍ଟ୍ରପତି ଜୋ.ବାଇଡ଼େନ୍ ଡିସେମ୍ବର ମାସରେ ଗଣତନ୍ତ୍ର ଉପରେ ଏକ ଆଲୋଚନା କରିବାପାଇଁ ଭରଚୁଆଲ୍ ବୈଠକରେ ୧୧୦ଟି ରାଷ୍ଟ୍ରକୁ ଆମନ୍ତ୍ରଣ କରିଛନ୍ତି।

୧୨. ଭାରତ ବାୟୋଟେକ୍ ଓ ଆଇ.ସି.ଏମ୍.ଆର୍ ଦ୍ୱାରା ପ୍ରସ୍ତୁତ ସ୍ୱଦେଶୀ କୋଭିଡ୍ ଟୀକା ୫୦% ଭଲ ବୋଲି ଦିଲ୍ଲୀର ଦୁଇଟି ହସ୍‌ପିଟାଲ୍‌ରେ ହୋଇଥିବା ବାସ୍ତବ ଅନୁଧ୍ୟାନ ରିପୋର୍ଟରୁ ଜଣାପଡ଼ିଛି।

୧୩. ଇ.ଶ୍ରମ ପୋର୍ଟାଲରେ ଅଗଷ୍ଟ ୨୩ ରୁ ନଭେମ୍ବର ୨୫ ପର୍ଯ୍ୟନ୍ତ ଶ୍ରମିକମାନଙ୍କର ପଞ୍ଜିକରଣ ମୋଟ୍ ୧ କୋଟି, ୨୦ ଲକ୍ଷ, ୩୦୦ ହଜାର, ୪୬୭ ବୋଲି ଜଣାପଡ଼ିଛି।

୧୪. ପାକିସ୍ଥାନରେ ଋଣ ବୋଝ ବଢ଼ିବଢ଼ି ଚାଲିଛି। ମୋଟ୍ ଋଣ ଓ ଅନ୍ୟାନ୍ୟ ଦେୟ ଏବେ ୫୦.୫ ଲକ୍ଷ କୋଟି ଟଙ୍କାକୁ ଟପିଗଲାଣି।

୧୫. "କ୍ରିପ୍ଟୋ କରେନ୍ସି" କୁ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ୍ ଚିଟ୍‌ଫଣ୍ଡ ସହିତ ତୁଳନା କରିଛନ୍ତି।

୧୬. ଓଡ଼ିଶାର ଚଉଦ୍ୱାରର ଇନ୍ଦ୍ରାଣୀପାଟଣା ଶିଳ୍ପାଂଚଳରେ ଦେଶର ସର୍ବବୃହତ୍ ଇଂଜିନିୟରିଂ କ୍ଲଷ୍ଟର ସ୍ଥାପନା କରାଯିବ।

୧୭. ଭୁବନେଶ୍ୱର ୟୁନିଟ୍ - ୫ ସ୍ଥିତ କେଶରୀନଗରରେ ନବନିର୍ମିତ ଅଡ଼ିଟ୍‌ଭବନକୁ ସି.ଏ.ଜି. ଗିରିଶ ଚନ୍ଦ୍ର ମୁର୍ମୁ ଉଦ୍‌ଘାଟନ କରିଛନ୍ତି।

୧୮. ପେନ୍‌ସନ୍ ହୋଲ୍‌ଡ଼ର୍‌ମାନଙ୍କର ବ୍ୟାଙ୍କରେ (ସ୍ୱାମୀ ସ୍ତ୍ରୀ) ଙ୍କର ଯୁଗ୍ମ ଆକାଉଣ୍ଟ ଖୋଲିବା ଅନିର୍ବାଯ୍ୟ ନୁହେଁ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି।

୧୯. କେନ୍ଦ୍ର ସରକାରଙ୍କପକ୍ଷରୁ କେତେକ "ଫିନିସ୍‌ଡ୍ ଗୁଡ୍‌ସ" ଉପରେ ଟିକସ ବୃଦ୍ଧି କରବାକୁ ନିଷ୍ପତ୍ତି ହୋଇଥିବାବେଳେ, ବୟନ ଶିଳ୍ପ ସାମଗ୍ରୀ, ପୋଷାକ ଏବଂ ଜୋତା ଚପଲ ଆଦି ଉପରେ ଜି.ଏସ୍.ଟି ବୃଦ୍ଧି କରାଯିବ ବୋଲି କେନ୍ଦ୍ର ସରକାର ଘୋଷଣା କରିଛନ୍ତି।

୨୦. ୨୦୨୦ ସେପ୍ଟେମ୍ବର ୨୭ ତାରିଖରେ ତିନୋଟି କୃଷି ବିଲ୍‌କୁ ରାଷ୍ଟ୍ରପତି ସ୍ୱୀକୃତି ଦେଇଥିଲେ ମାତ୍ର ୧ବର୍ଷ ଧରି କୃଷକଙ୍କ ଆନ୍ଦୋଳନ ପରେ ଲୋକସଭା ଏବଂ ରାଜ୍ୟସଭାରେ ଉକ୍ତ ବିଲ୍‌ଟି ପ୍ରତ୍ୟାହାର କରାଯାଇଛି।

୨୧. ଦେଶରେ ଯେତେ ସଡ଼କ ଦୁର୍ଘଟଣା ଘଟୁଛି ସେଥିରୁ ୪୦% ଦୁର୍ଘଟଣା ପଛପଟୁ ଧକ୍କା ହେବା ଫଳରେ ଘଟିଛି।

୨୨. ରାମାୟଣରେ ବର୍ଣ୍ଣିତ ପୁଷ୍ପକ ବିମାନ ଉପରେ ଗବେଷଣା କରିବାପାଇଁ ୨୦୧୯ ମସିହାରେ ଶ୍ରୀଲଙ୍କା ସରକାର ୫୦ ଲକ୍ଷ ଟଙ୍କା ମଂଜୁର କରିଥିଲେ। ୨୦୨୨ ମସିହା ପ୍ରାରମ୍ଭରୁ ଏହା ଉପରେ ଗୁରୁତ୍ୱ ଦିଆଯିବ।

୨୩. ଭାରତୀୟ ରେଳବିଭାଗ ମଣିପୁରରେ ବିଶ୍ୱର ସବୁଠାରୁ ଉଚ୍ଚ ବ୍ରିଜ୍ ନିର୍ମାଣ କରୁଛି। ଏହା ୧୧୧ କି.ମି ଲମ୍ବ କେରୀ ବାମ - ଇମ୍ଫାଲ ରେଳ ପରିଯୋଜନାରେ ଅଂଶବିଶେଷ ।

୨୪. ଡିସେମ୍ବର ୧ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ବିଧାନସଭାରେ ଶୀତକାଳୀନ ଅଧିବେଶନ ଚାଲିବ ।

୨୫. ଫୋବର୍ସ ଇଣ୍ଡିଆ ମହିଳାଶକ୍ତି ୨୦୨୧ ତାଲିକାରେ ସୁନ୍ଦରଗଡ ଜିଲ୍ଲାର ଆଶାକର୍ମୀ ମାର୍ଟିଲାଡ୍ କୁଲୁ ସ୍ଥାନ ପାଇଛନ୍ତି। ସେ ୧୫ବର୍ଷ ଧରି ସୁନ୍ଦରଗଡ଼ ଗରଗଦ୍‌ବାହାଲ ଗ୍ରାମରେ କାର୍ଯ୍ୟ କରୁଛନ୍ତି।

୨୬. ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାକୁ କେନ୍ଦ୍ର ସରକାର ମାର୍ଚ୍ଚ ୨୨ ମସିହା ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।

୨୭. ପାର୍ଲାମେଣ୍ଟର ଶୀତକାଳୀନ ଅଧିବେଶନରେ ୩୬ଟି ବିଲ୍ ଆଗତ କରାଯିବ।

୨୮. ଶୀତକାଳୀନ ଅଧିବେଶନ ପାଇଁ ୧୨ଜଣ ବିରୋଧି ସାଂସଦଙ୍କୁ ବିଶୃଙ୍ଖଳିତ ବ୍ୟବହାର ଯୋଗୁ ବହିଷ୍କାର କରାଯାଇଛି।



ଯେଉଁ ଲୋକ କାମ ନକରେ, ଭଗବାନ ତାକୁ ସାହାଯ୍ୟ କରନ୍ତିନାହିଁ।

# ସାଧାରଣ ଜ୍ଞାନ

## (1) ABBREVIATION

1. NSE - National Stock Exchange.
2. CMIE - Centre for Monitoring Indian Economy.
3. GII - Global Innovation Indox.
4. FSDC - Financial Stability and Development Council.
5. EXIM Bank - Export - Import Bank of India.
6. ADL - Adani Transmission Limited.
7. NHPC - National Hydroelectric Power Corporation.
8. SCO - Sanghai Corporation Organisation.
9. TTD - Tirumala Tirupati Devastanm.
10. UNSC - United Nations Security Council.

## (୨) ପୁସ୍ତକ ଓ ଲେଖକ

୧. Sunrise Over Ayodhya Nationhood - Salman Khurshid.
୨. ଆପ୍‌କା ବଣ୍ଟି - ମନୁଭଣ୍ଡାରୀ
୩. ଲାଲ ସଲାମ୍ - ସ୍ମୃତି ଇରାନୀ
୪. Ten Flash points twenty lowers - Manish Tiwari
୫. Contours of My Life - Prof. Priyambada Mohanty Hejmadi
୬. ଛ' ମାଣ ଆଠଗୁଣ୍ଠ - ଫକୀର ମୋହନ ସେନାପତି
୭. କଣାମାମୁ - ଲକ୍ଷ୍ମୀକାନ୍ତ ମହାପାତ୍ର
୮. ସ୍ୱର୍ଗରେ ଏର୍ମଜେନ୍ସି - ହରେକୃଷ୍ଣ ମହତାବ
୯. ପଦ୍ମମାଳି - ଉମେଶ ଚନ୍ଦ୍ର ସରକାର
୧୦. କୋଣାର୍କ - ପଣ୍ଡିତ ନୀଳକଣ୍ଠ ଦାସ

## (୩) ଦେହାନ୍ତ

| ନାମ | ପରିଚୟ | ବୟସ |
|---|---|---|
| ୧. ମନୁଭଣ୍ଡାରୀ | - ହିନ୍ଦୀ ସାହିତ୍ୟର ପ୍ରସିଦ୍ଧ ଲେଖକ | - ୯୦ ବର୍ଷ |
| ୨. ପ୍ରଫେସର ତ୍ରିଲୋଚନ ପ୍ରଧାନ | - ପଦ୍ମଭୂଷଣ, ପୂର୍ବତନ କୁଳପତି | - ୯୩ ବର୍ଷ |
| ୩. ବିନୋଦ ଦୁଆ | - ପଦ୍ମଶ୍ରୀ, କିମ୍ବଦନ୍ତୀ ସାମ୍ବାଦିକ | - ୬୭ ବର୍ଷ |
| ୪. କେ. ରୋଷେୟା | - ପୂର୍ବତନ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ | - ୮୮ ବର୍ଷ |
| ୫. ନନ୍ଦ କିଶୋର ପୃଷ୍ଟି | - ପଦ୍ମଶ୍ରୀ ନନ୍ଦ ମାଷ୍ଟ୍ରେ | - ୧୦୪ ବର୍ଷ |
| ୬. ବିପିନ୍ ରାୱତ୍ | - ଭାରତର ପ୍ରଥମ ଚିଫ୍ ଡିଫେନ୍ସ ଷ୍ଟାଫ୍ | - ୬୨ ବର୍ଷ |

## (୪) ପୁରସ୍କାର

୧. ପ୍ରଶାନ୍ତ ପଟ୍ଟନାୟକ - ସାମ୍ବାଦିକ ରତ୍ନ, ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼

୨. ପଦ୍ମଶ୍ରୀ ରମାକାନ୍ତ ରଥ - କବି ସମ୍ରାଟ ଉପେନ୍ଦ୍ରଭଂଜ ଜାତୀୟ ପୁରସ୍କାର

୩. ବାୟୁସେନା ୱିଂଫ୍ କମାଣ୍ଡର୍ ଅଭିନନ୍ଦନ - ବୀରଚକ୍ର

୪. ନାଏବ୍ ସୁବେଦାର ଶହୀଦ ନନ୍ଦୁରାମ ସୋରେନ୍ - ବୀରଚକ୍ର

### (୫) ରାଜ୍ୟ

| | |
|---|---|
| ୧. ରାଜ୍ୟର ନାମ | - କେରଳ |
| ୨. ରାଜ୍ୟପାଳ | - ଅରିଫ ମହମ୍ମଦ ଖାନ |
| ୩. ମୁଖ୍ୟମନ୍ତ୍ରୀ | - ପିନାରାୟି ବିଜୟନ୍ |
| ୪. ଗଠନ | - ୧ ନଭେମ୍ବର ୧୯୫୬ |
| ୫. କ୍ଷେତ୍ରଫଳ | - ୩୮,୮୬୩ ବର୍ଗ କି.ମି |
| ୬. ରାଜଧାନୀ | - ଥିରୁଅନନ୍ତପୁରମ୍ |
| ୭. ଲୋକସଭା ସଭ୍ୟ ସଂଖ୍ୟା | - ୨୦ |
| ୮. ରାଜ୍ୟସଭା ସଭ୍ୟ ସଂଖ୍ୟା | - ୯ |
| ୯. ବିଧାନ ସଭା ସଭ୍ୟସଂଖ୍ୟା | - ୧୪୦ |
| ୧୦.ବିଧାନ ପରିଷଦ | - ୦୦ |
| ୧୧.ମୁଖ୍ୟ ଭାଷା | ମାଲାୟାଲାମ |
| ୧୨. ଜନସଂଖ୍ୟା | ସମୁଦାୟ- ୩୩,୩୮୭,୬୭୭(୨୦୧୧) |
| | ପୁରୁଷ - ୧୬,୦୨୧,୨୯୦ |
| | ମହିଳା - ୧୭,୩୬୬,୩୮୭ |
| ୧୩.ଜନସଂଖ୍ୟା ବୃଦ୍ଧିହାର | - ୪.୮୬% |
| ୧୪.ଜନସଂଖ୍ୟା ଘନତ୍ୱ | - ୮୫୯/ବର୍ଗ କି.ମି |
| ୧୫.ଶିଶୁ ଲିଙ୍ଗ ଅନୁପାତ | - ୯୫୯ଝିଅ ୧୦୦୦ ପୁଅ |
| ୧୬. ଲିଙ୍ଗ ଅନୁପାତ | - ୧୦୮୪ମହିଳା ୧୦୦୦ ପୁରୁଷରେ |
| ୧୭. ସାକ୍ଷରତା ହାର | - ୨୮,୨୩୪,୨୨୭% |
| ପୁରୁଷ- ୯୬.୦୨% | ମହିଳା- ୯୧.୯୮% |
| ୧୮. ଜିଲ୍ଲା | - ୧୪ |
| ୧୯. ଗ୍ରାମ | - ୧,୩୬୪ |
| ୨୦.ସହର | - ୧୫୯ |
| ୨୧.ଜଙ୍ଗଲ ଜମି | - ୧୭,୩୨୪ ବର୍ଗ କି.ମି. |
| ୨୨.ପର୍ଯ୍ୟଟନ ସ୍ଥଳୀ | - ଥିରୁଅନନ୍ତପୁରମ, ଶ୍ରୀ ପଦ୍ମନାଭସ୍ୱାମୀ ମନ୍ଦିର, |

ଭେଲି ଟୁରିଷ୍ଟ ପାର୍କ, ପୋନମୁଡ଼ି, କୋଭାଲାମ, ପୁଲିକୁଣ୍ଟି,ଚୱାରା, ସମୁଦ୍ର ଓ ହ୍ରଦ।

### (୬) ନିଯୁକ୍ତି

୧. ସତ୍ୟନାରାୟଣ ପ୍ରଧାନ - ମହାନିର୍ଦ୍ଦେଶକ ନାର୍‌କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ
୨. ସିଲ୍ ବର୍ଦ୍ଧନ ସିଂ - ମହାନିର୍ଦ୍ଦେଶକ, ସି.ଆଇ.ଏସ୍.ଏଫ୍
୩. ସୋମ୍ବି ସାର୍ପ - ଆବସିକ ସଂଯୋଜକ ଜାତିସଂଘ
୪. ପରାଗ ଅଗ୍ରୱାଲ - ସି.ଇ.ଓ. ଟ୍ୱିଟର

### (୭)ଯୋଜନା

୧. ସୁକୁନ୍ - ମେଣ୍ଟାଲ୍ ହେଲ୍‌ଥ ହେଲ୍‌ପ ଲାଇନ୍ - ଜାମ୍ମୁକାଶ୍ମୀର ସରକାର
୨. ରେଳକୌଶଳ ବିକାଶ ଯୋଜନା - ଭାରତୀୟ ରେଳବାଇ
୩. ଗୋ ଟୁ ହିଲ୍‌ସ ୨.୦ - ବିକାଶ ଯୋଜନାକୁ ଘରେ ଘରେ ପହଞ୍ଚାଇବା, ମଣିପୁର ସରକାର
୪. ସମଗ୍ର ଶିକ୍ଷା ଯୋଜନା - ବିଦ୍ୟାଳୟ ଶିକ୍ଷା, କେନ୍ଦ୍ର ସରକାର
୫. ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା - ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ, ଓଡ଼ିଶା ସରକାର



ଯେଉଁଲୋକ ସର୍ବଦା କର୍ମରତ, ଦୁଃଖ କରିବାପାଇଁ ସେ ସମୟ ବା କେଉଁଠୁ ପାଇବ ?

## (୮) ଓଡ଼ିଶା

୧. ଓଡ଼ିଶାରେ କେତେ ସୁଦ୍ଧା ସ୍କୁଲ ଛାତ୍ରଛାତ୍ରୀଙ୍କର ଆଧାର ଲିଙ୍କ୍ ବାଧ୍ୟତାମୂଳକ କରାଯାଇଛି ?

(କ) ମାର୍ଚ୍ଚ ୨୦୨୨ (ଖ) ଅପ୍ରେଲ ୨୦୨୨

(ଗ) ମଇ ୨୦୨୨ (ଘ) ଜୁନ୍ ୨୦୨୨

୨. ଡିସେମ୍ବର ପ୍ରଥମ ସପ୍ତାହରେ କାହାର ପ୍ରଭାବରେ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ହୋଇ ଧାନ ଫସଲ ନଷ୍ଟ ହୋଇଯାଇଛି ?

(କ) ଫନି(ଖ) ଜାୱାଦ (ଗ) ଫାଇଲିନ (ଘ) ତିତିଲି

୩. କରୋନାର ନୂଆ ଭାରିଆଣ୍ଟ କାହାର ଭୟରେ ଓଡ଼ିଶାର ଶିକ୍ଷାନୁଷ୍ଠାନ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି ?

(କ) ଓମିକ୍ରନ(ଖ) ଡ଼େଲ୍ଟା (ଗ) ଆଲ୍‌ଫା (ଘ) ବିଟା

୪. ଓଡ଼ିଶାର କେଉଁଠାରେ ଋଳିଶି ମେଗାୱାଟ କ୍ଷମତା ସଂପନ୍ନ ଏକ ଭାସମାନ ସୌରଶକ୍ତି ପ୍ରକଳ୍ପ ପ୍ରତିଷ୍ଠା କରାଯିବ ?

(କ) ବିରୂପା ଡ୍ୟାମ୍ (ଖ) ହୀରାକୁଦ ଡ୍ୟାମ୍

(ଗ) ନରାଜ ଡ୍ୟାମ୍ (ଘ) ଝୁମୁକା ଡ୍ୟାମ୍

୫. ଓଡ଼ିଶା ରାଜ୍ୟ ଶୀତ ଅଧିବେଶନରେ ମୋଟ୍ କେତୋଟି କାର୍ଯ୍ୟ ଦିବସ ରହିଛି ?

(କ) ୨୩ଟି(ଖ) ୨୪ଟି(ଗ) ୨୫ଟି (ଘ) ୨୬ଟି

୬. ମାୟାନଗରୀ ମୁମ୍ବାଇରେ କେଉଁ ଜିଲ୍ଲାର ଝିଅ ସ୍ୱପ୍ନା ପ୍ରିୟଦର୍ଶିନୀ "ସୁପର୍ ମଡ଼େଲ ଅଫ୍ ଦି ଇଅର ସିଜିନ୍ - ୨" ରେ ତୃତୀୟ ସ୍ଥାନ ଅଧିକାର କରିଛି ?

(କ) କଟକ(ଖ) ପୁରୀ (ଗ) ଖୋର୍ଦ୍ଧା (ଘ) ଢ଼େଙ୍କାନାଳ

୭. ଶ୍ରୀମନ୍ଦିର ଯାତ୍ରୀ ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ କିଏ କରିଥିଲେ ?

(କ) ମୁଖ୍ୟମନ୍ତ୍ରୀ(ଖ) ରାଜ୍ୟପାଳ (ଗ) ଗଜପତି(ଘ)ଶ୍ରୀମନ୍ଦିର ପ୍ରଶାସକ

୮. ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବାପାଇଁ କେଉଁ ଜିଲ୍ଲାରେ କୁଲିଂ ପ୍ଲାଣ୍ଟ ଖୋଲାଯିବ ବୋଲି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ?

(କ) କଟକ(ଖ) କଳାହାଣ୍ଡି (ଗ) ବୌଦ୍ଧ(ଘ) ମାଲକାନଗିରି

୯. ଓଡ଼ିଶାର ଚୌଦ୍ୱାରର କେଉଁ ଶିଳ୍ପାଞ୍ଚଳରେ ଦେଶର ସର୍ବବୃହତ୍ ଇଞ୍ଜିନିୟରିଂ କ୍ଲଷ୍ଟର ପୁଣି ସ୍ଥାପନ କରାଯିବ ?

(କ) ମଞ୍ଚେଶ୍ୱର(ଖ) ଶାଗୁଆ (ଗ) ଇନ୍ଦ୍ରାଣୀପାଟଣା(ଘ) ବରୁଣେଇ

୧୦. ଓଡ଼ିଶାରେ କେତୋଟି ନୂଆ ବିମାନ ବନ୍ଦର ସ୍ଥାପନ ହେବ ବୋଲି କେନ୍ଦ୍ର ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୂଚନା ଦେଇଛନ୍ତି ?

(କ) ୨ (ଖ) ୩ (ଗ) ୪ (ଘ) ୫

## (୯) ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. କେଉଁଟି ଅଲଗା ଅଟେ ?

(କ) ରେଡିଓ (ଖ)ଟେଲିଫୋନ (ଗ) କମ୍ପୁଟର(ଘ)ଏକ୍ସ.ରେ

୨. କେଉଁଟି ଅଲଗା ଅଟେ ?

A, I, P, V, A, E,?

(କ) E (ଖ) F (ଗ)G (ଘ) H

୩. ପୁସ୍ତକ : ପ୍ରକାଶକ : : ସିନେମା: .................

(କ) ପ୍ରଡ୍ୟୁସର (ଖ) ଡାଇରେକ୍ଟର(ଗ)ଏଡିଟର(ଘ) ରାଇଟର

୪. BAT କୁ ଯଦି CBU କୋଡ କରାଯାଏ RATକୁ କାହା ସହ କୋଡ କରାଯିବ ?

(କ) SBU (ଖ) QZS (ଗ) TCV (ଘ)SAT

୫. ପ୍ରଶ୍ନବାଚକ ଚିହ୍ନଟି କେତେ ?

୪,.୯,୨୫,?,୧୨୧.୧୬୯,୨୮୯.୩୬୧

(କ)୪୯(ଖ) ୬୪ (ଗ)୮୧ (ଘ)୮୭

୬. ପ୍ରତ୍ୟେକ ପ୍ରାଣୀର କ'ଣ ଅଛି ?

(କ)ପୁସଫୁସ୍ (ଖ) ଚର୍ମ (ଗ) ମସ୍ତିଷ୍କ (ଘ)ଜୀବନ


୭. ଖାଦ୍ୟରୁ ଖାଦକ କ୍ରମାନୁସାରେ ସଜାଇ ଲେଖ ?

(୧)ବେଙ୍ଗ (୨) ଚିଲ (୩)ଝିଣ୍ଟିକା (୪)ସାପ (୫)ଘାସ

(କ)୧୩୫୨୪(ଖ) ୩୪୨୫୧ (ଗ) ୫୩୧୪୨(ଘ)୫୩୪୨୧

୮. କେଉଁ ଭେନ ଚିତ୍ରଟି ନିମ୍ନଲିଖିତ ଗ୍ରୁପ ପାଇଁ ଠିକ ହେବ ?

ଘର, ଝରକା, କାନ୍ଥ




୯. 'ଜଣେ ଲୋକ ଦକ୍ଷିଣ ଦିଗକୁ ମୁହଁ କରି ଠିଆ ହୋଇଥିଲା । ସେ ବାମାବର୍ତ୍ତଭାବେ ୧୩୫° ବୁଲିଲା ଏବଂ ତାପରେ ଦକ୍ଷିଣାବର୍ତ୍ତଭାବେ ୧୮୦° ବୁଲିଲା। ବର୍ତ୍ତମାନ ସେ କେଉଁଦିଗକୁ ମୁହଁକରି ଠିଆ ହୋଇଛି ?

(କ) ଉତ୍ତର-ପୂର୍ବ (ଖ)ଉତ୍ତର-ପଶ୍ଚିମ

(ଗ) ଦକ୍ଷିଣ- ପଶ୍ଚିମ (ଘ) ଦକ୍ଷିଣ - ପୂର୍ବ

୧୦.ଶୂନ୍ୟସ୍ଥାନ ପୂରଣ କର ?

m_nm_n_an_ a_ ma

(କ)aamnam (ଖ)ammanm

(ଗ) aammnn (ଘ) amammn

**ଉତ୍ତର**

୧.(କ) ମାର୍ଚ୍ଚ ୨୦୨୨,୨.(ଖ) ଜୱାଦ ,୩.(କ) ଓମିକ୍ରନ,୪.(ଖ) ହୀରାକୁଦ ଡ୍ୟାମ୍,୫.(ଘ) ୨୬ଟି,୬.(ଘ)ଢ଼େଙ୍କାନାଳ,୭.(କ) ମୁଖ୍ୟମନ୍ତ୍ରୀ,୮.(ଗ) ବୌଦ୍ଧ,୯.(ଗ) ଇନ୍ଦ୍ରାଣୀପାଟଣା,୧୦. (ଖ) ୩।

**୧.(ଘ)ଏକ୍ସରେ ୨. (ଘ) ଏଚ୍ ୩.(କ) ପ୍ରଡ୍ୟୁସର ୪.(କ) SBU ୫.(କ)୪୯ ୬. (ଘ)ଜୀବନ ୭.(ଗ) ୫୩୧୪୨ ୮.(ଖ) ୯.(ଗ) ଦକ୍ଷିଣ- ପଶ୍ଚିମ ୧୦. (ଗ) aammnn**



ଯେଉଁମାନେ କେବଳ ପଇସା ପାଇଁ କାମକରନ୍ତି, ସେମାନେ କେବେହେଲେ କାମରୁ ସନ୍ତୋଷ ପାଆନ୍ତି ନାହିଁ।

## (୧୦) ଇତିହାସ

୧. ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ କେବେ ଆରମ୍ଭ ହୋଇଥିଲା ?
(କ) ୧୮୭୦(ଖ) ୧୮୮୫(ଗ) ୧୮୯୦ (ଘ) ୧୯୨୦

୨. ଉତ୍କଳଦୀପିକା ପତ୍ରିକାର ପ୍ରତିଷ୍ଠାତା ଓ ସଂପାଦକ କିଏ ?
(କ) ରାଧାନାଥ ରାୟ (ଖ) ଗୌରୀ ଶଙ୍କର ରାୟ
(ଗ) ମଧୁସୂଦନ ରାୟ (ଘ) ଗୋପାଳ ବଲ୍ଲଭ ଭଞ୍ଜ

୩. କେଉଁ ପ୍ରଦେଶରୁ ଭାରତ ସହିତ ଦେଶୀୟ ରାଜା ମିଶ୍ରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା ?
(କ) ମଧ୍ୟପ୍ରଦେଶ (ଖ) ଓଡ଼ିଶା (ଗ) ବିହାର (ଘ) ଗୁଜୁରାଟ

୪. ତୁର୍କୀର ସୁଲତାନଙ୍କୁ ସମର୍ଥନ ଜଣାଇ ଅଲ୍ଲୀଭ୍ରାତା କେଉଁ ଆନ୍ଦୋଳନ ଆରମ୍ଭ କରିଥିଲେ ?
(କ) ଚମ୍ପାରଣ ଆନ୍ଦୋଳନ (ଖ) ଖେଦା ଆନ୍ଦୋଳନ
(ଗ) ଖିଲାଫତ ଆନ୍ଦୋଳନ (ଘ)ଅସହଯୋଗ ଆନ୍ଦୋଳନ

୫. କେଉଁ ଦେଶ ସହ କଚ୍ଛତିଭୁ ପ୍ରସଙ୍ଗରେ ଭାରତର ବିବାଦ ଥିଲା ?
(କ) ବଙ୍ଗଳାଦେଶ(ଖ) ମିଆଁମାର(ଗ) ଶ୍ରୀଲଙ୍କା(ଘ) ପାକିସ୍ଥାନ

୬. କେଉଁ ରାଜ୍ୟଟି ଆଦୌ ବିଭାଜିତ ହୋଇନାହିଁ ?
(କ) ବିହାର (ଖ) ମଧ୍ୟପ୍ରଦେଶ
(ଗ) ରାଜସ୍ଥାନ (ଘ) ଉତ୍ତରପ୍ରଦେଶ

୭. କେଉଁ ଅନୁଷ୍ଠାନ "ସ୍ୱରାଜ ସମାଚାର" ପ୍ରକାଶ କରୁଥିଲା ?
(କ) ସ୍ୱରାଜ ସେବକ ସଂଘ (ଖ) ଅଲକା ଆଶ୍ରମ
(ଗ) ସ୍ୱରାଜ ଆଶ୍ରମ (ଘ) ସ୍ୱରାଜ ମନ୍ଦିର

୮. ଦକ୍ଷିଣଆଫ୍ରିକାରେ କେଉଁମାନଙ୍କୁ ନିର୍ବାଚନ କର ଦେବାକୁ ପଡୁଥିଲା ?
(କ) ଫରାସୀ (ଖ) ଭାରତୀୟ (ଗ) ପର୍ତ୍ତୁଗୀଜ (ଘ) ଡଚ୍

୯. କେଉଁଟି ନୂତନ ଓଡ଼ିଶା ପ୍ରଦେଶର ଜିଲ୍ଲା ନଥିଲା ?
(କ) ସମ୍ବଲପୁର (ଖ) ଗଞ୍ଜାମ (ଗ) ଅନୁଗୁଳ (ଘ) କୋରାପୁଟ

୧୦. ୧୯୩୬ ମସିହାରେ ଗଠିତ ଓଡ଼ିଶା ପ୍ରଦେଶରେ କେତୋଟି ଜିଲ୍ଲା ଥିଲା ?
(କ) ୭ଟି (ଖ) ୯ଟି
(ଗ) ୬ଟି (ଘ) ୮ଟି

## (୧୧) ବାଣିଜ୍ୟ

୧. ଓଡ଼ିଆ ଅଣସଂଗଠିତ ଶ୍ରମିକ ସୁରକ୍ଷା ବୋର୍ଡ଼ ଅଧିନରେ ପଂଜିକୃତ ହୋଇଥିବା କେଉଁମାନଙ୍କୁ ଏବେ ସାମାଜିକ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ଘୋଷଣା କରାଯାଇଛି ?
(କ) ସଂବାଦପତ୍ର ହକର (ଖ) ବୁଲା ବିକାଳି
(ଗ) ଉଠାଦୋକାନୀ (ଘ) ଦିନ ମଜୁରିଆ

୨. ପେନ୍ସନ୍‌ଭୋଗୀମାନଙ୍କର ବାର୍ଷିକ ଜୀବିତ ପ୍ରମାଣପତ୍ର ଅବଧିକୁ କେତେ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି ?
(କ) ନଭେମ୍ବର ୨୧ (ଖ) ଡିସେମ୍ବର ୩୧
(ଗ) ସେପ୍ଟେମ୍ବର ୨୨ (ଘ) ଅକ୍ଟୋବର ୨୧

୩. କେନ୍ଦ୍ର ସରକାରଙ୍କ ଦ୍ୱାରା ଗତବର୍ଷ ପ୍ରଣୟନ କରାଯାଇଥିବା କେତୋଟି କୃଷିଆଇନ୍ ପ୍ରତ୍ୟାହାର ପାଇଁ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ କରିଛନ୍ତି ?
(କ) ୨ଟି (ଖ) ୩ଟି (ଗ) ୪ଟି (ଘ) ୫ଟି

୪. ୨୦୨୧ ନଭେମ୍ବର ମାସରେ ଜି.ଏସ୍.ଟି. ରାଜସ୍ୱ ସଂଗ୍ରହ କେତେ ପ୍ରତିଶତ ବୃଦ୍ଧି କରାଯାଇଛି ?
(କ) ୪୦% (ଖ) ୫୦% (ଗ) ୬୪% (ଘ) ୭୦%

୫. ଜି.ଏସ୍.ଟି. କ୍ଷତିପୂରଣ ଆକାରରେ କେନ୍ଦ୍ର ସରକାର ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶମାନଙ୍କୁ ୩ ନଭେମ୍ବର, ୨୦୨୧ ରେ କେତେ କୋଟି ଟଙ୍କା ଦେବେ ବୋଲି ଜାରି କରିଛନ୍ତି ?
(କ) ୧୪ ହଜାର କୋଟି (ଖ) ୧୫ ହଜାର କୋଟି
(ଗ) ୧୬ ହଜାର କୋଟି (ଘ) ୧୭ ହଜାର କୋଟି

୬. ସରକାରୀ ତୈଳ କଂପାନୀଗୁଡ଼ିକ ୧୯ କି.ଗ୍ରା ବ୍ୟବସାୟିକ ସିଲିଣ୍ଡରର ମୂଲ୍ୟ କେତେ ଟଙ୍କା ବୃଦ୍ଧି କରିଛନ୍ତି ?
(କ) ୫୦ ଟଙ୍କା (ଖ) ୬୦ ଟଙ୍କା (ଗ) ୧୦୦ ଟଙ୍କା(ଘ) ୮୦ ଟଙ୍କା

୭. ଡାକବିଭାଗ ପିଲାଙ୍କ ନାମରେ କେତେ ବର୍ଷରୁ ଉର୍ଦ୍ଧ୍ୱ ମାସିକ ଆୟ ଯୋଜନାରେ ସର୍ବନିମ୍ନ ୧୦୦୦ ଟଙ୍କା ଏବଂ ସର୍ବାଧିକ ସାଢ଼େ ଚାରିଲକ୍ଷ ଟଙ୍କା ଜମା ହୋଇପାରିବ ବୋଲି ଘୋଷଣା କରିଛନ୍ତି ?
(କ) ୧୦ ବର୍ଷରୁ ଅଧିକ (ଖ) ୮ ବର୍ଷରୁ ଅଧିକ
(ଗ) ୫ ବର୍ଷରୁ ଅଧିକ (ଘ) ୬ ବର୍ଷରୁ ଅଧିକ

୮. ଗତ ୪ବର୍ଷ ମଧ୍ୟରେ ଇଉ.ପି.ଆଇ. (ଟଚଓ) କାରବାର ପ୍ରାୟ କେତେଗୁଣ ବୃଦ୍ଧି ପଂଜିକୃତ ହୋଇଛି ?
(କ) ୬୦ ଗୁଣ (ଖ) ୭୦ ଗୁଣ (ଗ) ୮୦ଗୁଣ(ଘ) ୯୦ ଗୁଣ

୯. ନଭେମ୍ବର ମାସରେ ଭାରତରେ ଦିନକୁ କେତେ ହଜାର କୋଟି ଟଙ୍କାର ଅନ୍‌ଲାଇନ୍ ପେମେଣ୍ଟ କରାଯାଇଛି ?
(କ) ୧୦ ହଜାର କୋଟି (ଖ) ୧୫ ହଜାର କୋଟି
(ଗ) ୨୫ ହଜାର କୋଟି (ଘ) ୩୦ ହଜାର କୋଟି

୧୦. କର୍ମଚାରୀ ଭବିଷ୍ୟ ନିଧି ପାଣ୍ଠି ସଂଗଠନର ଖାତା ସହିତ ମାଗଣାରେ କେତେ ଲକ୍ଷ ଟଙ୍କାର ଜୀବନବୀମା ସୁବିଧା ରହିଛି ?
(କ) ୭ ଲକ୍ଷ (ଖ) ୮ ଲକ୍ଷ (ଗ) ୯ ଲକ୍ଷ (ଘ) ୧୦ ଲକ୍ଷ

**ଉତ୍ତର**

**୧.(କ) ୧୮୭୦,୨.(ଖ) ଗୌରୀ ଶଙ୍କର ରାୟ,୩.(ଖ) ଓଡ଼ିଶା,୪.(ଗ) ଖିଲାଫତ ଆନ୍ଦୋଳନ,୫.(ଗ) ଶ୍ରୀଲଙ୍କା,୬.(ଗ) ରାଜସ୍ଥାନ,୭.(ଘ) ସ୍ୱରାଜ ମନ୍ଦିର,୮.(ଖ) ଭାରତୀୟ,୯.(ଗ) ଅନୁଗୁଳ,୧୦.(ଗ) ୬ଟି ।**

୧.(କ) ସଂବାଦପତ୍ର ହକର,୨.(ଖ) ଡିସେମ୍ବର ୩୧,୩.(ଖ) ୩ଟି, ୪.(ଗ) ୬୪%, ୫.(ଘ) ୧୭ ହଜାର କୋଟ, ୬.(ଗ) ୧୦୦ ଟଙ୍କା, ୭.(କ) ୧୦ ବର୍ଷରୁ ଅଧିକ, ୮.(ଖ) ୭୦ ଗୁଣ, ୯.(ଗ) ୨୫ ହଜାର କୋଟି,୧୦.(କ) ୭ ଲକ୍ଷ।



ଆମର ଏକମାତ୍ର କର୍ତ୍ତବ୍ୟ ହେଉଛି, ଠିକ୍ ସମୟରେ ଠିକ୍ କାମଟି କରିଦେବା।

## (୧୨) ଅର୍ଥନୀତି

୧. ପୁଂଜି ନିବେଶ ହବ୍‌ପାଇଁ ୯୯୯ କୋଟି ୯୯ ଲକ୍ଷ ଟଙ୍କା ପୁଂଜିନିବେଶରେ କେତୋଟି ପ୍ରକଳ୍ପର ଶିଳାନ୍ୟାସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଛନ୍ତି ?
(କ) ୭ (ଖ) ୧୦ (ଗ) ୧୫ (ଘ) ୧୭

୨. ଆଇ.ଆଇ.ଟି. ବମ୍ବେର ପୂର୍ବତନ ଛାତ୍ର ପରାଗ ଅଗ୍ରୱାଲାଙ୍କୁ କେଉଁ କଂପାନୀରେ ନୂତନ ସି.ଇ.ଓ. ଭାବରେ ନିଯୁକ୍ତି ଦିଆଯାଇଛି ?
(କ) ୟୁଟ୍ୟୁବ୍ (ଖ) ଗୁଗୁଲି
(ଗ) ଟ୍ୱିଟର (ଘ) ହ୍ୱାଟ୍‌ସଆପ୍

୩. ଚଳିତବର୍ଷ ନଭେମ୍ବର ମାସ ପୂର୍ବବର୍ଷ ନଭେମ୍ବର ମାସ ତୁଳନାରେ କେତେ ପ୍ରତିବର୍ଷ ବୃଦ୍ଧିପାଇଛି ?
(କ) ୧୧% (ଖ) ୨୦.୧୯%
(ଗ) ୨୬.୪୯% (ଘ) ୨୫%

୪. ନୂଆବର୍ଷରେ ପ୍ରାୟ କେତେ ଲକ୍ଷ ଟଙ୍କାର ସେଭିଙ୍ଗସ୍ ଅଫର୍ ନେଇ "ରିନାକ୍ସ ଡଷ୍ଟର (କାର୍)" ବଜାରକୁ ଆସିଛି - ଯାହାର ଅବଧି ୩୧ ଡିସେମ୍ବର।
(କ) ୨.୫ ଲକ୍ଷ (ଖ) ୩ ଲକ୍ଷ
(ଗ) ୪ ଲକ୍ଷ (ଘ) ୫ଲକ୍ଷ

୫. "ଓଲା" ନିଜର ଇଲେକ୍ଟ୍ରିକ୍ ସ୍କୁଟର ଏସ୍ - ୧ ଏବଂ ଏସ୍ - ୧ ପ୍ରୋ ଡ଼େଲିଭରି କେତେ ତାରିଖରେ ଆରମ୍ଭ କରିବାକୁ ଯାଉଛି ?
(କ) ନଭେମ୍ବର ୧୦ (ଖ) ଅଗଷ୍ଟ ୧୦
(ଗ) ଅକ୍ଟୋବର ୧୮ (ଘ) ଡିସେମ୍ବର ୧୫

୬. ବିହାରର କେଉଁ ଅଂଚଳରୁ ବଡ ସୁନାଭଣ୍ଡାର ମିଳିଛି ବୋଲି ସଂସଦରେ କେନ୍ଦ୍ର ଖଣି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ସୂଚନା ଦେଇଛନ୍ତି ?
(କ) ଫୋରନ୍ (ଖ) ଜମୁଇ (ଗ) ପାଟଣା (ଘ) ଗୟା

୭. କୌଣସି ସଂସ୍ଥାରୁ ଋକିରି ଛାଡ଼ିବାଲାଗି ନୋଟିସ୍ ଅବଧି ପୂରଣ ନକରି ଛାଡ଼ିଲେ ବେତନରୁ କେତେ ଜି.ଏସ୍.ଟି. ନିଯୁକ୍ତି ଦାତା କାଟି ରଖିବେ ?
(କ) ୧୮% (ଖ) ୨୦% (ଗ) ୨୫% (ଘ) ୩୦%

୮. କେତେ ତାରିଖରୁ ସୁନା ବେପାରୀମାନଙ୍କୁ ହଲ୍‌ମାର୍କ ନିୟମ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ?
(କ) ସେପ୍ଟେମ୍ବର ୧, ୨୦୨୧ (ଖ) ଅକ୍ଟୋବର ୨, ୨୦୨୧
(ଗ) ନଭେମ୍ବର ୩, ୨୦୨୧ (ଘ) ଡିସେମ୍ବର ୧, ୨୦୨୧

୯. ନୀତିଆୟୋଗର ସି.ଇ.ଓ. ଅମିତାଭ କାନ୍ତ କେତେ ମସିହା ପରେ କେବଳ ଇଲେକ୍ଟ୍ରିକ୍ ଦୁଇଚକିଆ ଓ ତିନିଚକିଆ ଗାଡି ବିକ୍ରୀ ହେବ ବୋଲି ପୂର୍ବାନୁମାନ କରିଛନ୍ତି ?
(କ) ୨୦୨୩ (ଖ) ୨୦୨୪ (ଗ)୨୦୨୫ (ଘ) ୨୦୩୦

୧୦. କେବେଠାରୁ ବିଶେଷକରି ଏୟାରଟେଲ୍, ଭୋଡ଼ାଫୋନ୍, ଆଇଡ଼ିଆ ଏବଂ ଜିଓ ଫୋନ୍‌ର ପ୍ରିପେଡ୍ ଯୋଜନାଗୁଡ଼ିକର ମୂଲ୍ୟ ବୃଦ୍ଧି କରାଯାଇଛି ?
(କ) ଡିସେମ୍ବର ୧ (ଖ) ନଭେମ୍ବର ୨୫
(ଗ) ଅକ୍ଟୋବର ୩୦ (ଘ) ନଭେମ୍ବର ୨୦

## (୧୩) କ୍ରୀଡ଼ା

୧. ୨୦୨୧ର ଆୟୋଜିତ ଟୋକିଓ ଅଲିମ୍ପିକ୍‌ରେ ସର୍ବାଧିକ ସ୍ୱର୍ଣ୍ଣପଦକ ମିଳିଥିଲା ଆମେରିକୀୟ ପୁରୁଷ ସନ୍ତରଣ ତାରକା କାଇଲେବ୍ ଡ୍ରେସେଲ୍‌ଙ୍କୁ। ଟୋକିଓଠାରେ ସେ କୋତୋଟି ସ୍ୱର୍ଣ୍ଣ ଜିତିଥିଲେ ?
(କ) ୪ଟି (ଖ) ୫ଟି (ଗ) ୬ଟି (ଘ) ୭ଟି

୨. ଟୋକିଓ ଅଲିମ୍ପିକ୍‌ରେ ସର୍ବାଧିକ ୭ଟି ପଦକ(୪ସ୍ୱର୍ଣ୍ଣ, ୩ବ୍ରୋଞ୍ଜ) ଜିତିଥିବା ଏମ୍ମା ମାକ୍‌କିଓନ୍ କେଉଁ ଦେଶର ମହିଳା ସନ୍ତରଣ ତାରକା
(କ) ବ୍ରାଜିଲ (ଖ) କାନାଡ଼ା (ଗ) ଅଷ୍ଟ୍ରେଲିଆ (ଘ) ନ୍ୟୁଜିଲାଣ୍ଡ

୩. ଟୋକିଓର ଆଥଲେଟିକ୍ସ ଟ୍ରାକ୍‌ରେ ସର୍ବାଧିକ ୩ଟି ସ୍ୱର୍ଣ୍ଣ ପଦକ ଜିତିଥିବା ଏଲେନ୍ ଥମ୍ପସନ୍ ହେରାଥ୍ କେଉଁ ଦେଶର ପ୍ରସିଦ୍ଧ ମହିଳା ଧାବିକା ?
(କ) ଜାମାଇକା (ଖ) କେନିୟା (ଗ) ଆଙ୍ଗୋଲା (ଘ) ଫ୍ରାନ୍‌ସ

୪. ଟୋକିଓ ଅଲିମ୍ପିକ୍‌ରେ ଦକ୍ଷିଣ କୋରିଆର ମହିଳା ତାରକା ଆନ୍ ସାନ୍‌ଙ୍କୁ ମିଳିଛି ୩ଟି ସ୍ୱର୍ଣ୍ଣ ପଦକ। ସେ କେଉଁ ଖେଳର ଖେଳାଳି ?
(କ) ଜିମ୍ନାଷ୍ଟିକ୍ସ (ଖ) ସନ୍ତରଣ
(ଗ) ତୀରଚାଳନା (ଘ) ଅଶ୍ୱଚାଳନା

୫. ଟୋକିଓ ଅଲିମ୍ପିକ୍‌ରେ ଲିସା କ୍ୟାରିଙ୍ଗଟନ୍ କାନୋଇଂ ବା କ୍ଷୁଦ୍ର ନୌଚାଳନାରେ ୩ଟି ସ୍ୱର୍ଣ୍ଣ ଜିତିଥିଲେ। ସେ କେଉଁ ଦେଶର ଖେଳାଳି ?
(କ) ନ୍ୟୁଜିଲାଣ୍ଡ (ଖ) ଯୁକ୍ତରାଷ୍ଟ୍ର ଆମେରିକା
(ଗ) ଦକ୍ଷିଣ ଆଫ୍ରିକା (ଘ) ଗ୍ରେଟ୍ ବ୍ରିଟେନ୍

୬. ୨୦୨୪ର ପରବର୍ତ୍ତୀ ଅଲିମ୍ପିକ୍ କ୍ରୀଡ଼ା କେଉଁଠାରେ ଆୟୋଜିତ ହେବ ?
(କ) ବ୍ରିସବେନ୍ (ଖ) ପ୍ୟାରିସ (ଗ) ରିଓ (ଘ) ଲସ୍ ଆଞ୍ଜେଲ୍ସ

୭. ୨୦୨୨ର ଶୀତକାଳୀନ ଅଲିମ୍ପିକ୍ ଚୀନର କେଉଁ ନଗରୀରେ ଆୟୋଜିତ ହେବାକୁ ଯାଉଛି ?
(କ) ତିଆନ୍‌ଜିନ୍ (ଖ) ସାଂଘାଇ (ଗ) ନାନ୍‌ଜିଙ୍ଗ (ଘ) ବେଜିଂ

୮. ୨୦୨୨ର ଫୁଟବଲ ବିଶ୍ୱକପ୍ କେଉଁ ଦେଶରେ ଆୟୋଜିତ ହେବ ?
(କ) କାତାର୍ (ଖ) ମେକ୍ସିକୋ (ଗ) ଅଷ୍ଟ୍ରେଲିଆ (ଘ) କାନାଡ଼ା

୯. ୨୦୨୨ରେ ଆଇ.ସି.ସି. ମହିଳା ବିଶ୍ୱକପ କ୍ରିକେଟ ପ୍ରତିଯୋଗିତା କେଉଁ ଦେଶରେ ଆୟୋଜିତ ହେବ ?
(କ) ଅଷ୍ଟ୍ରେଲିଆ (ଖ) ନ୍ୟୁଜିଲାଣ୍ଡ
(ଗ) ଇଂଲାଣ୍ଡ (ଘ) ଶ୍ରୀଲଙ୍କା

୧୦. ୨୦୨୧ରେ ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ପାଇଥିବା ଆମ ଦେଶର ପ୍ରସିଦ୍ଧ ଫୁଟବଲ ଖେଳାଳିଙ୍କ ନାମ କଣ ?
(କ) ବାଇଚୁଙ୍ଗ ଭୂଟିଆ (ଖ) ସୁନିଲ ଛେତ୍ରୀ
(ଗ) ବେମ୍‌ବେମ୍ ଦେବୀ (ଘ) ଗୁରପ୍ରୀତ ସିଂହ ସାନ୍ଧୁ

**ଉତ୍ତର**

୧.(ଘ) ୧୭,୨.(ଗ) ଟ୍ୱିଟର,୩.(ଗ) ୨୬.୪୯%,୪.(କ) ୨.୫ ଲକ୍ଷ,୫.(ଘ) ଡିସେମ୍ବର ୧୫,୬.(ଖ) ଜମୁଇ,୭.(କ) ୧୮%,୮.(ଘ) ଡିସେମ୍ବର ୧, ୨୦୨୧,୯.(ଗ) ୨୦୨୫,୧୦. (କ) ଡିସେମ୍ବର ୧

**୧. (ଖ) ୫ଟି, ୨.(ଗ) ଅଷ୍ଟ୍ରେଲିଆ, ୩.(କ) ଜାମାଇକା, ୪.(ଗ) ତୀରଚାଳନା, ୫.(କ) ନ୍ୟୁଜିଲାଣ୍ଡ, ୬.(ଖ) ପ୍ୟାରିସ, ୭. (ଘ) ବେଜିଂ, ୮.(କ) କାତାର୍ ,୯.(ଖ) ନ୍ୟୁଜିଲାଣ୍ଡ,୧୦.(ଖ) ସୁନିଲ ଛେତ୍ରୀ**



କର୍ତ୍ତବ୍ୟ କରିବାକୁ ଯାଇ ଯେଉଁଲୋକ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟକୁ ବଳିଦିଏ, ସିଏ ମହତ୍‌ଜନ ବୋଲି ବିବେଚିତ ହୁଏ।

## (୧୪) ସାହିତ୍ୟ, କଳା ଓ ସଂସ୍କୃତି

୧. ୨୦୨୧ରେ ବୁକର ପୁରସ୍କାର ପାଇଥିବା ଡେମନ୍ ଗାଲଗୁଟ୍ କେଉଁ ଦେଶର ଜଣେ ପ୍ରସିଦ୍ଧ ସାହିତ୍ୟିକ ?
(କ) ଜିମ୍ବାବ୍ୱେ (ଖ) ଦକ୍ଷିଣ ଆଫ୍ରିକା (ଗ) ଜାମ୍ବିଆ (ଘ) ଘାନା

୨. ୨୦୨୧ର ବୁକର୍ ପ୍ରାଇଜ୍ ନିମନ୍ତେ ସର୍ଟଲିଷ୍ଟେଡ୍ ହୋଇ ଅନ୍ତେକେ ଏହି ପୁରସ୍କାରରୁ ବଞ୍ଚିତ ହୋଇଥିବା ଅନୁକ୍ ଅରୁଦ୍‌ପ୍ରଗାସମ୍ କେଉଁ ଦେଶର ନାଗରିକ ?
(କ) ମରିସସ୍ (ଖ) ଫିଜି (ଗ) ସୁରିନାମ୍ (ଘ) ଶ୍ରୀଲଙ୍କା

୩. ବ୍ରିଟେନ୍‌ରେ ବସବାସ କରୁଥିବା ଏ ବର୍ଷର ନୋବେଲ୍ ସାହିତ୍ୟ ପୁରସ୍କାର ବିଜୟୀ ଅବଦୁଲରଜାକ୍ ଗୁରନାହ୍ କେଉଁ ଦେଶର ମୂଳ ବାସିନ୍ଦା ?
(କ) ତାଞ୍ଜାନିଆ (ଖ) କେନିୟା (ଗ) ୟୁଗାଣ୍ଡା (ଘ) ଇଜିପ୍ଟ

୪. ରାମଧାରୀ ସିଂହ ଦିନକର୍ କେଉଁ ଭାଷାର ଜଣେ ପ୍ରସିଦ୍ଧ କବି ?
(କ) ହିନ୍ଦୀ (ଖ) ଡୋଗ୍ରୀ (ଗ) ମାଲୟାଲମ (ଘ) ପଞ୍ଜାବୀ

୫. ୨୦୨୨ର ଓସ୍କାର ପୁରସ୍କାର ନିମନ୍ତେ କେଉଁ ଚଳଚିତ୍ରଟି ଔପଚାରିକ ଭାବେ ଭାରତୀୟ ଚଳଚିତ୍ର ଭାବେ ପ୍ରବେଶାଧିକାର ଲାଭ କରିଛି ?
(କ) କୁଝାଙ୍ଗଲ (ଖ) ସର୍ଦ୍ଦାର ଉଧମ ସିଂହ
(ଗ) ଅସୁରନ୍ (ଘ) ଶେରନୀ

୬. ସିନେମା ଜଗତର ସର୍ବଶ୍ରେଷ୍ଠ ସମ୍ମାନ ଭାବେ ଖ୍ୟାତ ଓସ୍କାର ପୁରସ୍କାର ଯୁକ୍ତରାଷ୍ଟ୍ର ଆମେରିକାର କେଉଁ ନଗରୀରେ ପ୍ରଦାନ କରାଯାଏ ?
(କ) ନ୍ୟୁ ୟର୍କ (ଖ) ମାୟାମି
(ଗ) ଲାସ୍ ଭେଗାସ୍ (ଘ) ଲସ୍ ଆଞ୍ଜେଲ୍ସ

୭. ପ୍ରସିଦ୍ଧ ଅଭିନେତା ଅମିତାଭ ବଚ୍ଚନ କେତେଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିଛନ୍ତି ?
(କ) ୩ ଥର (ଖ) ୪ ଥର (ଗ) ୫ ଥର (ଘ) ୬ ଥର

୮. ମହାପୁରୁଷ ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିବସଟି କେଉଁ ନାମରେ ପରିଚିତ ?
(କ) ଇଷ୍ଟର୍ (ଖ) ହୋଲୀ ଡେ (ଗ) କ୍ରିସମସ୍ (ଘ) ଲେଣ୍ଟ୍

୯. କେଉଁ ସ୍ଥାନଟି ମହାପୁରୁଷ ଯୀଶୁଙ୍କ ଜନ୍ମସ୍ଥାନ ଅଟେ ?
(କ) ବେଥେଲହାମ୍ (ଖ) ଯାରୁଶେଲମ୍
(ଗ) ନାଜାରେଥ୍ (ଘ) ଗାଲିଲି

୧୦) ଧନୁ ସଂକ୍ରାନ୍ତି ଦିନ କେଉଁ ଦେବତାଙ୍କୁ ପୂଜା କରାଯାଇଥାଏ ?
(କ) ଦେବରାଜ ଇନ୍ଦ୍ର (ଖ) ବରୁଣ ଦେବ
(ଗ) ଧନ୍ୱନ୍ତରୀ (ଘ) ସୂର୍ଯ୍ୟଦେବ

## (୧୫) ଭୂଗୋଳ

୧ ମିଳିତ ଜାତିସଂଘ କେଉଁ ବର୍ଷକୁ ଇଣ୍ଟର ନ୍ୟାସନାଲ୍ ଇୟର ଅଫ୍ ରାଇସ୍ ବୋଲି ଘୋଷଣା କରିଥିଲା ?
(କ)୨୦୦୧ (ଖ)୨୦୦୨
(ଗ)୨୦୦୩ (ଘ) ୨୦୦୪

୨. ଭାରତର ରେଡ୍ ରିଭୋଲୁସନ୍ କେଉଁ ଖାଦ୍ୟ ସହ ସଂପୃକ୍ତ ?
(କ) ମାଂସ ଓ ଟମାଟୋ (ଖ)ମାଛ ଓ ଟମାଟୋ
(ଗ) ମାଂସ ଓ ମାଛ (ଘ)କୌଣସିଟି ନୁହେଁ

୩. ବିଶ୍ୱ ଜଳ ଦିବସ କେଉଁଦିନ ପାଳନ କରାଯାଇଥାଏ ?
(କ)୧ ଡିସେମ୍ବର (ଖ) ୧୪ ନଭେମ୍ବର
(ଗ) ୨୨ ମାର୍ଚ୍ଚ (ଘ) ୨ଅକ୍ଟୋବର

୪. ଚେଡା କାହାର ଏକ ବ୍ରାଣ୍ଡ ନାମ ଅଟେ ?
(କ)ଗାଈ (ଖ) ଛେଳି
(ଗ) ମେଣ୍ଢା (ଘ) ମଇଁଷି

୫. ଡିସେମ୍ବର ମାସରେ କଉଁ ସ୍ଥାନରେ ଅଧିକ ସୂର୍ଯ୍ୟ ରଶ୍ମି ମିଳିବ ?
(କ) କନ୍ୟା କୁମାରୀ (ଖ) ପୁନେ
(ଗ)କୋଲକତା (ଘ) ଲେହ

୬. କପାଚଷ ପାଇଁ କଳାମାଟି ବିଶେଷ ଦରକାର କାରଣ -
(କ) ମାଟି କଳା ଦେଖାଯାଏ (ଖ)କଳାମାଟି ଜଳ ସଂରକ୍ଷଣ କରିଥାଏ
(ଗ) କଳାମାଟି ଲାର୍ଭାରୁ ସୃଷ୍ଟି (ଘ) କୌଣସିଟି ନୁହେଁ

୭. ଭାରତର କେଉଁ ରାଜ୍ୟର କ୍ଷେତ୍ରଫଳ ଅଧିକ ଅଟେ ?
(କ)ଆନ୍ଧ୍ର ପ୍ରଦେଶ (ଖ)ମଧ୍ୟ ପ୍ରଦେଶ
(ଗ)ଉତ୍ତର ପ୍ରଦେଶ (ଘ)ଛତିଶଗଡ

୮. ଭାରତରେ କେଉଁ ମରୁଭୂମୀ ଅଛି ?
(କ) ଅଟାକଟା (ଖ)ଥର୍
(ଗ) କାରାକୁମା (ଘ)ସାହାରା

୯. କେଉଁଟି ଏକ ଆଗ୍ନେୟଗିରୀ ନୁହେଁ ?
(କ) ଏଟନା (ସିସିଲି) (ଖ)ବେକର (କାମକେଡି)
(ଗ) ଲପର୍ବତ (ହାୱାଇ) (ଘ)କୁଏବେକ (କାନାଡା)

୧୦. ଆଣ୍ଡାମାନ ଗ୍ରୁପ୍ ଅଫ୍ ଆଇଲାଣ୍ଡରେ କେତୋଟି ଆଇଲାଣ୍ଡ ଅଛି ?
(କ) ୫୦ (ଖ)୧୦୦
(ଗ)୧୫୦ (ଘ)୨୦୦

**ଉତ୍ତର**

**୧. (ଖ) ଦକ୍ଷିଣ ଆଫ୍ରିକା, ୨.(ଘ) ଶ୍ରୀଲଙ୍କା, ୩. (କ) ତାଞ୍ଜାନିଆ, ୪.(କ) ହିନ୍ଦୀ, ୫.(କ)କୁଝାଙ୍ଗଲ,୬.(ଘ) ଲସ୍ ଆଞ୍ଜେଲ୍ସ, ୭.(ଖ) ୪ଥର, ୮. (ଗ) କ୍ରିସମସ୍, ୯.(କ) ବେଥେଲହାମ୍, ୧୦. (ଘ) ସୂର୍ଯ୍ୟଦେବ**

**୧.(ଘ) ୨୦୦୪ ୨. (କ) ମାଂସ ଓ ଟମାଟୋ ୩. (ଗ) ୨୨ ମାର୍ଚ୍ଚ ୪. (ଘ) ମଇଁଷି ୫.(କ) କନ୍ୟା କୁମାରୀ ୬. ଖ)କଳାମାଟି ଜଳ ସଂରକ୍ଷଣ କରିଥାଏ ୭.(ଖ)ମଧ୍ୟ ପ୍ରଦେଶ ୮. (ଖ)ଥର୍ ୯. (ଘ)କୁଏବେକ(କାନାଡା) ୧୦. (ଘ)୨୦୦**



ତୁମ କଥାବାର୍ତ୍ତା ଯଦି ମାର୍ଜିତ, ବୁଦ୍ଧିଯୁକ୍ତ, ଅନ୍ୟର ମନକୁ ଆଘାତ ନକରୁଛି, ତେବେ ତୁମେ ସଭ୍ୟତାର ଶୀର୍ଷସ୍ଥାନ ଅଧିକାର କରିଛ ।

## (୧୬) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧. ଗୋଆରେ କେଉଁ ବର୍ଷ ସାଧାରଣ ନିର୍ବାଚନ ହୋଇଥିଲା ?
(କ) ୧୯୬୦ (ଖ) ୧୯୬୧
(ଗ) ୧୯୬୪ (ଘ) ୧୯୬୩

୨. କେଉଁ ବର୍ଷ ଭାରତରେ ଯୋଜନା ଆୟୋଗ ଗଠିତ ହୋଇଥିଲା ?
(କ) ୧୯୪୭ (ଖ) ୧୯୫୦
(ଗ) ୧୯୪୯ (ଘ) ୧୯୪୮

୩. ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କୁ କିଏ ନିଯୁକ୍ତି ଦିଅନ୍ତି ?
(କ) ପ୍ରଧାନ ବିଚାରପତି (ଖ) ଲୋକସଭା ବାଚସ୍ପତି
(ଗ) ରାଷ୍ଟ୍ରପତି (ଘ) ପ୍ରଧାନମନ୍ତ୍ରୀ

୪. କିଏ କହିଥିଲେ, "ଗଣତନ୍ତ୍ର ହେଉଛି ଲୋକମାନଙ୍କର, ଲୋକମାନଙ୍କଦ୍ୱାରା, ଲୋକମାନଙ୍କପାଇଁ ସରକାର ।।"
(କ) ବି.ଆର୍.ଆମ୍ବେଦକର (ଖ) ଆବ୍ରାହମ ଲିଙ୍କନ
(ଗ) ମହାତ୍ମାଗାନ୍ଧୀ (ଘ) ନେଲସନ୍ ମାଣ୍ଡେଲା

୫. କେଉଁ ମସିହାରେ "ଓରିସା" ବଦଳରେ "ଓଡ଼ିଶା" ରେ ପ୍ରବର୍ତ୍ତିତ ହେଲା ?
(କ) ୨୦୦୯ (ଖ) ୨୦୧୦
(ଗ) ୨୦୧୧ (ଘ) ୨୦୧୨

୬. ରାଜ୍ୟ ମନ୍ତ୍ରୀମଣ୍ଡଳ ତା'ର କାର୍ଯ୍ୟକଳାପ ପାଇଁ କାହା ନିକଟରେ ଉତ୍ତରଦାୟୀ ?
(କ) ରାଷ୍ଟ୍ରପତି (ଖ) ଲୋକସଭା
(ଗ) ରାଜ୍ୟପାଳ (ଘ) ବିଧାନସଭା

୭. ସ୍ୱାଧୀନ ଭାରତରେ ଜାତୀୟ ପତାକା ପ୍ରଥମେ କିଏ ଉତ୍ତୋଳନ କରିଥିଲେ ?
(କ) ମହାତ୍ମାଗାନ୍ଧୀ (ଖ) ଜବାହରଲାଲ ନେହେରୁ
(ଗ) ବଲ୍ଲଭଭାଇ ପଟେଲ (ଘ) ମାଉଣ୍ଟ ବ୍ୟାଟେନ୍

୮. ସଂବିଧାନ ପ୍ରଣୟନ ସଭାରୁ ସ୍ଥାୟୀ ସଭାପତି ଭାବେ କିଏ ନିର୍ବାଚିତ ହୋଇଥିଲେ ?
(କ) ବି.ଆର୍.ଆମ୍ବେଦକର (ଖ) ରାଜେନ୍ଦ୍ର ପ୍ରସାଦ
(ଗ) ଜବାହରଲାଲ ନେହେରୁ (ଘ) ମହାତ୍ମାଗାନ୍ଧୀ

୯. ସ୍ୱାଧୀନ ଭାରତର ପ୍ରଥମ ଗଭର୍ଣ୍ଣର ଜେନେରାଲ କିଏ ?
(କ) ମାଉଣ୍ଟବାଟେନ୍ (ଖ) ରାଜ ଗୋପାଲଚାରୀ
(ଗ) ସର୍ଦ୍ଦାର ପଟେଲ (ଘ) ଜବାହରଲାଲ ନେହେରୁ

୧୦. ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା କିଏ ପ୍ରତିଷ୍ଠା କରିଥିଲେ ?
(କ) ଲର୍ଡ଼ କର୍ଜନ (ଖ) ଲର୍ଡ ୱେଲସେଲି
(ଗ) ଲର୍ଡ କର୍ଣ୍ଣୱାଲିସ (ଘ) ଲର୍ଡ ରିପନ୍

## (୧୭) କମ୍ପ୍ୟୁଟର ଶିକ୍ଷା

୧. କମ୍ପୁଟର ବ୍ରେନ ମାଇକ୍ରୋ ପ୍ରୋସେସରକୁ ମଧ୍ୟ କ'ଣ କୁହାଯାଏ ?
(କ) ମାଇକ୍ରୋଚିପ୍ (ଖ)ମାକ୍ରୋଚିପ୍
(ଗ) ମାକ୍ରୋପ୍ରୋସେସର (ଘ)କାଲ୍‌କୁଲେଟର

୨. କୌଣସି ୱେବ ପେଜକୁ ଲୋଡ କରିବାପାଇଁ କେଉଁ ବଟମ ଚିପିବାକୁ ପଡିବ ?
(କ) ରେଡେ (ଖ) ରିଷ୍ଟୋର
(ଗ) କଣ୍ଟ୍ରୋଲ (ଘ) ରିଫ୍ରେସ୍

୩. ବିନା ଶ୍ରେଣୀଗୃହର ସହାୟତାରେ କମ୍ପୁଟର ଶିକ୍ଷା କରିବାକୁ ହେଲେ କାହାର ସାହାଯ୍ୟ ନେବାକୁ ହେବ ?
(କ) ଆଇ.ଲରନିଙ୍ଗ୍ (ଖ) ଇ.ଲର୍‌ନିଙ୍ଗ୍
(ଗ) କ୍ଲୋକ୍.ଲରଙ୍ଗି (ଘ) ଡିସଟାନସ୍ ଲରଙ୍ଗି

୪. ନିଜର କମ୍ପ୍ୟୁଟର ବିଚକ୍ଷଣ ଜ୍ଞାନରେ ନେଟ୍ ମାଧ୍ୟମରେ ଅନ୍ୟର କମ୍ପୁଟରକୁ ତଥ୍ୟ ସଂଗ୍ରହ କରିବା ଏବଂ ଖରାପ କରିବା ବ୍ୟକ୍ତିକୁ କ'ଣ କୁହାଯାଏ ?
(କ) ସ୍ୱାମର (ଖ)ହ୍ୟାକର
(ଗ) ପୋଗ୍ରାମର (ଘ)ଆନାଲିଷ୍ଟ

୫. କୌଣସି ଛବିକୁ କେଉଁ ଫରମାଟରେ କମ୍ପ୍ୟୁଟରରେ ରଖା ଯାଇ ପାରିଥାଏ ?
(କ)ଏଚ୍.ଟି.ଏମ୍.ଏଲ୍. (ଖ) ଜେ.ପି.ଇ.ଜି.
(ଗ)ଏଫ୍.ଟି.ପି. (ଘ) ଡ.ଓ.ସି.

୬. ନିମ୍ନରେ ଥିବା କେଉଁଟି ଏକ ସେଟ୍ ଅଫ୍ ରୁଲସ୍ ?
(କ) ଡୋମେନ (ଖ) ହାଇପର ଟେକ୍ସଟ୍
(ଗ)ୟୁଆରଏଲ (ଘ) ପ୍ରୋଟୋକଲ୍

୭. ଏମ ଏସ ୱାର୍ଡର କେଉଁଟି ଅନ୍ତର୍ଭୁକ୍ତ ନୁହେଁ?
(କ)ଅଫିସ ଆର୍ଟ (ଖ) କ୍ଲିପ୍ ଆର୍ଟ
(ଗ)ୱାର୍ଡ ଆର୍ଟ (ଘ)ପେଣ୍ଟ ଆର୍ଟ

୮. ଏମ ଏସ ଅଫିସ କେଉଁଟି ନୁହେଁ?
(କ)ଅଫିସ ୪ (ଖ)ଅଫିସ ୯୭
(ଗ)ଅଫିସ ୯୮ (ଘ) ଅଫିସ ୨୦୦୦

୯. ଏକ୍ସେଲ ୱାର୍କସିଟରେ ସର୍ବାଧିକ କେତୋଟି ଧାଡି ଅଛି ?
(କ) ୬୫୫୩୫ (ଖ)୨୫୬
(ଗ)୨୫୫ (ଘ)୬୫୫୩୬

୧୦. କମ୍ପ୍ୟୁଟର ପ୍ରୋଗାମର ଏକ ଏରର୍ ହେଉଛି ?
(କ)କ୍ରାସ୍ (ଖ)ପାୱାର ଫେଲିଓର୍
(ଗ)ବଗ୍ (ଘ)ଭାଇରସ୍

**ଉତ୍ତର**

୧.(ଘ)୧୯୬୩,୨.(ଖ)୧୯୫୦,୩.(ଗ) ରାଷ୍ଟ୍ରପତି,୪.(ଖ) ଆବ୍ରାହମ ଲିଙ୍କନ,୫.(ଗ)୨୦୧୧,୬.(ଘ)ବିଧାନସଭା,୭.(ଖ)ଜବାହରଲାଲ ନେହେରୁ,୮.(ଖ)ରାଜେନ୍ଦ୍ର ପ୍ରସାଦ,୯.(କ) ମାଉଣ୍ଟବାଟେନ୍,୧୦.(ଘ) ଲର୍ଡ ରିପନ୍ ।

**୧.(କ) ମାଇକ୍ରୋଚିପ୍ ୨.(ଘ) ରିଫ୍ରେସ୍ ୩.(ଖ)ଇ.ଲର୍‌ନିଙ୍ଗ୍ (୪) (ଖ)ହ୍ୟାକର(୫) (ଖ) ଜେ.ପି.ଇ.ଜି. ୬.(ଘ) ପ୍ରୋଟୋକଲ୍ ୭. (ଘ)ପେଣ୍ଟ ଆର୍ଟ ୮.(ଗ)ଅଫିସ ୯୮ ୯.(ଘ)୬୫୫୩୬ ୧୦.(ଗ)ବଗ୍**



ବିଜ୍ଞ ଲୋକମାନେ କେବେହେଲେ ବେଶି କଥା କୁହନ୍ତିନାହିଁ। ତୁମେ ଯଦି ଅଳ୍ପ କଥା କହିଲ, ତୁମ ପ୍ରାର୍ଥନା ସବୁଠାରୁ ଭଲହେବ।

## (୧୮) ଗାଣିତିକ ପ୍ରଶ୍ନାବଳୀ

୧. $x2 - x - 2 = 0$ ଦ୍ୱିଘାତ ସମୀକରଣର ପ୍ରଭେଦଟି କେତେ ?
(କ) ୧ (ଖ) ୨
(ଗ) ୮ (ଘ) ୯

୨. ଗୋଟିଏ ସଂଖ୍ୟା ଓ ତା'ର ବ୍ୟୁତକ୍ରମର ଅନ୍ତର ୨ ଅଟେ। ସଂଖ୍ୟାଟିକୁ $x$ ନେଇ ଗୋଟିଏ ଦ୍ୱିଘାତ ସମୀକରଣ ଗଠନ କଲେ ସମୀକରଣଟି କେତେ ହେବ?
(କ) $x2 - 2x - 1 = 0$ (ଖ) $x2 + 2x - 1 = 0$
(ଗ) $x2 - 2x + 1 = 0$ (ଘ) $x2 - 2x + 1 = 0$

୩. ଗୋଟିଏ ପାତ୍ରରେ ୫ଟି ନାଲି, ୬ଟି ସବୁଜ ଓ ୪ଟି ନୀଳ ମାର୍ବଲ ଅଛି। ପାତ୍ରରୁ ଯଦୃଚ୍ଛା ଗୋଟିଏ ନାଲି ମାର୍ବଲ ବାହାର କରିବାର ସମ୍ଭାବ୍ୟତା କେତେ ?
(କ) ୧/୩ (ଖ) ୧/୫
(ଗ) ୧/୨ (ଘ) ୨/୫

୪. ଗୋଟିଏ ତଥ୍ୟାବଳିର ମଧ୍ୟମା ୫୨ ଓ ମାଧ୍ୟମାନ ୫୩ ଅଟେ। ତଥ୍ୟାବଳୀର ଗରିଷ୍ଠକ କେତେ ?
(କ) ୫୦ (ଖ) ୫୧
(ଗ) ୫୨.୫ (ଘ) ୫୩

୫. (-୧, -୧) ବିନ୍ଦୁଟି ଗ୍ରାଫ୍ କାଗଜର କେଉଁ ପାଦରେ ଅବସ୍ଥିତ ?
(କ) ପ୍ରଥମ (ଖ) ଦ୍ୱିତୀୟ
(ଗ) ତୃତୀୟ (ଘ) ଚତୁର୍ଥ

୬. ଦୁଇଟି ବୃତ୍ତର ଅନ୍ତର ୮୮ ସେ.ମି ଏବଂ ସେମାନଙ୍କର ବ୍ୟାସାର୍ଦ୍ଧ ଦ୍ୱୟର ସମଷ୍ଟି ୭୮ ସେ.ମି ହେଲେ ବୃହତ୍ତର ବୃତ୍ତର ବ୍ୟାସାର୍ଦ୍ଧ କେତେ ସେ.ମି. ଅଟେ ?
(କ) ୯୨ ସେ.ମି (ଖ) ୮୩ ସେ.ମି (ଗ) ୪୬ ସେ.ମି (ଘ) ୩୨ ସେ.ମି

୭. ଗୋଟିଏ ସୁଷମ ଷଡ଼ଭୁଜର ପ୍ରତ୍ୟେକ ବାହୁ ଏହାର ପରିବୃତ୍ତର ପରଧିଠାରେ ଅଙ୍କନ କରୁଥିବା କୋଣର ପରିମାଣ କେତେ ?
(କ) ୧୨୦୦ (ଖ) ୯୦୦ (ଗ) ୬୦୦ (ଘ) ୩୦୦

୮. ଦୁଇଟି ବହିଃସ୍ପର୍ଶୀ ବୃତ୍ତ ପ୍ରତି ସର୍ବାଧିକ କେତୋଟି ସାଧାରଣ ସ୍ପର୍ଶକ ଅଙ୍କନ କରାଯାଇପାରିବ ?
(କ) ୧ (ଖ) ୨ (ଗ) ୩ (ଘ) ୪

୯. ଦୁଇଅଙ୍କ ବିଶିଷ୍ଟ ଗୋଟିଏ ସଂଖ୍ୟା ଓ ଅଙ୍କ ଦ୍ୱୟର ସ୍ଥାନ ବଦଳାଇଲେ ଯେଉଁ ସଂଖ୍ୟା ହେବ, ସେମାନଙ୍କର ଅନ୍ତର ୪୫ ହେଲେ ଅଙ୍କଦ୍ୱୟର ଅନ୍ତର କେତେ ?
(କ) ୯ (ଖ) ୫ (ଗ) ୬ (ଘ) ୧୦

୧୦. ମୁନୁ ଓ ରୁନୁର ବୟସର ସମଷ୍ଟି ୨୭ ବର୍ଷ ଓ ବୟସର ଅନ୍ତର ୧ ବର୍ଷ ହେଲେ କାହାର ବୟସ କେତେ ?
(କ) ୧୪, ୧୩ (ଖ) ୧୫, ୧୨
(ଗ) ୧୨, ୧୫ (ଘ) ୧୦, ୧୭

## (୧୯) ସାଧାରଣ ବିଜ୍ଞାନ

୧. ୫ ସେକେଣ୍ଡରେ ଦୁଇ କୁଲମ୍ ଚାର୍ଜ ପ୍ରଭାବିତ ହେଲେ ବିଦ୍ୟୁତ ସ୍ରୋତର ପରିମାଣ କେତେ ?
(କ) ୦.୪ ଆ. (ଖ) ୨.୫ ଆ. (ଗ) ୪ ଆ. (ଘ) ୨୫ ଆ.

୨. ପରିବାହୀ ମଧ୍ୟରେ ଇଲେକ୍ଟ୍ରନର ପ୍ରଭାବ କେଉଁ କାରଣରୁ ହୋଇଥାଏ?
(କ) ବିଦ୍ୟୁତ୍ ଚାପର ପାର୍ଥକ୍ୟ (ଖ) ଜଳ ଚାପର ପାର୍ଥକ୍ୟ
(ଗ) ବାୟୁ ଚାପର ପାର୍ଥକ୍ୟ (ଘ) ପାର୍ଶ୍ୱ ଚାପର ପାର୍ଥକ୍ୟ

୩. ବିଦ୍ୟୁତ୍ ସେଲ୍‌ର ମଧ୍ୟରେ ବିଦ୍ୟୁତ୍ ଶକ୍ତି ଯେଉଁ ଶକ୍ତିରୁ ରୂପାନ୍ତରିତ ହୁଏ, ତାହାକୁ କ'ଣ କୁହାଯାଏ ?
(କ) ରାସାୟନିକ ଶକ୍ତି (ଖ) ଭୌତିକ ଶକ୍ତି
(ଗ) ଯାନ୍ତ୍ରିକ ଶକ୍ତି (ଘ) ଚୁମ୍ବକୀୟ ଶକ୍ତି

୪. ନିମ୍ନୋକ୍ତ ମଧ୍ୟରୁ କେଉଁଟି ନିକ୍ରୋମ୍‌ର ଏକ ଉପାଦାନ ନୁହେଁ?
(କ) ନିକେଲ (ଖ) କ୍ରୋମିୟମ
(ଗ) ମାଙ୍ଗାନିଜ (ଘ) କପର

୫. ପରିପଥରେ ବିଦ୍ୟୁତସ୍ରୋତକୁ ନିୟନ୍ତ୍ରଣ କରିବାପାଇଁ ନିମ୍ନୋକ୍ତ କେଉଁ ଉପକରଣ ବ୍ୟବହାର କରାଯାଏ?
(କ) ଭୋଲ୍ଟମିଟର (ଖ) ଭୋଲ୍‌ଟାମିଟର
(ଗ) ଆମିଟର (ଘ) ରିହୋଷ୍ଟାଟ୍

୬. ନିମ୍ନୋକ୍ତ ମଧ୍ୟରୁ କେଉଁଟି ବ୍ୟବହାର କଲେ କରବ ମଧ୍ୟସ୍ଥ ସୂତ୍ରର ଆୟୁଷ ବଢ଼େ?
(କ) କ୍ଲୋରିନ୍ ଗ୍ୟାସ୍ (ଖ) ହାଇଡ୍ରୋଜେନ ଗ୍ୟାସ
(ଗ) ଆରଗନ ଗ୍ୟାସ୍ (ଘ) ଅମ୍ଳଜାନ

୭. ବିଦ୍ୟୁତ ବଲ୍‌ବର ସୂତ୍ର ସାଧାରଣତଃ କେଉଁ ଧାତୁରୁ ତିଆରି କରାଯାଏ?
(କ) ତମ୍ବା (ଖ) ଆଲୁମିନିୟମ
(ଗ) ଟଙ୍ଗଷ୍ଟନ (ଘ) ନିକେଲ

୮. ଚାର୍ଜର ଆନ୍ତର୍ଜାତିକ ମାନକ କେତେ?
(କ) ଭୋଲ୍ଟ (ଖ) ଆମ୍ପିଆର (ଗ) କୁଲମ୍ (ଘ) ୱାଟ୍

୯. ଆମ୍ପିଆର କାହାର ଏକକ ?
(କ) ବିଦ୍ୟୁତ୍‌ଶକ୍ତି (ଖ) ବିଦ୍ୟୁତସ୍ରୋତ
(ଗ) ଚାର୍ଜ (ଘ) କୌଣସିଟି ନୁହେଁ

୧୦. କନ୍‌ଷ୍ଟାଣ୍ଟ କେଉଁ ଉପାଦାନ ଅଛି ?
(କ) ତମ୍ବା (ଖ) ଦସ୍ତା
(ଗ) ରୂପା (ଘ) ଟଙ୍ଗଷ୍ଟନ୍

**ଉତ୍ତର**

୧.(ଘ)୯, ୨.(କ) $x^2 - 2x - 1 = 0$, ୩.(କ)୧/୩, ୪.(କ) ୫୦, ୫.(ଗ)ତୃତୀୟ, ୬.(ଗ)୪୬ ସେ.ମି, ୭.(ଘ) ୩୦°, ୮.(ଗ) ୩, ୯.(ଖ)୫, ୧୦.(କ)୧୪, ୧୩।

**୧.(କ) ୦.୪ ଆ., ୨.(କ) ବିଦ୍ୟୁତ୍ ଚାପର ପାର୍ଥକ୍ୟ, ୩.(କ) ରାସାୟନିକ ଶକ୍ତି, ୪.(ଘ) କପର, ୫.(ଘ) ରିହୋଷ୍ଟାଟ୍, ୬.(ଗ) ଆରଗନ ଗ୍ୟାସ୍, ୭.(ଗ) ଟଙ୍ଗଷ୍ଟନ, ୮.(ଗ) କୁଲମ୍, ୯.(ଖ) ବିଦ୍ୟୁତସ୍ରୋତ, ୧୦.(କ) ତମ୍ବା**



ଏକନିଷ୍ଠତା ବିନା ପ୍ରେମ, ସଦ୍‌ଗୁଣ ବା ବନ୍ଧୁତା ତିଷ୍ଠିପାରିବ ନାହିଁ।

## (୨୦) ଜିଲ୍ଲା

୧. ଜିଲ୍ଲାର ନାମ - ମୟୂରଭଞ୍ଜ
୨. ଗଠନ - ୧ ଜାନୁଆରୀ ୧୯୪୯
୩. କ୍ଷେତ୍ରଫଳ - ୧୦୪୧୮ ବର୍ଗ କି.ମି
୪. ଜନସଂଖ୍ୟା - ୨୫୧୩୮୯୫
(କ) ପୁରୁଷ - ୧୨୫୩୬୩୩
(ଖ) ମହିଳା - ୧୨୬୦୨୬୨
୫. ଉପଖଣ୍ଡ - ୦୪
୬. ତହସିଲ - ୨୬
୭. ପଞ୍ଚାୟତ ସମିତି କାର୍ଯ୍ୟାଳୟ (ବ୍ଲକ୍) - ୨୬
୮. ଗ୍ରାମ ପଞ୍ଚାୟତ - ୩୮୨
୯. ଗ୍ରାମ - ୩୯୫୦
୧୦. ଥାନା - ୩୨
୧୧. ପୌରସଂସ୍ଥା(ମ୍ୟୁନିସିପାଲିଟି) - ୦୧
୧୨. ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି)- ୦୩
୧୩. ବିଧାନ ସଭା ନିର୍ବାଚନ ମଣ୍ଡଳୀ -
୨୬. ଯଶିପୁର (ST), ୨୭. ସରସକଣା (ST),
୨୮. ରାଇରଙ୍ଗପୁର (ST), ୨୯. ବାଙ୍ଗିରିପୋଷି (ST),
୩୦. କରଞ୍ଜିଆ (ST), ୩୧. ଉଦଳା (ST),
୩୨. ବଡସାହି (SC), ୩୩. ବାରିପଦା (ST), ୩୪. ମୋରଡା
୧୪. ଶିଶୁ ଜନସଂଖ୍ୟା(୦-୬ ବର୍ଷ) -୩୩୭୭୫୭(୯୫୨)
୧୫. ସାକ୍ଷରତା ହାର - ୬୩.୯୮%
୧୬.ପୁରୁଷ ସାକ୍ଷରତା ହାର - ୭୪.୯୨%
୧୭. ମହିଳା ସାକ୍ଷରତା ହାର - ୫୩.୧୮%
୧୮.ଜନସଂଖ୍ୟା ବୃଦ୍ଧି ହାର - ୧୩.୦୬%
୧୯.ଜନସଂଖ୍ୟା ଘନତ୍ୱ - ୨୪୧ / ବର୍ଗ କି.ମି
୨୦. ୧୦୦୦ପୁରୁଷରେ ମହିଳା ସଂଖ୍ୟା - ୧୦୦୫
୨୧.ରାଜସ୍ୱ ନିରୀକ୍ଷକ ମଣ୍ଡଳ - ୮୬
୨୨. ନିଆଁଲିଭା କେନ୍ଦ୍ର - ୦୬
୨୩.ଲୋକସଭା ଆସନ ସଂଖ୍ୟା - ୧
୨୪ ଜଙ୍ଗଲ ଜମି - ୪୩୯୨ ବର୍ଗ କି.ମି
୨୫.ହାରାହାରି ତାପମାତ୍ରା -ସର୍ବନିମ୍ନ ୪୨°
-ସର୍ବୋଚ୍ଚ ୩୦°
୨୬. ସାଧାରଣ ବୃଷ୍ଟିପାତ -୧୬୦୦.୬ ମି.ମି.
୨୭. ମୋଟର ଯାନ ପଞ୍ଜିକୃତ କୋଡ୍ - ଓ.ଡି. ୧୧
୨୮.ପର୍ଯ୍ୟଟନସ୍ଥଳୀ - ବାରିପଦା, ଭିମକୁଣ୍ଡ, ବିଶୋଇ, ଦେଓକୁଣ୍ଡ, ହରିପୁର, ଜାମଶୋଲା, ଜସିପୁର, ଖିଅଁଙ୍, କୁଚେଇ, କୁଲିଆନା, ମନାତ୍ରୀ, ରାଇରଙ୍ଗପୁର, ଶିମିଳିପାଳ ଜାତୀୟ ପାର୍କ, ସାମିବୃକ୍ଷ, ଉଲେଇପଟ୍।

## ପର୍ବପର୍ବାଣୀ

### ଡିସେମ୍ବର, ୨୦୨୧

| | ସୂର୍ଯ୍ୟୋଦୟ | ସୂର୍ଯ୍ୟାସ୍ତ |
|---|---|---|
| ତା.୧ | ଘ୬/୦୮ | ଘ୫/୦୨ |
| ତା.୧୦ | ଘ୬/୧୩ | ଘ୫/୦୪ |
| ତା.୨୦ | ଘ୬/୧୯ | ଘ୫/୦୮ |
| ତା.୩୧ | ଘ୬/୨୫ | ଘ୫/୧୪ |

ତା.୨ ମାଣବସା ଗୁରୁବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା
ତା.୩ ଚନ୍ଦ୍ରକ୍ଷୟ, ନିଶିପାଳନ, ଦେବ ଦୀପାବଳୀ ଆରମ୍ଭ ଓ ହଳ ନିଷେଧ
ତା.୪ ମହୋଦଧି ଅମାବାସ୍ୟା,ମଧ୍ୟ ଦେବ ଦୀପାବଳୀ ଓ ହଳ ନିଷେଧ
ତା.୫ ଦେବ ଦୀପାବଳୀ ସମାପ୍ତି ଓ ଚନ୍ଦ୍ର ଦର୍ଶନ
ତା.୬ ରମ୍ଭା ତୃତୀୟା
ତା.୭ ଶରଣ ଆରମ୍ଭ
ତା.୮ କୁରାଳ ପଞ୍ଚମୀ
ତା.୯ ଓଢ଼ଣ ପ୍ରାବରଣ ଷଷ୍ଠୀ
ତା.୧୧ ଶରଣ ଶେଷ
ତା.୧୪ ମୋକ୍ଷଦା ଏକାଦଶୀ ଓ ହ.ନି
ତା.୧୫ ବ୍ୟଞ୍ଜନ ଦ୍ୱାଦଶୀ ଓ ମାସାନ୍ତ
ତା.୧୬ ଧନୁ ସଂକ୍ରାନ୍ତି, ପହିଲି ଭୋଗ, ମାଣବସା ଶେଷ ଗୁରୁବାର, ଲକ୍ଷ୍ମୀ ନାରାୟଣ ପୂଜା, ଅନଙ୍ଗ ତ୍ରୟୋଦଶୀ ଓ ଗୀତା ଜୟନ୍ତୀ
ତା.୧୭ ପାଷାଣ ଚତୁର୍ଦ୍ଦଶୀ, ଶିବ ଚତୁର୍ଦ୍ଦଶୀ ଓ ବେଢ଼ା ପରିକ୍ରମା
ତା.୧୮ ପଣ୍ଡୁ ଓଷା ଓ ପୂର୍ଣ୍ଣିମାର ଚନ୍ଦ୍ରପୂଜା
ତା.୧୯ ପଣ୍ଡୁ ପୂର୍ଣ୍ଣିମା
ତା.୨୦ ଦାଣ୍ଡ ପହଁରା ଓ ବାଟଓଷା
ତା.୨୫ ଯୀଶୁଖ୍ରୀଷ୍ଟଙ୍କ ଜନ୍ମ (ବଡ଼ଦିନ)
ତା.୨୭ ସାମନ୍ତ ଚନ୍ଦ୍ରଶେଖରଙ୍କ ଜୟନ୍ତୀ
ତା.୩୦ ସଫଳା ଏକାଦଶୀ ଓ ହ.ନି
ତା.୩୧ ବର୍ଷ ଶେଷ

**ବିବାହ : ତା. ୧୨/୧୩/୧୪ ରିଖ**

### ଜାନୁଆରୀ, ୨୦୨୨

| ତା. | ସୂର୍ଯ୍ୟୋଦୟ | ସୂର୍ଯ୍ୟାସ୍ତ |
|---|---|---|
| ୧. | ଘ. ୬.୨୫ | ଘ. ୫.୧୫ |
| ୧୦. | ଘ. ୬.୨୭ | ଘ. ୫.୨୦ |
| ୨୦. | ଘ. ୬.୨୮ | ଘ. ୫.୨୭ |
| ୩୧. | ୬.୨୬ | ଘ. ୫.୩୪ |

୧. ଇଂରାଜୀ ନୂତନ ବର୍ଷ ଆରମ୍ଭ, ଶିବ ଚତୁର୍ଦ୍ଦଶୀ ଉପବାସ
୨. ବକୁଳ ଅମାବାସ୍ୟା, ଶ୍ରୀଜିଉଙ୍କ ବକୁଳ ଲାଗି
୩. ଶରଣ ଆରମ୍ଭ
୭. ଶରଣ ଶେଷ
୮. ବରଗଡ଼ରେ ଧନୁଯାତ୍ରାରମ୍ଭ
୧୨. ଶାମ୍ବ ଦଶମୀ,
୧୩. ପୁତ୍ରଦା ଏକାଦଶୀ, ମାସାନ୍ତ, ଭୋଗୀ ଲକ୍ଷ୍ମୀନାରାୟଣ ବ୍ରତ
୧୪. ମକର ସଂକ୍ରାନ୍ତି , ମକାର ମେଳା,ପୋଙ୍ଗଲ
୧୬. ଶିବ ଚତୁର୍ଦ୍ଦଶୀ ଉପବାସ
୧୭. ପୌଷ ପୂର୍ଣ୍ଣିମା, ଚନ୍ଦ୍ରୋପବାସ ପୂଜା ଓ ଅର୍ଘ୍ୟଦାନ
୧୮. ମାଘ ବ୍ରତାରମ୍ଭ, ପୁଷ୍ୟାଭିଷେକ
୨୮. ଷଟତିଳା ଏକାଦଶୀ (ସ୍ମା) ଓଳାଶୁଣୀ ମେଳା
୨୯. ବୈଷ୍ଣବସମ୍ମତ ଏକାଦଶୀ
୩୦. ଶିବ ଚତୁର୍ଦ୍ଦଶୀ ଉପବାସ, ଶରଣ ଆରମ୍ଭ
୩୧. ରଟନ୍ତି ଚତୁର୍ଦ୍ଦଶୀ ସ୍ନାନ

## ବିଭିନ୍ନ ଦିବସ ପାଳନ

ତା୧ - ବିଶ୍ୱ ଏଡ଼ସ ଦିବସ
ତା୨ - ମହମ୍ମଦଙ୍କ ଜନ୍ମ ଦିବସ
ତା୩ - ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ
ତା୪ - ନୌବାହିନୀ ଦିବସ
ତା୫ - ଆନ୍ତର୍ଜାତିକ ସ୍ୱେଚ୍ଛାସେବୀ ଦିବସ
ତା୭ - ପଦାତିକ ବାହିନୀ ପତାକା ଦିବସ
ତା୧୦- ସାମନ୍ତ ଚନ୍ଦ୍ରଶେଖରଙ୍କ ଜୟନ୍ତୀ
ତା୧୦- ବିଶ୍ୱ ମାନବାଧିକାର ଦିବସ
ତା୧୧- ୟୁନିସେଫ୍ ଦିବସ
ତା୧୩- ମହାପୁରୁଷ ମହମ୍ମଦଙ୍କ ଜନ୍ମ ଦିବସ
ତା୧୪- ଜାତୀୟ ଶକ୍ତି ସଂରକ୍ଷଣ ଦିବସ
ତା୧୯- ପଠାଣୀ ସାମନ୍ତ ଚନ୍ଦ୍ରଶେଖରଙ୍କ ଜୟନ୍ତୀ
ତା୧୭- ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଜୟନ୍ତୀ
ତା୧୯- ଗୋଆ ମୁକ୍ତି ଦିବସ
ତା୨୩- କୃଷକ ଦିବସ
ତା୨୫- ବଡ଼ ଦିନ (ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନ)
ତା୨୬- ମୁକ୍ତି ଯୁଦ୍ଧ ଦିବସ

ତା୧ - ବିଶ୍ୱ ପରିବାର ଦିବସ, ବିଶ୍ୱ ଶାନ୍ତି ଦିବସ
ତା୨ - ପଠାଣି ସାମନ୍ତଙ୍କ ଜୟନ୍ତୀ
ତା୩ - ନିରବତା ଦିବସ
ତା୯ - ପ୍ରବାସୀ ଭାରତୀୟ ଦିବସ
ତା୧୦- ବିଶ୍ୱ ହସ ଦିବସ
ତା୧୨- ବିବେକାନନ୍ଦ ଜୟନ୍ତୀ, ଜାତୀୟ ଯୁବ ଦିବସ
ତା୧୪- ବ୍ୟାସକବି ଫକୀରମୋହନ ଜୟନ୍ତୀ
ତା୧୫- ଆର୍ମି ଦିବସ
ତା୨୩- ନେତାଜୀ ସୁଭାଷ ଚନ୍ଦ୍ର ଜୟନ୍ତୀ
ତା୨୫- ଜାତୀୟ ଭୋଟର ଦିବସ, ପର୍ଯ୍ୟଟନ ଦିବସ
ତା୨୬- ସାଧାରଣତନ୍ତ୍ର ଦିବସ
ତା୨୭- ଅଭିରାମ ପରମହଂସ ଜୟନ୍ତୀ
ତା୨୮- ଲାଲା ଲାଜପତ୍ ରାୟ ଜୟନ୍ତୀ
ତା୩୦- ସହିଦ ଦିବସ, ମହାତ୍ମାଗାନ୍ଧୀ ତିରୋଧାନ ଦିବସ



ଯେ କାମନା ଉପରେ ବିଜୟପ୍ରାପ୍ତ କରିଛି, ସେ ରଙ୍କ ହେଲେ ମଧ୍ୟ ରାଜା ଏବଂ ଯେ କାମନାରେ ଦାସ ସେ ବାଦଶାହ ହୋଇଥିଲେ ମଧ୍ୟ କାଙ୍ଗାଳ।

# AMARISATYA YouTube CHANNEL


( PLEASE SUBSCRIBE / LIKE / SHARE)















Postal Regd. No. : PURI-33/2019-21

Volume-12 I Issue No.-6 I Monthly I December. 2021 I RNI Regn. No. - ODI/ODI/2010/350521 I Page-36











Printed & Published by Dr. Prasanna Kumar Jena Owned by "AMARISATYA" M-1/5, Mukunda Prasad Housing Board Colony, Post-P.N. College, Dist-Khordha, Printed at - NISWASS-CEDEC Press, Chandrasekharpur, BBSR-23, Published From- "AMARISATYA", Mukunda Prasad Housing Board Colony, Post-P.N. College, Dist-Khordha, Pin-752057

Editor : Dr. Prasanna Kumar Jena

Founder : Dr. Pramod Chandra Dash